

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-22 ◆WEDNESDAY ◆16 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨ ◆ବୁଧବାର ◆୧୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ନିର୍ଯାତନା ନିଆଁ**

# କ୍ରୋଧରେ ଜଳୁଛି ସାରା ଓଡ଼ିଶା

## ପଳାସିଆରେ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଲେ ହଜାରହଜାର ଅଞ୍ଚଳବାସୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ସାରା ଓଡ଼ିଶା ସ୍ତବ୍ଧ। ବିଫଳ ସରକାରୀ ବ୍ୟବସ୍ଥା, ଶାସନ ଗାଦିରେ ବସିଥିବା ନେତାଙ୍କ ଚରମ ଦାୟିତ୍ୱହୀନତା ଜଣେ ଛାତ୍ରୀର ଜୀବନ ନେଇଗଲା। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଥିବା ସୌମ୍ୟାଶ୍ରୀ ଜୀବନଯୁଦ୍ଧରେ ହାରିଗଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସରକାର, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ନିଜ ଦଳର ନେତାଙ୍କ ଉପରୁ ଆସ୍ଥା ହରାଇ ନିଜ ଦେହରେ ନିଆଁ ଲଗାଇ ଦେଲା। ଶେଷରେ ବ୍ୟବସ୍ଥାକୁ ବିଦ୍ରୂପ କରି ଆଖି ବୁଜିଦେଲା। ରାତାରାତି ସୌମ୍ୟାଶ୍ରୀର ଶବକୁ ସରକାର ପୁଲିସ ଲଗାଇ ତା'ର ଗାଁକୁ ପଠାଇଦେଲେ। ବାଲେଶ୍ୱରର ସୁଦୂର ପଳାଶିଆ ଗାଁ ମାଟିରେ ସୌମ୍ୟାଶ୍ରୀଙ୍କ ଚିତା ଜଳିଛି ଓ ଏହି ଚିତାରେ ମଧ୍ୟ ଜଳିଛି ସରକାରଙ୍କ ବାହାସ୍ଫୋଟ, ଦମ୍ଭ, ବେପରୁଆ ମାନସିକତା। ଯାହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି କ୍ଷୋଭ, କ୍ରୋଧ। ମାଲକାନଗିରିରୁ ମୟୂରଭଞ୍ଜ ଯାଏ ଉଠିଛି ପ୍ରତିବାଦର ସ୍ୱର। ସରକାର କ'ଣ ଏମିତି ଚାଲେ ବୋଲି ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି। ସୌମ୍ୟାଶ୍ରୀର ଅକାଳ ମୃତ୍ୟୁ ପାଇଁ ଉତ୍ତରଦାୟୀ କିଏ ? ଶାସନ ଓ ବ୍ୟବସ୍ଥାର ଦୋଛକିରେ ଚାଲିଗଲା ନୀରିହ ଛାତ୍ରୀର ଜୀବନ। ଏକ ପକ୍ଷରେ ବିଜେଡି ଏହାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ଦଳମତ ନିର୍ବିଶେଷରେ ସାଧାରଣରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ସୁଦୂର ମାଲକାନଗିରିରୁ ଭୁବନେଶ୍ୱର ଯାଏଁ ପ୍ରତିବାଦର ନିଆଁ ଜଳିଛି। ମୁଖ୍ୟମନ୍ତ୍ରୀଙ୍କ, ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ଛାତ୍ର, ▶ପୃଷ୍ଠା-୭

- ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ପ୍ରତିବାଦର ସ୍ୱର
- ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି
- ଆଜି ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡକରା
- ୧୭ରେ ଓଡ଼ିଶା ବନ୍ଦ କରିବେ କଂଗ୍ରେସ ଓ ସହଯୋଗୀ



## ବ୍ୟବସ୍ଥା ଦ୍ୱାରା ଏକ ସଂଗଠିତ ହତ୍ୟା: ରାହୁଲ



■ **ଭୁବନେଶ୍ୱର, ୧୫।୭ (ସମିସ):** ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ନେଇ ଡବଲ ଇଂଜିନ ସରକାରକୁ ଭର୍ତ୍ସନା କରିଛନ୍ତି ଲୋକସଭାର ବିରୋଧୀଦଳ ନେତା


**ନ୍ୟାୟ ପାଇଁ ଲଢ଼ି ଆତ୍ମାହୁତି: ପ୍ରିୟଙ୍କା**

ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପିର ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା। ସାହସୀ ଛାତ୍ରୀ ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ; କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ଚାଲିଥିଲେ। ପ୍ରତ୍ୟେକ ଥର ପରି ଏଥର ମଧ୍ୟ ବିଜେପିର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଫଳରେ ଏକ ନିର୍ଦ୍ଦୋଷ ଝିଅ ନିଜକୁ ଜାଳି ଦେବାକୁ ବାଧ୍ୟ ହୋଇଥିଲା। ଓଡ଼ିଶା ହେଉ ▶ପୃଷ୍ଠା-୭

## ଯୋଜନାବଦ୍ଧ ଅନ୍ୟାୟ: ନବୀନ

**ବିଫଳ ବ୍ୟବସ୍ଥା, ଆନୁଷ୍ଠାନିକ ବିଶ୍ୱାସଘାତକତା**

**ମୃତ୍ୟୁର ଉତ୍ତରଦାୟୀ ରୁହନ୍ତୁ କ୍ଷମତାସୀନ ବ୍ୟକ୍ତି**



■ **ଭୁବନେଶ୍ୱର, ୧୫।୭ (ସମିସ):** ଏମ୍ସରେ ଚିକିତ୍ସିତ ଥିବା ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ଅନ୍ୟାୟ ଏବଂ ଏଥିପାଇଁ ବିଫଳ ସରକାରୀ ବ୍ୟବସ୍ଥା ଦାୟୀ ବୋଲି ଉଲ୍ଲେଖ କରି ଏହା ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ ବୋଲି କହିଛନ୍ତି। କେହି ଜଣେ ଉତ୍ତରଦାୟିତ୍ୱ ନେଇ ଘଟଣାର ହସ୍ତକ୍ଷେପ କରିଥିଲେ, ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ତେଣୁ କେବଳ କଲେଜ କର୍ତ୍ତୃପକ୍ଷ ନୁହନ୍ତି; କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ହୁଅନ୍ତୁ। ରାଜ୍ୟପାଳ ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ▶ପୃଷ୍ଠା-୭

# ପଞ୍ଚଭୂତରେ ଲୀନ ସୌମ୍ୟାଶ୍ରୀ



■ **ବାଲେଶ୍ୱର, ୧୫।୭ (ସମିସ):** ଘର-ପରିବାର, ବନ୍ଧୁ-ବାନ୍ଧବ, ସାଙ୍ଗସାଥୀ ଏବଂ ଛାତ୍ର ରାଜନୀତିରେ ସକ୍ରିୟ ଥିବାରୁ ବେଶିରୁ ବେଶି କଲେଜ ପରିସର ଭିତରେ ସୀମିତ ଥିବା ସାଧାରଣ ଘରର ଝିଅଟି କିଛି ଦିନ ଭିତରେ ପୂରା ରାଜ୍ୟବାସୀଙ୍କ ଝିଅ ପାଲଟିଗଲା। ତା'ର ସଂଘର୍ଷ, ଯନ୍ତ୍ରଣାର କାହାଣୀକୁ ନେଇ ସବୁରି ମନରେ କ୍ରୋଧ ଓ କ୍ଷୋଭ। ୬ ମାସ ଧରି ନ୍ୟାୟ ପାଇଁ ଲଢ଼େଇ କରି ହାରିଯିବା ପରେ ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ପୈତୃକ ଗ୍ରାମ ଭୋଗରାଇ ବ୍ଲକ୍ ପଳାସିଆରେ ଆଜି ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଚିତା ଜଳିଛି। ବ୍ୟବଚ୍ଛେଦ ପରେ ସୌମ୍ୟାଶ୍ରୀଙ୍କ ମରଶରୀର ଗତକାଲି ମଧ୍ୟରାତ୍ରିରେ ଭୁବନେଶ୍ୱର ଏମ୍ସରୁ କଡ଼ା ସୁରକ୍ଷାବଳୟ ବାହାରିଥିଲା। ଆଜି ସକାଳୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଳାସିଆ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ପ୍ରଶାସନ, ନେତୃବର୍ଗ ସୌମ୍ୟାଶ୍ରୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପରେ ଗାଁ ମଶାଣିରେ ସୌମ୍ୟାଶ୍ରୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ଭାଇ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ୪୦ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନର ନେତୃବର୍ଗ ଓ କଲେଜ ଛାତ୍ରଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାଲେଶ୍ୱର ଫୁଲାଡ଼ି ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ ଦତ୍ତ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀରକୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନ୍ମମାଟି ପଳାସିଆରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏସଡିପିଓ ମାନସ ସାହୁ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀର ସହ ▶ପୃଷ୍ଠା-୭

## ଦୋଷୀଙ୍କୁ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ମୁଖ୍ୟମନ୍ତ୍ରୀ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା**

# ମହାକାଶରୁ ଫେରିଲେ ଶୁଭାଂଶୁ

## କାଲିଫର୍ଣ୍ଣିଆ ଉପକୂଳରେ ସୁରକ୍ଷିତ ଅବତରଣ



**୧୨.୨ ନିୟୁତ କିମି ଯାତ୍ରା କରି ପ୍ରତ୍ୟାବର୍ତ୍ତନ**

■ **କାଲିଫର୍ଣ୍ଣିଆ, ୧୫।୭ (ଏଜେନ୍ସି):** ଭାରତର ଗଗନଯାନ ଯାତ୍ରୀ ତଥା ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ପୃଥିବୀକୁ ଫେରିଛନ୍ତି। ପ୍ରଥମ ଭାରତୀୟ ମହାକାଶ ଯାତ୍ରୀ ଭାବେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିଲେ। ଆଇଏସଏସରେ ଦୀର୍ଘ ୧୮ ଦିନ ରହିବା ପରେ ଦୀର୍ଘ ୨୨.୫ ଘଣ୍ଟାର ଯାତ୍ରା କରି ଶୁଭାଂଶୁ ମଙ୍ଗଳବାର ଅପରାହ୍ଣ ୩ଟା୨ରେ ସାନ୍ ଡିଏଗୋ ନିକଟସ୍ଥ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛନ୍ତି। ସ୍ପେସ୍ଏକ୍ସର 'କ୍ରୁ କ୍ୟାପ୍ସୁଲ ଗ୍ରେସ' ଶୁଭାଂଶୁଙ୍କ ସହିତ ଅନ୍ୟ ତିନି ମହାକାଶ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ମହାସାଗରରେ ପଡ଼ିଛି। ଏହାର ୫୦ ମିନିଟ ପରେ ଏହି ମହାକାଶଯାନରୁ ଶୁଭାଂଶୁଙ୍କୁ ବାହାରକୁ ବାହାର କରାଯାଇଥିଲା। ସେ ଅଗଷ୍ଟ ୧୭ରେ ଭାରତ ଫେରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଐତିହାସିକ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଜଣାଇଛନ୍ତି। ଶୁଭାଂଶୁ ନିଜ ସମର୍ପଣ, ସାହସ ଦ୍ୱାରା ଅନେକ ସ୍ୱପ୍ନକୁ ପ୍ରେରଣା ଯୋଗାଇଛନ୍ତି। ଏହା ଭାରତର ନିଜସ୍ୱ ମହାକାଶ ଅଭିଯାନ ଗଗନଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୋଦୀ କହିଛନ୍ତି। ପୁଅ ଫେରିବାକୁ ନେଇ ଶୁଭାଂଶୁଙ୍କ ▶ପୃଷ୍ଠା-୭

## ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କଲା ୟୁଜିସି

■ **ଭୁବନେଶ୍ୱର, ୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ପକ୍ଷରୁ ମଙ୍ଗଳବାର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ନୂଆଦିଲ୍ଲୀସ୍ଥିତ ଗୁରୁଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ସମେତ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିରଜା ଗୁପ୍ତା ଏବଂ ସଂଯୋଜକ ଭାବେ ଡଃ ଅସୀମା ମଙ୍ଗଲା(ୟୁଜିସି ଯୁଗ୍ମ ସଚିବ) ରହିଛନ୍ତି। ଏହି କମିଟି ବାଲେଶ୍ୱରରେ ସରଜମିନ୍ ତଦନ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଶିକ୍ଷାନୁଷ୍ଠାନ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଥିଲା ତାହା ତଦାରଖ କରିବେ। କେଉଁ ପରିସ୍ଥିତିରେ ସମ୍ପୃକ୍ତା ଛାତ୍ରୀ ଆତ୍ମହତ୍ୟା କଲେଜ, ତାଙ୍କ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନିଆଯାଇଥିଲା ଓ ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଲେଜରେ କି ବ୍ୟବସ୍ଥା ରହିଛି ଆଦି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ୭ ଦିନ ମଧ୍ୟରେ କମିଟି ନିଜର ରିପୋର୍ଟ ୟୁଜିସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

**ସପ୍ତାହକ ମଧ୍ୟରେ ଦେବ ରିପୋର୍ଟ**

## ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଦଫା

■ **ବାଲେଶ୍ୱର, ୧୫।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗତକାଲି ଗିରଫ ହୋଇଥିବା ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଅଧ୍ୟକ୍ଷଙ୍କ ନାମରେ ୭ଟି ସଙ୍ଗୀନ ଦଫା ଲଗାଯାଇଛି। ଏହା ଭିତରେ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇବା (ବିଏନ୍ଏସ୍-୧୦୮) ଭଳି ସଂଗିନ୍ ଦଫା ରହିଛି। ସେହିପରି ଅନ୍ୟ ଦଫାଗୁଡ଼ିକ ହେଲା, ଶାରୀରିକ ନିର୍ଯାତନା ଦେବା ବିଏନ୍ଏସ୍-୭୫(୨), ଶାରୀରିକ ସମ୍ପର୍କ ରଖିବା ପାଇଁ ଇଚ୍ଛା ପ୍ରକାଶ କରିବା ବିଏନ୍ଏସ୍-୭୮(୨), କଥାରେ କିମ୍ବା ଇଙ୍ଗିତରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିବା ବିଏନ୍ଏସ୍-୭୯, ଧମକ ଦେବା ବିଏନ୍ଏସ୍-୩୫୧(୨), ଜାଣିଶୁଣି ପ୍ରମାଣ ଲୁଚାଇବା ବିଏନ୍ଏସ୍-୨୩୮ ଏବଂ ମିଳିତ ଭାବେ ଷଡ଼ଯନ୍ତ୍ର କରିବା ବିଏନ୍ଏସ୍-୬୧(୨) ଇତ୍ୟାଦି।

# ଆଜି ପ୍ରବଳ ବର୍ଷା ଆଶଙ୍କା

■ **ଭୁବନେଶ୍ୱର, ୧୫।୭ (ସମିସ):** ଦକ୍ଷିଣ-ପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା, ବାଂଲାଦେଶ ଉପକୂଳ ଅଞ୍ଚଳରେ ସକ୍ରିୟ ଥିବା ଅବପାତ ସାମାନ୍ୟ ଦୁର୍ବଳ ହୋଇ ସଦୃଶ ଲଘୁଚାପର ରୂପ ନେଇଛି। ବର୍ତ୍ତମାନ ଏହା ଉତ୍ତର ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳ ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡ, ଦକ୍ଷିଣ ବିହାର ଓ ଉତ୍ତରପ୍ରଦେଶ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳେ ଆଉ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି କିଛି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।



ବିଶେଷକରି ଉତ୍ତର-ପଶ୍ଚିମ ଓଡ଼ିଶାରେ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପ୍ରଭାବରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ଆଶଙ୍କା ରହିଛି। ଫଳରେ ଏହି ସବୁ ନଦୀରେ ବନ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆସନ୍ତା ୨୪ଘଣ୍ଟା ପାଇଁ ବିଶେଷ କରି ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲା ପାଇଁ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଜଳ ପ୍ରବାହ ସ୍ଥିତି ଯୋଗୁଁ ସାମ୍ଭାବ୍ୟ ଅଚାନକ ବନ୍ୟା ପରିସ୍ଥିତି ବା ଫ୍ଲାସଫ୍ଲଡ ହେବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ସତର୍କ ରହିବା ପାଇଁ ସୂଚୀତ କରାଯାଇଛି। ବନ୍ୟା ଦ୍ୱାରା ପନିପରିବା ଫସଲ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଜଳବନ୍ଦୀ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ▶ପୃଷ୍ଠା-୭

# ୨୦ ଲକ୍ଷ ଲୋକଙ୍କ ପେଟକୁ ଦାନା ବନ୍ଦ

■ **ଭୁବନେଶ୍ୱର, ୧୫।୭ (ସମିସ):** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି। ସେଥିପାଇଁ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଇ-କେୱାଇସି କରିବା ପରେ ସରକାର ଚାଉଳ ଦେବେ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ସେ କହିଛନ୍ତି ଯେ ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରାଯିବ ଓ କାର୍ଡଗୁଡ଼ିକୁ ସେହି ସମୟରେ ଅଚଳ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନ କରିବେ, କାର୍ଡଗୁଡ଼ିକୁ କାଟି ଦିଆଯିବ।

ରାସନ କାର୍ଡରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଯେଉଁମାନେ ଏହି ପ୍ରକ୍ରିୟାରେ କୌଣସି କାରଣବଶତଃ ସାମିଲ ହୋଇପାରିବେନି, ସେମାନଙ୍କ ଘରକୁ ଯାଇ ଯୋଗାଣ ବିଭାଗର ଅଧିକାରୀମାନେ ତାଙ୍କର ସ୍ଥିତବସ୍ଥା ଯାଞ୍ଚ କରିବେ। ସେମାନେ ରାଜ୍ୟ ବାହାରେ ଥିଲେ ଅବା କୌଣସି କାରଣବଶତଃ ଇ-କେୱାଇସି କରିପାରିନଥିବେ, ଯାଞ୍ଚ କରି ସେହି ଅନୁସାରେ ପଦକ୍ଷେପ ନେବେ। ବାସ୍ତବରେ କେତେ ଯୋଗ୍ୟ ହିତାଧିକାରୀ ରାସନ ପାଉଛନ୍ତି, ଚିହ୍ନଟ ପାଇଁ ଯୋଗାଣ ବିଭାଗ


## ଚିନ୍ତାରେ ପ୍ରବାସୀ ଶ୍ରମିକ ଓ ବରିଷ୍ଠ ନାଗରିକ

ଏଭଳି ବ୍ୟବସ୍ଥା ଆପଣାଇଛି ବୋଲି ଯୋଗାଣ ମନ୍ତ୍ରୀ ସେତେବେଳେ କହିଥିଲେ; ମାତ୍ର ଏବେ ଇ-କେୱାଇସି କରିନଥିବା ଲୋକଙ୍କୁ ରାସନ ମିଳିବନି ବୋଲି ମନ୍ତ୍ରୀ କହିବା ଅନେକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଏହାପରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କର ଭାଳେଣି ପଡ଼ିଛି। ସେମାନେ ବାହାରେ ରହୁଥିବାରୁ ଇ-କେୱାଇସି କରିପାରୁନାହାନ୍ତି। ଏପରିସ୍ଥଳେ ଚାଉଳ ନ ମିଳିଲେ ଗରିବ ଲୋକ କେମିତି ଗୁଜୁରାଣ ମେଣ୍ଟାଇବେ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି।

ବର୍ଷକ ତଳେ ରାଜ୍ୟରେ ଇ-କେୱାଇସି ଆରମ୍ଭ ହୋଇଥିଲା। ରାସନ ଡିଲର୍‌ମାନେ ପରିବାର ସମସ୍ତଙ୍କର ଆଧାରକାର୍ଡ ଅନୁସାରେ ଇ-କେୱାଇସି କରୁଥିଲେ। ବାହାରେ ରହୁଥିବା ଲୋକମାନେ ଅସୁବିଧାରେ ପଡ଼ିଲେ। ସରକାର କହିଲେ, ଜନସେବା କେନ୍ଦ୍ର ସାହାଯ୍ୟରେ ବି ଲୋକମାନେ ନିଜର ଇ-କେୱାଇସି ଅପ୍‌ଡେଟ୍ କରିବେ। ହେଲେ ଏହି ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ତେଣୁ ଲୋକମାନେ ବାହାରେ ରହୁଥିବାରୁ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ। ରାଜ୍ୟରେ ପାଖାପାଖି ୮୫ ଲକ୍ଷ ରାସନ କାର୍ଡ ରହିଛି। ୩କୋଟିରୁ ଊର୍ଦ୍ଧ୍ୱ ଲୋକ ରାସନ ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଲୋକ ଇ-କେୱାଇସି କରିସାଲେଣି। ବାକି ୩୦ ପ୍ରତିଶତ ଭିତରେ ଅଧିକାଂଶ ବୃଦ୍ଧା/ବୃଦ୍ଧା ଅଛନ୍ତି। ସେମାନଙ୍କର ବୟସାଧିକ କାରଣରୁ ଆଖି ଓ ଟିପ ଦ୍ୱାରା କେୱାଇସି ଅପ୍‌ଡେଟ୍ ହୋଇପାରୁନି। ସେଭଳି କିଛି ଲୋକ ରାଜ୍ୟ ତଥା ଦେଶ ବାହାରେ ବି ଶ୍ରମିକ ଭାବେ କାମ କରୁଛି। ଯେଉଁମାନେ ଇ-କେୱାଇସି କରିବାକୁ ସମର୍ଥ ନୁହନ୍ତି। ତେଣୁ ଏପରିସ୍ଥଳେ ସରକାର ଏମାନଙ୍କ ପାଇଁ ବିକଳ୍ପ ପନ୍ଥା ଆପଣାନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ହଠାତ୍ ଏମିତି ରାସନ ବନ୍ଦ କରିଦେଲେ, ସାଧାରଣ ଲୋକ ସର୍ବହରା ହୋଇଯିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ରାସନ ଯୋଗାଣକୁ ନେଇ ରାଜ୍ୟରେ ବହୁ ଏକାଧିକ ସମସ୍ୟା ରହିଛି। ଏହାକୁ ଯୋଗାଣ ବିଭାଗ ସମାଧାନ କରିବାରେ ବିଫଳ ହୋଇଛି। ବିଶେଷକରି 'ୱାନ୍ ରାସନ୍ ୱାନ୍ ନେସନ୍' ବ୍ୟବସ୍ଥା ୩ ବର୍ଷ ହେଲା ଦେଶରେ ଲାଗୁ ହୋଇଥିଲେ ବି ଏପର୍ଯ୍ୟନ୍ତ ▶ପୃଷ୍ଠା-୭

# ଅଭିନେତା ଧୀରଜ କୁମାରଙ୍କ ପରଲୋକ



ମୁମ୍ବାଇ, ୧୫।୭ (ଏଜେନ୍ସି): ଅଭିନେତା ତଥା ନିର୍ଦ୍ଦେଶକ ଧୀରଜ କୁମାରଙ୍କ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ହେବା ଯୋଗୁଁ ତାଙ୍କୁ ସୋମବାର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲା। ଶେଷରେ ମଙ୍ଗଳବାର ଦ୍ୱିପହରେ ସେ ପ୍ରାଣ ହରାଇ ଥିଲେ। ସେ ନିମୋନିଆରେ ଆକ୍ରାନ୍ତ ଥିଲେ। ଶୁକ୍ରବାର ସକାଳେ ଭିଲେ ପାର୍ଲେ ସ୍ଥିତ ପବନହଂସ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ଚଳଚ୍ଚିତ୍ର ହୀରା ପନ୍ନା, ରୋଟି କପଡ଼ା ଏବଂ ମକାନ, ବହାରେଂ ଫୁଲ ବରସାଓ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଧୀରଜ ଅଭିନୟ କରିଥିଲେ। ମିଲି, ଘର କି ଲକ୍ଷ୍ମୀ ବେଟିଆଁ ଏବଂ ମାଏକା ଆଦିରେ ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ମୃତ୍ୟୁରେ ସିନେ ଜଗତରେ ଶୋକର ଛାୟା ଖେଳି ଯାଇଛି।

# ଆତ୍ମସମର୍ପଣ ପରେ ରାହୁଲ ଗାନ୍ଧୀଙ୍କୁ ଜାମିନ

ଲକ୍ଷ୍ନୌ, ୧୫।୭ (ଏଜେନ୍ସି): ଭାରତୀୟ ସେନା ବିରୋଧରେ ବିବାଦୀୟ ଟିପ୍ପଣୀ ଦେବା ମାମଲାରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେ ସଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଦ୍ୱିପହରେ ଲକ୍ଷ୍ନୌ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହାର ୫ ମିନିଟ ପରେ ଆବେଦନ ଉପରେ ବିଚାର କରି କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଆଲୋକ ବର୍ମା ୨୦ ହଜାର ଟଙ୍କାର ଦୁଇଟି ବଣ୍ଡରେ ରାହୁଲଙ୍କୁ ଜାମିନ ଦେଇଥିଲେ। ରାହୁଲ ପ୍ରାୟ ୩୦ ମିନିଟ ପାଇଁ କୋର୍ଟ ଭିତରେ ରହିଥିଲେ। ପୂର୍ବରୁ ଏହି ମାମଲାରେ ତାଙ୍କୁ କୋର୍ଟ ସମନ ଜାରି କରିଥିଲେ।

# ଶହେ କ୍ରାଇମ ଧାରାବାହିକ ଦେଖି ସ୍ୱାମୀଙ୍କୁ ହତ୍ୟା

ମୁଜଫରପୁର, ୧୫।୭ (ଏଜେନ୍ସି): ବିହାର ମୁଜଫରପୁରରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ପରକୀୟାପ୍ରୀତି ସନ୍ଦେହ କରି ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିଛି। ତେବେ ଏହି ହତ୍ୟା ପାଇଁ ସ୍ତ୍ରୀ ଶହେରୁ ଅଧିକ କ୍ରାଇମ ଧାରାବାହିକ ଦେଖିଥିଲେ। ଗୁଗଲ ଏବଂ ୟୁଟ୍ୟୁବରୁ ହତ୍ୟା କେମିତି କରନ୍ତି ତାହା ଶିଖିଥିଲେ। ପରେ ନୋଟ୍ ବନାଇ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲାବେଳେ ପୁଲିସ ୧୩ ତାରିଖରେ ପତ୍ନୀ ସବା ଫରଦୋସଙ୍କୁ ଗିରଫ କରିଥିଲା। ସେ ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଫରଦୋସ କହିଛନ୍ତି ଯେ ସେ ଅଧିକାରୀ ହେବାକୁ ଚାହୁଁଥିଲେ। ୨୦୧୨ରେ ସେ ସମୟରେ ପଞ୍ଚାୟତ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବା ମୁମତାଜଙ୍କୁ ବିବାହ କରିଥିଲେ। ଉଭୟଙ୍କର ତିନି ଶିଶୁ ଅଛନ୍ତି। କିଛି ଦିନ ତଳେ ଅନ୍ୟ ଜଣେ ମହିଳାଙ୍କ ସହ ସ୍ୱାମୀ ସମ୍ପର୍କ ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ବିରୋଧ କଲେ ମାରପିଟ କରୁଥିଲେ। ଶେଷରେ ଅତିଷ୍ଠ ହୋଇ ୧୭ ଥର ଛୁରା ମାରି ସ୍ୱାମୀଙ୍କୁ ହତ୍ୟା କରିଥିଲି।

# ଛାତ୍ରୀଙ୍କୁ ଦୁଷ୍କର୍ମ କରି ୨ ଅଧ୍ୟାପକ ଓ ବନ୍ଧୁ ଗିରଫ



ବେଙ୍ଗାଲୁରୁ, ୧୫।୭ (ଏଜେନ୍ସି): ଗୁରୁ ଏବଂ ଶିଷ୍ୟର ସମ୍ପର୍କକୁ ବଦ୍‌ନାମ କରିବା ଭଳି ଘଟଣା ସମାଜରେ ବଢ଼ିବାରେ ଲାଗିଛି। ଏବେ ଏଭଳି ଏକ ମାମଲା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। ଏଠାକାର ଏକ ଘରୋଇ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଏବଂ ଜୀବ ବିଜ୍ଞାନ ଅଧ୍ୟାପକ ସନ୍ଦୀପ ଏବଂ ତାଙ୍କ ବନ୍ଧୁ ଅନୁପ ମିଶି ଜଣେ ଛାତ୍ରୀଙ୍କୁ ଅନେକ ଥର ଦୁଷ୍କର୍ମ କରିଛନ୍ତି। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଛି। ବେଙ୍ଗାଲୁରୁ ପୁଲିସ ସୂଚନା ଅନୁଯାୟୀ ନରେନ୍ଦ୍ର ଛାତ୍ରୀଙ୍କୁ ନୋଟ୍ ଦେବା ବାହାନାରେ ବେଙ୍ଗାଲୁରୁ ଡାକିଥିଲେ। ପରେ ତାଙ୍କ ବନ୍ଧୁ ଅନୁପଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡିତାଙ୍କ ସହ ନରେନ୍ଦ୍ରର ଏକ ଭିଡିଓ କ୍ଲିପ୍‌କୁ ସନ୍ଦୀପ ରେକର୍ଡ କରି ନେଇଥିଲେ। ସେ ଏହି ଆଧାରରେ ପୀଡିତାଙ୍କୁ ବ୍ଲାକମେଲ୍ କରି ଅନେକ ଦିନ ଧରି ବଳାତ୍କାର କରିଥିଲେ। ତୃତୀୟ ଅଭିଯୁକ୍ତ ଅନୁପ ମଧ୍ୟ ତାଙ୍କ ପ୍ରକୋଷ୍ଠକୁ ଆସୁଥିବାର ସିସିଟିଭି ଫୁଟେଜ୍ ଥିବା ଦାବି କରି ଛାତ୍ରୀଙ୍କୁ ଧମକ ଦେଇଥିଲେ। ମାସେ ତଳେ ଏହି ଘଟଣା ଘଟିଥିଲା। କିନ୍ତୁ କିଛି ଦିନ ତଳେ ଛାତ୍ରୀ ମାତାପିତାଙ୍କୁ ଏହି ସୂଚନା ଦେଇଥିଲେ।

# ‘ସଞ୍ଜୟ ଦତ୍ତଙ୍କ ଯୋଗୁଁ ମୁମ୍ବାଇରେ ହୋଇଥିଲା ବିସ୍ଫୋରଣ’

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ମୁମ୍ବାଇରେ ୧୯୯୩ରେ ହୋଇଥିବା ବୋମା ବିସ୍ଫୋରଣକୁ ଅଟକା ଯାଇ ପାରିଥାନ୍ତା। ଅଭିନେତା ସଞ୍ଜୟ ଦତ୍ତ ଚାହିଁଥିଲେ ଏହା ହୋଇ ନ ଥାଆନ୍ତା। ସେ ଯେଉଁ ଗାଡ଼ିରୁ ଏକେ-୪୭ ବନ୍ଧୁକ ଧରିଥିଲେ ତାହାର ସୂଚନା ପୁଲିସକୁ ଯଦି ଦେଇଥାନ୍ତେ ତେବେ କେବେ ବି ବିସ୍ଫୋରଣ ହୋଇ ନ ଥାଆନ୍ତା। ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ ଉଜ୍ଜ୍ୱଲ ନିକମ ଏହି ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ବିସ୍ଫୋରଣର କିଛି ଦିନ ପୂର୍ବରୁ ଆତଙ୍କବାଦୀ ଦାଉଦ ଇବ୍ରାହିମ ଗୋଷ୍ଠୀର ସଦସ୍ୟ ଆବୁ ସାଲେମ (ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଭ୍ୟାନ୍ ଧରି ସଞ୍ଜୟ ଦତ୍ତଙ୍କ ଘରକୁ ଆସିଥିଲା। ଏଥିରେ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଏକେ-୪୭ ଥିଲା। ସଞ୍ଜୟ ଏଥିରୁ କିଛି ଅସ୍ତ୍ରଶସ୍ତ୍ର ନେଇଥିଲା। ପରେ ସେ ସମସ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଏକେ-୪୭ ରଖିଥିଲେ। ସେ ଏ ବିଷୟରେ ପୁଲିସକୁ ସୂଚନା ନ ଦେବାରୁ ୧୩ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଜଣଙ୍କ ମୃତ୍ୟୁ ହୋଇଥିଲା।

# ୫ ବର୍ଷରେ ୬୫ ବିମାନ ଇଞ୍ଜିନ ବନ୍ଦ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଭାରତରେ ଗତ ୫ ବର୍ଷରେ ଉଡ଼ାଣ କରିବା ସମୟରେ କିମ୍ବା ଆକାଶ ମାର୍ଗରେ ଥିବାବେଳେ ୬୫ ବିମାନର ଇଞ୍ଜିନ ବନ୍ଦ (ସଟ୍‌ଡାଉନ) ହୋଇଯାଇଛି। ଅର୍ଥାତ୍ ମାସକୁ ଅତିକମରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ ହୋଇଛି। ତେବେ ସବୁ ମାମଲାରେ ପାଇଲଟ୍ ଗୋଟିଏ ଇଞ୍ଜିନରେ ବିମାନକୁ ନିକଟସ୍ଥ ବିମାନବନ୍ଦରକୁ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏକ ସୂଚନା ଅଧିକାର (ଆରଟିଆଇ) ବଳରେ ଡିଜିସିଏ ପକ୍ଷରୁ ଟାଇମ୍ସ ଅଫ୍ ଇଣ୍ଡିଆକୁ ଏହି ସୂଚନା ମିଳିଛି। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୭ ମାସରେ ୧୧ ବିମାନ ‘ମେଡେ’କଲ୍ କରିଛନ୍ତି। ଏଥିରେ ଯାନ୍ତ୍ରିକ ତ୍ରୁଟି ସୂଚନା ଦିଆଯାଇଥିଲା ଏବଂ ଜରୁରୀ ଅବତରଣ ପାଇଁ ଅନୁମତି ମଗା ଯାଇଥିଲା। ଏହା ମଧ୍ୟରୁ ୪ଟି ବିମାନ କେବଳ ହାଇଦରାବାଦରେ ଅବତରଣ କରିଥିଲା।



## ପ୍ରତି ମାସରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ

## ୧୭ ମାସରେ ୧୧ ‘ମେଡେ’ କଲ୍ ଆସିଛି

ଏହି ଆରଟିଆଇ ରିପୋର୍ଟରେ ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର ଏବଂ ଜୁନ୍ ୧୯ରେ ଇଣ୍ଡିଗୋର ଗୌହାଟୀ-ଚେନ୍ନାଇ ବିମାନ ସାମିଲ ନାହିଁ। ଇନ୍ଧନ କମ୍ ହେବା ଯୋଗୁଁ ଏହି ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା।

ଫ୍ରେଞ୍ଚ ଶବ୍ଦ ‘ମେଡେ’ର ଅର୍ଥ ମୋତେ ବଞ୍ଚାଅ। ସାଧାରଣତଃ ରେଡିଓ ମାଧ୍ୟମରେ ଏଟିସି କିମ୍ବା ଆଖପାଖର ଅନ୍ୟ ବିମାନକୁ ଏହି ବାର୍ତ୍ତା ଦିଆଯାଇଥାଏ। ତୁରନ୍ତ ସହାୟତା ଲାଗି ତଥା ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏହି ସଙ୍କେତ ବ୍ୟବହାର କରାଯାଇଥାଏ। ଅହମଦାବାଦ ବିମାନ ଦୁର୍ଘଟଣା ପୂର୍ବରୁ ମଧ୍ୟ ପାଇଲଟ ଏହି ବାର୍ତ୍ତା ଦେଇ ସହାୟତା ମାଗିଥିଲେ। କିନ୍ତୁ ଏହା ପୂର୍ବରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଆସିବା ପରେ ଦିନକ ତଳେ ଡିଜିସିଏ ସବୁ ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରିବା ପାଇଁ ଏୟାରଲାଇନ୍ସ ଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ଏଏଆଇବିର ଯାଞ୍ଚ ରିପୋର୍ଟରେ କୁହାଯାଇଥିଲା ଯେ ଚେତାବନୀ ସତ୍ତ୍ୱେ ଏଆଇ-୧୭୧ ବିମାନର ଉଡ଼ାଣ କରାଯାଇଥିଲା। ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ପାଇଲଟ ‘ଷ୍ଟାବ୍ ପୋସ୍ ଏକ୍ସଡିସିଆର’ ନାମକ ଚେତାବନୀ ଦେଇଥିଲେ। ବିମାନର ସନ୍ତୁଳନ ବଜାୟ ରଖୁଥିବା ସେନ୍‌ସର୍ ଫେଲ୍ ହୋଇପାରେ ବୋଲି ଏହା ବାର୍ତ୍ତା ଦେଉଛି। କିନ୍ତୁ ଏହାକୁ ଅଣଦେଖା କରାଯାଇଥିଲା।

**ଅହମଦାବାଦ ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ବ୍ରିଟେନ ଦେଇଥିଲା ଚେତାବନୀ**

# ବୋଇଂ ବିମାନର ‘ଇନ୍ଧନ ସ୍ୱିଚ୍’ ଯାଞ୍ଚ କରି ବଦଳାଅ




ଲଣ୍ଡନ, ୧୫।୭ (ଏଜେନ୍ସି): ବୋଇଂ ବିମାନର ରକ୍ଷଣାବେକ୍ଷଣକୁ ନେଇ ବ୍ରିଟେନ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ) ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଅହମଦାବାଦ ବିମାନ ଦୁର୍ଘଟଣାର ଚାରି ସପ୍ତାହ ପୂର୍ବରୁ ବୋଇଂ ବିମାନର ‘ଫୁଏଲ କଣ୍ଟ୍ରୋଲ ସ୍ୱିଚ୍’କୁ ନେଇ ଚେତାବନୀ ଜାରି କରାଯାଇଥିଲା ବୋଲି କୁହାଯାଇଛି। ସିଏଏ ମେ'୧୫ରେ ଏ ନେଇ ଏୟାରଲାଇନ୍ସ ମାନଙ୍କ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲା। ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ବୋଇଂ ୭୩୭, ୭୫୭, ୭୬୭, ୭୭୭ ଏବଂ ୭୮୭ ବିମାନର ‘ଫୁଏଲ ସଟ୍‌ଅଫ୍ ଭାଲ୍‌ଭ ଆକ୍‌ଚ୍ୟୁଏଟର୍ସ’କୁ ସମ୍ଭାବ୍ୟ ବିପଦ କୁହାଯାଇଥିଲା। ବ୍ରିଟେନ ଆସୁଥିବା ସବୁ ଏୟାରଲାଇନ୍ସକୁ ଏହି ନିର୍ଦ୍ଦେଶ ଜାରି କରି ଏହ ଭାଲ୍‌ଭ୍ସ ଯାଞ୍ଚ କରିବାକୁ କୁହାଯାଇଥିଲା। ଆବଶ୍ୟକ ପଡ଼ିଲେ ବଦଳାଇବାକୁ କିମ୍ବା ମରାମତି କରିବାକୁ କିମ୍ବା ପ୍ରତିଦିନ ବାଧ୍ୟତାମୂଳକ ଭାବେ ଯାଞ୍ଚ କରିବାକୁ ସିଏଏ ପକ୍ଷରୁ କୁହାଯାଇଥିଲା। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ଡ୍ରିମ୍‌ଲାଇନର ୭୮୭ ବିମାନରେ ମଧ୍ୟ ଏଭଳି ହୋଇଥିଲା। ପ୍ରାଥମିକ ଯାଞ୍ଚ ରିପୋର୍ଟରେ ଫୁଏଲ ସ୍ୱିଚ ବନ୍ଦ ଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ‘ଫୁଏଲ ସଟ୍‌ଅଫ୍ ଭାଲ୍‌ଭ’ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଡିଭାଇସ। ଏହା ଆବଶ୍ୟକ ପଡ଼ିଲେ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଥାଏ। ଇଞ୍ଜିନରେ ନିଆଁ ଲାଗିଲେ, ଜରୁରୀ ଅବତରଣ ଏବଂ ରକ୍ଷଣାବେକ୍ଷଣ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ।

# ଚୀନ୍‌ରେ ଜିନ୍‌ପିଙ୍ଗଙ୍କୁ ଭେଟିଲେ ବିଦେଶମନ୍ତ୍ରୀ

ବେଜିଂ, ୧୫।୭ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଭାରତ ଏବଂ ଚୀନ୍ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ସେ ଜିନପିଙ୍ଗଙ୍କୁ ସୂଚନା ଦେଇଥିବା ଟ୍ୱିଟ କରି କହିଛନ୍ତି। ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ବିଦେଶ ମନ୍ତ୍ରୀ ଭାରତର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି। ଭାବୁଛି ଚୀନ୍ ବୈଦେଶିକ ମନ୍ତ୍ରୀ ଆସି ମୋଦୀଙ୍କୁ ଚୀନ୍-ଭାରତ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇବେ। ବୈଦେଶିକ ମନ୍ତ୍ରୀ ଏବେ ଭାରତର ବୈଦେଶିକ ନୀତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସର୍କସ୍ ଚଲାଉଛନ୍ତି।

## ଜୟଶଙ୍କର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି: ରାହୁଲ

ଅନ୍ୟପକ୍ଷରେ ଜୟଶଙ୍କର ଏସ୍‌ସିଓର ବିଦେଶମନ୍ତ୍ରୀଙ୍କ ବୈଠକରେ ସାମିଲ ହୋଇ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଏସ୍‌ସିଓ ସଦସ୍ୟ ଏହାର ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧ ରହିବା ଉଚିତ। ଆତଙ୍କବାଦକୁ ନେଇ କୌଣସି ସାଲିସ କରାନଯିବା ଉଚିତ। ସେ ଏପ୍ରିଲ ୨୨ ର ପହଲଗାମ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଜମ୍ମୁ ଏବଂ କଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହିତ ଧାର୍ମିକ ବିଭାଜନକୁ ଉଗ୍ର କରିବା ପାଇଁ ଜାଣିଶୁଣି ଏହି ଆକ୍ରମଣ କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ ଭାରତ ଏହାର ଜବାବ ଦେଇଛି। ଭାରତ ଯାହା କରିଛି ଠିକ୍ କରିଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଅପରେସନ ସିନ୍ଦୂରରେ ଚୀନ୍ ପାକିସ୍ତାନକୁ ସହାୟତା କରିଥିବାବେଳେ ଜୟଶଙ୍କର ବେଜିଂରୁ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍ ଏବଂ ପାକିସ୍ତାନର ନାମ ନ ନେଇ ଏହି ଦେଶକୁ ସମାଲୋଚନା କରିଛନ୍ତି। ତିନି ଶତ୍ରୁ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା। ଏହି ସବୁ ଏକାଠି ଆସିଥାନ୍ତି। ଏହା ଆହ୍ୱାନର ମୁକାବିଲା ପାଇଁ ଏସ୍‌ସିଓ ନିଜ ଉଦ୍ଦେଶ୍ୟରେ ସ୍ଥିର ରହିବା ଆବଶ୍ୟକ। ସେ ଚୀନ୍‌ର ବିଆରଆଇ ପ୍ରକଳ୍ପକୁ ମଧ୍ୟ ନିଶାଣ କରିଛନ୍ତି। ଏସ୍‌ସିଓ ରାଷ୍ଟ୍ରମାନେ ପାରସ୍ପରିକ ସ୍ୱାର୍ଥ, ସାର୍ବଭୌମ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।



**ସାଂସଦ କଙ୍ଗନାଙ୍କ ଖୁଲାସା**

# ୭୦ ଦିନ କାମ କରିବାକୁ ପଡ଼ିବ କହିଥିଲା ବିଜେପି



**ମନ୍ତ୍ରୀ ହେବାକୁ ରଖିଥିଲେ ଆଶା**

ମଣ୍ଡି, ୧୫।୭ (ଏଜେନ୍ସି): ଅଭିନେତ୍ରୀରୁ ରାଜନେତ୍ରୀ ପାଲଟି ଥିବା ମଣ୍ଡି ସାଂସଦ କଙ୍ଗନା ରାଣାଓ୍ୱତ ଏକ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସାଂସଦ ଭାବେ କାମ କରିବାକୁ ମଜା ଆସୁନାହିଁ ବୋଲି ସେ କହିଛନ୍ତି। ସେ ବଡ଼ ଖୁଲାସା କରି କହିଛନ୍ତି ଯେ ଟିକେଟ ଦେବା ସମୟରେ ୬୦ରୁ ୭୦ ଦିନ କାମ କରିବାକୁ ପଡ଼ିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। ଏହା ନିଜ କାମ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ଏବେ ଏହା ଅଧିକ ଚାହିଦା ଥିବା ଚାକିରି ପରି ଲାଗୁଛି। ସଚ୍ଚୋଟ ରହି ରାଜନୀତିରେ ନିଜ ସ୍ଥିତି ବଜାୟ ରଖିବାକୁ କଙ୍ଗନା ମହଙ୍ଗା ସଉକ କହିଛନ୍ତି। ନିଜ ସଂସଦୀୟ କ୍ଷେତ୍ରର ଜନତାଙ୍କ ପାଖକୁ ଯିବା ପାଇଁ ତାଙ୍କର ସବୁ ଦରମା ଖର୍ଚ୍ଚ ହେଇ ଯାଉଛି। ରୋଷେୟା ଏବଂ ଡ୍ରାଇଭରଙ୍କୁ ଦରମା ଦେବାରେ ଦରମାର ସିଂହ ଭାଗ ଖର୍ଚ୍ଚ ହେଉଛି। କିଛି କର୍ମଚାରୀଙ୍କ ସହ ନିଜ ନିର୍ବାଚନ କ୍ଷେତ୍ରକୁ ଯାତ୍ରା କଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କଙ୍ଗନା କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାକୁ ମଧ୍ୟ ଆଶା ରଖିଥିଲେ। ଏଥିପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଛନ୍ତି।

# ମସ୍କୋରେ ଆକ୍ରମଣ କରିବାକୁ ଜେଲେନ୍‌ସ୍କିଙ୍କୁ କହିଲେ ଟ୍ରମ୍ପ



ୱାସିଂଟନ, ୧୫।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବଦଳି ଯାଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିବା ଟ୍ରମ୍ପ ଏବେ ଏହାକୁ ଉଗ୍ର କରିବାକୁ ପଦକ୍ଷେପ ନେଉଛନ୍ତି। ସେ ରୁଷ୍ କ୍ଷେତ୍ରରେ ଜୋରଦାର ଆକ୍ରମଣ କରିବା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେନ୍‌ସ୍କିଙ୍କୁ କହିଛନ୍ତି। ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଦେଲେ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗରେ ଆକ୍ରମଣ କରିପାରିବ କି ବୋଲି ପଚାରିଛନ୍ତି। ଏହାର ଉତ୍ତରରେ ଜେଲେନ୍‌ସ୍କି ହଁ କରିଛନ୍ତି। ଗତ ୪ ତାରିଖରେ ଫୋନ୍ ବାର୍ତ୍ତାଳାପ ସମୟର ଏହି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ବିଫଳ ହେବାର ଦିନକ ପରେ ଟ୍ରମ୍ପ ଜେଲେନ୍‌ସ୍କିଙ୍କୁ ଏହା କହିଥିଲେ। ଏହି ଆଲୋଚନାରେ ପୁତିନ ଅସ୍ତ୍ରବିରତି ପାଇଁ ମନା କରିଦେଇଥିଲେ। ଏହାକୁ ନେଇ ଟ୍ରମ୍ପ ପ୍ରଶାସନ ରୁଷ୍‌ରେ କଥାରେ ଏବଂ କାମରେ ଭିନ୍ନତା ରହୁଛି ବୋଲି କହିଥିଲା। ଏହା ବିଫଳ ହେବା ପରେ ଆମେରିକା ପୁଣି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଆରମ୍ଭ କରିଥିଲା।

# ୟେମେନରେ ଭାରତୀୟ ନର୍ସ ନିମିଷାଙ୍କ ମୃତ୍ୟୁଦଣ୍ଡ ସ୍ଥଗିତ

ସନା, ୧୫।୭ (ଏଜେନ୍ସି): ୟେମେନରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ଯାତନା ଦେଉଥିବା ଜଣେ ପୁରୁଷଙ୍କ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବାର ଦିନକ ପୂର୍ବରୁ ମଙ୍ଗଳବାର ତାଙ୍କ ଦଣ୍ଡକୁ ସାମୟିକ ସମୟ ପାଇଁ ସ୍ଥଗିତ ରଖାଯାଇଛି। ରିପୋର୍ଟ ଅନୁଯାୟୀ ସାମାଜିକ କର୍ମୀଙ୍କ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ଧାର୍ମିକ ନେତା ଏହି ମାମଲାରେ ଦଖଲ ଦେଇଥିଲେ। ଏହା ପରେ ନିମିଷାଙ୍କ ଦଣ୍ଡାଦେଶ ଦିନକ ପାଇଁ ସ୍ଥଗିତ ରଖାଯାଇଛି। ପୀଡ଼ିତଙ୍କ ପରିବାର ଏଥିପାଇଁ ରାଜି ହୋଇଛନ୍ତି। ତେବେ ତାଙ୍କୁ ମୁକ୍ତ କରାଯିବ ନାହିଁ କିମ୍ବା ଭାରତ ପଠାଯିବ ନାହିଁ। ଏବେ ନିମିଷା ୟେମେନର ରାଜଧାନୀ ସନାରେ ଅଛନ୍ତି। ଏଠାରେ ହୁତି ବିଦ୍ରୋହୀଙ୍କ କର୍ତ୍ତୃତ୍ୱ ରହିଛି। କିନ୍ତୁ ହୁତି ବିଦ୍ରୋହୀଙ୍କ ସହ ଭାରତର କୌଣସି କୂଟନୈତିକ ସମ୍ପର୍କ ନାହିଁ। ଦିନକ ତଳେ କେନ୍ଦ୍ର ସରକାର ଏହି ମାମଲାରେ ସୁପ୍ରିମକୋର୍ଟରେ ହାତ ଟେକି ଦେଇଥିଲେ। ମୃତ୍ୟୁଦଣ୍ଡ ଅଟକାଇବାକୁ ଯାହା କରିବା କଥା ତାହା କରିଛୁ ବୋଲି କହିଥିଲେ। ଏହି ଦଣ୍ଡ ଟାଳିବାକୁ ‘ବ୍ଲଡ୍ ମନି’ (ମୃତ୍ୟୁଦଣ୍ଡ ରୋକିବା ପାଇଁ ଅର୍ଥ) ଶେଷ ବିକଳ୍ପ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିବାର ମଧ୍ୟ ବ୍ଲଡ ମନି ସ୍ୱୀକାର କରିବାକୁ ସହମତ ହୋଇନାହାନ୍ତି।

## ଦୁଇ ଦେଶର ଧର୍ମଗୁରୁଙ୍କ ମଧ୍ୟରେ ଆଲୋଚନା

## ଆଜି ନିମିଷାଙ୍କୁ ଗୁଳି ମରା ଯାଇଥାନ୍ତା



ରିପୋର୍ଟ ଅନୁଯାୟୀ ଭାରତର କଣ୍ଠପୁରମର ଗ୍ରାଣ୍ଡ ମୁଫତି ଏପି ଅବୁବାକର ମୁସଲିୟାର ଏବଂ ୟେମେନର ପ୍ରସିଦ୍ଧ ସୁଫି ବିଦ୍ୱାନ ଶେଖ୍ ହବିବ୍ ଉମର ବିନ୍ ହାଫିଜ୍ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଏଥିରେ ୟେମେନର ସୁପ୍ରିମକୋର୍ଟର ଜଣେ ବିଚାରପତି ଏବଂ ମୃତକଙ୍କ ଭାଇ ମଧ୍ୟ ସାମିଲ ଅଛନ୍ତି। ଏ ବିଷୟରେ ଆଲୋଚନା ଲାଗି ୟେମେନର ଶେଖ୍ ହବିବଙ୍କୁ ଶେଖ୍ ମନାଇ ଥିଲେ। ପ୍ରଥମ ଥର ପୀଡିତଙ୍କ ପରିବାରର ଜଣେ ଘନିଷ୍ଠ ସଦସ୍ୟ ମଧ୍ୟ କଥାବାର୍ତ୍ତା କରିବାକୁ ରାଜି ହୋଇଛନ୍ତି। ସରିଆ ଆଇନ ଅନୁଯାୟୀ ଏହି ଆଲୋଚନା ଜାରି ରହିଛି। ଏହା ଅଧିନରେ ଦୋଷୀଙ୍କୁ ବିନା ସର୍ତ୍ତରେ କିମ୍ବା ବ୍ଲଡ ମନି ବଦଳରେ କ୍ଷମା ପ୍ରଦାନ କରିବା ପାଇଁ ପୀଡ଼ିତ ପରିବାରକୁ ଆଇନଗତ ଅଧିକାର ପ୍ରଦାନ କରୁଛି।

**କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ରୋକ୍**

# ‘ଜଣକୁ ୫ ବର୍ଷ ପର୍ଯ୍ୟନ୍ତ ବୋକା ବନାଇ ହେବନି’


ପ୍ରୟାଗରାଜ, ୧୫।୭ (ଏଜେନ୍ସି): କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ଆହ୍ଲାବାଦ ହାଇକୋର୍ଟ କଟକଣା ଲଗାଇ ଦେଇଛନ୍ତି। ଜଣକୁ ଦିନେ କି ଦୁଇ ଦିନ ବୋକା ବନା ଯାଇପାରେ, କିନ୍ତୁ ୫ ବର୍ଷର ସମ୍ପର୍କରେ କାହାକୁ ମୂର୍ଖ ବନା ଯାଇପାରିବ ନାହିଁ ବୋଲି ଜଷ୍ଟିସ ସିଦ୍ଧାର୍ଥ ବର୍ମା ଏବଂ ଅନିଲ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ୟୁଟ୍ୟୁବର ସୀମା ଭିତରୁ ବାହାରକୁ ବାହାର ବୋଲି କହିଥିଲେ। ଯଶ୍‌ଙ୍କ ଆବେଦନ ଉପରେ ବିଚାର କରି ହାଇକୋର୍ଟ ବିରୋଧୀ ପକ୍ଷକୁ ନୋଟିସ ଜାରି କରିବା ସହ ଜବାବ ମାଗିଛନ୍ତି। ଏହି କ୍ରିକେଟର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କହିଛନ୍ତି ଯେ ଉଭୟେ ୫ ବର୍ଷ ତଳେ ପରସ୍ପରକୁ ଭେଟିଥିଲେ। ପରେ ଯଶ ବିବାହ କରିବାକୁ ମନା କରିଦେଇଥିଲେ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଗତ ୬ ତାରିଖରେ ସେ ଦୟାଲଙ୍କ ବିରୋଧରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ଏତଲା ଦେଇଥିଲେ।

**ଲିଙ୍ଗ ବଦଳାଇ ବିବାହ କରିଥିବା ଦାବି**

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ପତ୍ନୀ ପୁରୁଷ!

ପ୍ୟାରିସ, ୧୫।୭ (ଏଜେନ୍ସି): ଭିଏତନାମ ଗସ୍ତରେ ସ୍ୱାମୀ ତଥା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମୁଥ ମାରି ଚର୍ଚ୍ଚାରେ ଆସିଥିବା ପ୍ରଥମ ମହିଳା ବ୍ରିଗିଟ ମାକ୍ରନ ଏବେ ସମ୍ବାଦର ସିରୋନାମାରେ ଅଛନ୍ତି। ସେ ମହିଳା ନୁହେଁ, ବରଂ ପୁରୁଷ ବୋଲି ଚର୍ଚ୍ଚା ହେଉଛି। ଦୁଇ ମହିଳା ୟୁଟ୍ୟୁବର ଏହି ଦାବି କରିଛନ୍ତି। ଉଭୟେ କହିଥିଲେ ଯେ ବ୍ରିଗିଟଙ୍କ ପ୍ରକୃତ ନାମ ଜିନ୍-ମିସେଲ ଗ୍ରୋଗ୍ରେନକ୍ସ ଥିଲା। ସେ ଲିଙ୍ଗ ବଦଳାଇ ଇମାନୁଏଲ ମାକ୍ରନଙ୍କୁ ବିବାହ କରିଥିଲେ। ଏହି ଭିଡିଓ ଜୋର୍‌ସୋରରେ ଭାଇରାଲ ହୋଇଥିଲା। ତେବେ ଏହା ବିରୋଧରେ ବ୍ରିଗିଟ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରିଗିଟଙ୍କ ଭାଇଙ୍କ ନାମ ହେଉଛି ଗ୍ରୋଗ୍ରେନକ୍ସ। ଉଭୟେ ପ୍ରାୟ ଏକାପରି ଦେଖିବାକୁ। ବ୍ରିଗିଟ୍ ପ୍ରଥମେ ଏହାକୁ ନେଇ ପ୍ୟାରିସକ ଏକ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟ ୨୦୨୩ ସେପ୍ଟେମ୍ବରରେ ଉଭୟ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଗିଟଙ୍କୁ ୭ ଲକ୍ଷ ଟଙ୍କା ଏବଂ ତାଙ୍କ ଭାଇଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତ ୧୦ ତାରିଖରେ ପ୍ୟାରିସର ଆଉ ଏକ ଅଦାଲତ ଏହି ନିଷ୍ପତ୍ତିକୁ ପଲଟାଇ ଦେଇଥିଲେ। ତେଣୁ ଏବେ ବ୍ରିଗିଟ ଏବଂ ତାଙ୍କ ଭାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହି ମାମଲା ୨୦୨୧ର। ସେତେବେଳ ଅମଣ୍ଡାଇନ ରୟ ନାମକ ମହିଳା ୟୁଟ୍ୟୁବର ସାମ୍ବାଦିକା ନତାଶା ରେଙ୍କୁ ସାକ୍ଷାତକାର ଦେଇ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହା ଜାଣିବା ପାଇଁ ସେ ତିନି ବର୍ଷ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିବା କହିଥିଲେ। ଆମେରିକାରେ ମଧ୍ୟ ଏହି ମାମଲା



ବ୍ୟାପିବାରେ ଲାଗିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଥିବା ଦୁଇ ସାମ୍ବାଦିକ କ୍ୟାଣ୍ଡେସ ଓଭେନ୍ସ ଏବଂ ଟକର କାର୍ଲସନ ଏହାକୁ ଖୋରାକ ଯୋଗାଇ ଥିଲେ। ଏ ସମ୍ବନ୍ଧିତ ଅନେକ ଭିଡିଓକୁ ଉଭୟେ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ମାନବ ଇତିହାସର ସବୁଠାରୁ ବଡ଼ ରାଜନୈତିକ ଦୁର୍ନୀତି ବୋଲି କହିଥିଲେ। ବ୍ରିଗିଟ ଏବଂ ତାଙ୍କ ଭାଇ ବାସ୍ତବରେ ଜଣେ ବୋଲି କହିଥିଲେ। ତେବେ ଏହାକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଦୁଇ ସାମ୍ବାଦିକଙ୍କୁ ନୋଟିସ ଜାରି କରିଥିଲେ।

ଏହା ପୂର୍ବରୁ ଫ୍ରାନ୍ସ ସାମ୍ବାଦିକା ନତାଚା ରେ ୨୦୧୭ରେ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହି ଅଭିଯୋଗ ପରେ ନାତାଚାଙ୍କୁ ଦେଶରେ ହଇରାଣ କରାଯାଇଥିଲା। ସେଥିପାଇଁ ସେ ଚଳିତ ବର୍ଷ ରୁଷ୍‌କୁ ରାଜନୈତିକ ଶରଣ ମାଗିଥିଲେ। ଫ୍ରାନ୍ସ ସରକାର ମତପ୍ରକାଶର ସ୍ୱାଧୀନତାକୁ ଚାପି ଦେଉଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଇମାନୁଏଲ ମାକ୍ରନ ଏବଂ ତାଙ୍କ ପତ୍ନୀଙ୍କ ବୟସ ମଧ୍ୟରେ ଥିବା ତାରତମ୍ୟକୁ ନେଇ ଉଭୟେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଠାରୁ ତାଙ୍କ ପତ୍ନୀ ୨୪ ବର୍ଷ ବଡ଼।

## ୩ କଲରାପତରିଆ ବାଘଛାଲ ଜବତ; ୭ ଅଟକ

### ଗ୍ରାହକ ବେଶରେ ଡିଲ୍ କଲା, ରାତି ଅଧିଆ ମାଡ଼ି ବସିଲା

ବାରିପଦା, ୧୫।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ଚଢ଼ଉ କରି ବନବିଭାଗ ୩ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଘଟଣାରେ ୭ଅଭିଯୁକ୍ତଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କ ପରିଚୟ ପ୍ରଦାନ କରାଯାଇନାହିଁ। ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବାଘ ଛାଲ ଡିଲ୍ ଚାଲିଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୁଇନ୍ଦା ଟିମ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଗ୍ରାହକ ବେଶରେ କିଛି ବନ କର୍ମଚାରୀ ପ୍ରଥମେ ଅଭିଯୁକ୍ତମାନଙ୍କ ସହ ଡିଲ୍ କରିଥିଲେ। ଘଟଣାରେ ସତ୍ୟତା ଥିବା ଜଣାପଡ଼ିବା ପରେ ସୋମବାର ବିଳମ୍ବିତ ରାତିରେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଅତର୍କିତ ଚଢ଼ଉ କରି ୨ଟି ବାଘଛାଲ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖିଥିଲା। ପରେ ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ଉ କରି ଗୋଟିଏ ବାଘ ଛାଲ ଜବତ କରିଥିଲା। ଉଭୟ ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

## ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ

ଭଦ୍ରକ, ୧୫।୭ (ସମିସ): ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦେଁସିଂ ପଞ୍ଚାୟତର ଆଦିବାସୀ ସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ନିଧି ମୁଣ୍ଡା ଓ ତାଙ୍କ ଭଣଜା ନବ ମୁଣ୍ଡା (୫)।

ସୂଚନାନୁସାରେ, ଆଜି ଅପରାହ୍ଣରେ ନବ ଗାଁ ନିକଟରେ ମାଙ୍କଡ଼ପଲଙ୍କୁ ଗୋଡ଼ାଉଥିଲା। ଏହି ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଛିଟିକି ତଳେ ପଡ଼ିଯାଇଥିଲା। ଏହା ଦେଖି ପାଖରେ ଥିବା ନିଧି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁହିଁଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁବନେତା ସୌମେନ୍ଦ୍ର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ।

## ତୃତୀୟ ଗେଟ୍ ଖୋଲିଲା ରେଙ୍ଗାଲି



କଣିହାଁ, ୧୫।୭ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଜଳଭଣ୍ଡାରରେ ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଦିନ ୧୧ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୧୨୦.୯୮ ମିଟର ପହଞ୍ଚିଥିଲା। ଫଳରେ, ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବା ବେଳେ ଆଜି ତୃତୀୟ ଗେଟ୍ (ଗେଟ୍ ନମ୍ବର ୧୦) ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ତିନୋଟି ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି ବୋଲି ରେଙ୍ଗାଲି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାର ତଳ ମୁଣ୍ଡରେ ଥିବା ଗାଁମାନଙ୍କୁ ସତର୍କ ସୂଚନା ଦିଆଯାଇଛି।

## ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର୍



ଛେଣ୍ଡିପଦା, ୧୫।୭ (ସମିସ): ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲାନି। ତେଣୁ, ଉପାୟଶୂନ୍ୟ ପରିବାରଲୋକ ଭାରରେ ଗର୍ଭବତୀଙ୍କୁ ବିପଦସଂକୁଳ ଅବସ୍ଥାରେ ଉଛୁଳା ନଦୀ ପାର୍ କରାଇଲେ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ନୂଆଗାଁ ପଞ୍ଚାୟତ ଅଧୀନ ଭାଲିଆସର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପରେ ଏକ ବଲେରୋରେ ମହିଳାଙ୍କୁ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଭାଲିଆସର ଗ୍ରାମର ରାଜେନ୍ଦ୍ରଙ୍କ ପତ୍ନୀ ମାମି ପ୍ରଧାନ ଗର୍ଭବତୀ ଥିଲେ। ଆଜି ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାରଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଏପଟେ ମାମିଙ୍କ ପ୍ରସବ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ବାଧକ ସାଜିଥିବା ଆଉଁଳି ନଦୀ ପାର୍ ହେବାକୁ ପରିବାରଲୋକ ମନସ୍ଥ କରିଥିଲେ। ମାମିଙ୍କୁ ଖଟିଆରେ ବସାଇ କାନ୍ଧରେ ବୋହି ବିପଦପୂର୍ଣ୍ଣ ଭାବେ ଉଛୁଳା ନଦୀ ପାର କରି ଆରପାଖରେ ପହଞ୍ଚିଥିଲେ। ପରେ ମାମିଙ୍କୁ ଏକ ବଲେରୋରେ ନେଇ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହ

# ରେଭେନ୍ସା ଏକ ଜୀବନ୍ତ ଇତିହାସ: ରାଷ୍ଟ୍ରପତି

କଟକ,୧୫।୭ (ସମିସ): 'ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ହେଉଛି ରେଭେନ୍ସା ଶିକ୍ଷାନୁଷ୍ଠାନ। ସମୟ ସହ ପାଦ ମିଶାଇ ରେଭେନ୍ସା ଆଗକୁ ବଢୁଛି। ଏହି ଶିକ୍ଷାନୁଷ୍ଠାନ ପୁରୁଣା, କିନ୍ତୁ ପୁରୁଣାକାଳିଆ ନୁହେଁ। ରେଭେନ୍ସାର ବିଦ୍ୟାର୍ଥି ଦେଶବିଦେଶରେ ଗୌରବ ଅର୍ଜନ କରିଛନ୍ତି। ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଅଟ୍ଟାଳିକା ନୁହେଁ, ବରଂ ରେଭେନ୍ସା ଓଡ଼ିଶାର ଜୀବନ୍ତ ଇତିହାସ।' ଆଜି ସେଭେନ ପିଲାର ଅଫ ୱିଜଡମଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପରୋକ୍ତ ମତ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମୁର୍ମୁ କହିଥିଲେ ଯେ, ନିଜେ ଚାକିରି କରିବା ଓ ରୋଜଗାରକ୍ଷମ ହେବାର ଅର୍ଥ ନୁହେଁ ସଫଳତା। ଜଣେ ଉଦ୍ୟୋଗୀ ହେଲେ ସଫଳତା ଆପେ ଆପେ ମିଳିପାରିବ। ସଫଳତା ତାକୁ କହିବା ଯେତେବେଳେ ଅନ୍ୟକୁ ଚାକିରି ଯୋଗାଇ ପାରିବା। କଟକ ମାଟି ଉଦ୍ୟୋଗୀ ହେବାକୁ ପ୍ରେରଣା ଦେଇଥାଏ। ଉତ୍କଳ ଗୌରବ ମଧୁସୂଦନ ଦାସ ଏଠାରେ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ପରାଧୀନ ଭାରତରେ ମଧୁବାବୁଙ୍କ ଏଭଳି ପ୍ରଚେଷ୍ଟା ପାଇଁ ସେ ମହାତ୍ମା ଗାନ୍ଧୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ। ଭବିଷ୍ୟତରେ ଭାରତ ବିଶ୍ୱଗୁରୁ ହେବ, ଏ ଦିଗରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଓଡ଼ିଆଙ୍କ ପାଇଁ ରେଭେନ୍ସା ପବିତ୍ର ମାଟି ବୋଲି କହିଥିଲେ। ଭାରତକୁ ଇଂରେଜ ମୁକ୍ତ କରିବା ନିମନ୍ତେ ଯେଉଁ ଜନଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାଷାଭିତ୍ତିକ ରାଜ୍ୟ ଗଠନ ହେଉ କି ଓଡ଼ିଶାର ନବସୃଜନର ପରିକଳ୍ପନା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ମଙ୍ଗ ଧରିଥିଲା। ଅନେକ ମହାନୁଭବଙ୍କ ବୌଦ୍ଧିକ ବୀଜରୋପଣ ରେଭେନ୍ସାରୁ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ରେଭେନ୍ସା ଏକ ବ୍ରାଣ୍ଡ ବୋଲି କହିଥିଲେ।




ଅନେକ ସୁଯୋଗ୍ୟ ସନ୍ତାନଙ୍କୁ ରେଭେନ୍ସା ଜନ୍ମ ଦେଇଛି। ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜାଗରଣରେ ରେଭେନ୍ସାର ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୨୦୩୬ ବିକଶିତ ଓଡିଶା ଏବଂ ୨୦୪୭ ବିକଶିତ ଭାରତ ଗଠନରେ ରେଭେନ୍ସା ପ୍ରୟୋଗଶାଳା ସାଜିବ। ଏଥିପାଇଁ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପାଟି ସମାରୋହରେ ଅଧ୍ୟକ୍ଷତା କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଶିକ୍ଷାର ମନ୍ଦିର ବୋଲି ଅଭିହିତ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମାଣୁ ଶକ୍ତି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଅଜିତ କୁମାର ମହାନ୍ତିଙ୍କୁ ଡକ୍ଟର ଅଫ ସାଇନ୍ସ, ସାଂସଦ ଡଃ ଭର୍ତ୍ତୃହରି ମହତାବ, ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥ ଓ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ସମ୍ମାନସୂଚକ ଡକ୍ଟର ଅଫ ଲିଟିରେଚର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୨୦୨୩ ଶିକ୍ଷାବର୍ଷର ୧୦୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ତନ୍ମଧ୍ୟରୁ ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୩୨ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୪୨ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪ ପାଇଁ ୧୧୮ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୩ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ, ୫୬ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଏସ୍‌ସି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୫ ପାଇଁ ୧୦୫ ମଧ୍ୟରୁ ୨୬ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ, ୪ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ ଏବଂ ୪୬ଜଣଙ୍କୁ ପିଏଚଡି ସନନ୍ଦ ପୁରସ୍କାର ଦିଆଯାଇଥିଲା। କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜୋରଦାର ହେବ ମାଓ ଅପରେସନ୍

## କନ୍ଧମାଳ, କଳାହାଣ୍ଡି, ରାୟଗଡ଼ାକୁ ଫୋକସ୍

ଭୁବନେଶ୍ୱର,୧୫।୭ (ସମିସ): ଜୋରଦାର ହେବ ମାଓ ଅପରେସନ। ଘଞ୍ଚ ଜଙ୍ଗଲରେ ମାଓବାଦୀ ଲୁଚିଥିଲେ ସେମାନଙ୍କୁ ଖୋଜିବ ପୁଲିସର ଅତ୍ୟାଧୁନିକ ଡ୍ରୋନ। ଏହି ଡ୍ରୋନ୍ ଜଙ୍ଗଲ ଉପରେ ବୁଲି ମାଓବାଦୀଙ୍କ ଗତିବିଧି ଠାବ କରି ତୁରନ୍ତ ସିଗ୍‌ନାଲ ମନିଟରିଂ କରୁଥିବା ଅଧିକାରୀଙ୍କ ନିକଟକୁ ପଠାଇ ଦେବେ। ଏହାପରେ ସୁରକ୍ଷାକର୍ମୀ ଜଙ୍ଗଲରେ ପଶି କୁମ୍ବିଂ ଅପରେସନ୍‌କୁ ଜୋରଦାର କରିବେ। ଆହୁରି ମଧ୍ୟ ସାଇଲାଇଟ୍ ଇମେଜ୍ ମାଧ୍ୟମରେ ସେମାନଙ୍କୁ ଠାବ କରାଯିବ। ସେହିପରି ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍‌କୁ ଠାବ କରିବ ପୁଲିସର ଅତ୍ୟାଧୁନିକ ମେସିନ୍। ଯାହା ସୁରକ୍ଷାକର୍ମୀ ଜଙ୍ଗଲ ଭିତରକୁ ପ୍ରବେଶ ପୂର୍ବରୁ ଏହି ମେସିନ୍ ସହାୟତାରେ ପୋତା ଯାଇଥିବା ଲ୍ୟାଣ୍ଡମାଇନ୍‌କୁ ଠାବ କରାଯିବ। ବିଶେଷ କରି କନ୍ଧମାଳ, କଳାହାଣ୍ଡି, ରାୟଗଡ଼ ଜିଲ୍ଲାକୁ ଅଧିକ ଫୋକସ୍ ଦିଆଯିବ। ଆଜି ମାଓ ସମୀକ୍ଷା ବେଳେ ଏପରି ସୂଚନା ଦେଇଛନ୍ତି ଏଡ଼ିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ଛତିଶଗଡ଼ରେ ମାଓ ଅପରେସନ ପରେ ଏବେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଟେନସନ ରହିଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡା ଆଦି ଜିଲ୍ଲାରେ ବଢିଛି ନକ୍ସଲଙ୍କ ଉପଦ୍ରବ। ଜିଲ୍ଲା ଗୁଡିକରେ ଏସ୍‌ଓଜି, ଏସ୍‌ଆଇଡବ୍ଲ୍ୟୁର ମିଳିତ ଅପରେସନକୁ ଜୋରଦାର କରିବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ନକ୍ସଲ ଉପସ୍ଥିତି ନେଇ ସୂଚନା ଦେବା ପାଇଁ ଖୁବଶୀଘ୍ର ଟୋଲ ଫ୍ରି ନମ୍ବର ଜାରି ହେବ। ଖବରଦାତାଙ୍କୁ ପୁରସ୍କାର ମଧ୍ୟ ମିଳିବାର ଯୋଜନା କରାଯାଉଛି। ୨୦୨୬ ସୁଦ୍ଧା ଓଡିଶାକୁ ମାଓମୁକ୍ତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଆକ୍ସନ ପ୍ଲାନ ତିଆରି ହେଉଥିବା ବେଳେ ପୁନର୍ବାସ ଯୋଜନାରେ ସାମିଲ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ରେ ଉନ୍ନତି ଆଣିବା ପାଇଁ ଅପିଲ କରିଛନ୍ତି ଏଡ଼ିଜି ଶ୍ରୀ ପଣ୍ଡା।




## କଂଗ୍ରେସ କଲା ସରକାରଙ୍କ ଶବଦାହ

ଭୁବନେଶ୍ୱର, ୧୫।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତୀକାତ୍ମକ ଶବଦାହ କରିଛି ଯୁବ କଂଗ୍ରେସ। ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ରାମମନ୍ଦିର ନିକଟସ୍ଥ ବିଜେପି କାର୍ଯ୍ୟାଳୟ ପାଖରେ "ରାମ ନାମ ସତ୍ୟହେ, ହରିନାମ ସତ୍ୟହେ" ଉଚ୍ଚାରଣ କରି ଦୁଇଟି କୋକେଇ କାନ୍ଧେଇଥିଲେ। ସେହି କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା। ସେପଟେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଶବ ତାଙ୍କ ନିଜ ଗାଁରେ ଦାହ ହେଉଥିବା ବେଳେ ଭୁବନେଶ୍ୱରରେ ବିଜେପି କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ କରାଯାଇଥିଲା। ଶବଦାହର ସମସ୍ତ ବିଧି ଏହି କାର୍ଯ୍ୟକ୍ରମରେ ଅନୁସରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ମୋହନ ସରକାରର ପ୍ରତୀକାତ୍ମକ ଶବଦାହ କରାଯାଇଛି। ଏହି ସରକାରରେ ନାରୀ ଅସୁରକ୍ଷିତ। ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମୁଖ୍ୟମନ୍ତ୍ରୀ କି ଶିକ୍ଷାମନ୍ତ୍ରୀ ବା ସମଗ୍ର ମୋହନ ସରକାରର ବ୍ୟବସ୍ଥା ନ୍ୟାୟ ଦେଇପାରିଲା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଦାବି ସହ ଏହି କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।




ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଏହି ଘଟଣାରେ ବିଜେପି, ମୋହନ ସରକାର ଏବଂ ଏବିଭିପିର ଅସଲମୁଖା ଖୋଲିଯାଇଛି। ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ କଲେଜ ବାହାରେ ଥିବା ହେଲ୍ପ-ଡେସ୍କଠାରେ ଏବିଭିପି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁତରାଂ ଏହି ଅପରାଧୀ ଦୁଇଜଣ ଏବିଭିପି ସଂଗଠନ ସହ ସୁ-ସମ୍ପର୍କ ରହିଥିଲା। ଛାତ୍ରୀଟି ଏବିଭିପି ସଂଗଠନର ଜଣେ ସଭ୍ୟା। ମାତ୍ର ଦୁଃଖର ବିଷୟ, ଛାତ୍ରୀର ଗୁହାରି ନ ଶୁଣିଥିବା ସରକାର ବିରୋଧରେ ଏବିଭିପି ଏପର୍ଯ୍ୟନ୍ତ ଆନ୍ଦୋଳନ କରୁନାହିଁ କି ଶବ୍ଦଟିଏ କହୁନାହିଁ। ଛାତ୍ରୀର ହାତକୁ ଆତ୍ମଦାହ କରିବାପାଇଁ କିଏ ସେ ପେଟ୍ରୋଲ ଓ ଦିଆସିଲି ବଢ଼ାଇଦେଲା ଏବଂ ଆତ୍ମଦାହ କରିବାପାଇଁ ଉସୁକାଇଲା, ତାହାର ଉପଯୁକ୍ତ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

## ମୋହନ ସରକାର ଶାସନ କରିବା ପାଇଁ ସମସ୍ତ ନୈତିକତା ହରାଇଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୫।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ଉଲ୍ଲେଖ କରି କଂଗ୍ରେସ ସମେତ ୮ ଟି ମିଳିତ ବିରୋଧୀ ଦଳ ତରଫରୁ ବନ୍ଦ ଡାକରା ଦିଆଯାଇଛି। ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ୧୭ ଜୁଲାଇରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବା ପାଇଁ ବିରୋଧୀ ଦଳମାନେ ନିବେଦନ କରିଛନ୍ତି।

ଏହାସହିତ ତିନି ଦିନ ଧରି ସମଗ୍ର ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅୟୋଜନ କରାଯିବ।

ଛାତ୍ର-ଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ର ଛାତ୍ରୀଙ୍କର ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତର ଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦବେଗଜନକ ଏବଂ ଚିନ୍ତାଜନକ। ଫକୀର ମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ । ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣ ଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ ଓ ଡିଟେନସନ, ବିଏମସି ଅଧିକାରୀଙ୍କ ଉପରେ ବିଜେପି କର୍ମୀ ମାନେ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ରାଜ୍ୟରେ ଜଙ୍ଗଲରାଜ ଚାଲିଛି। ସମଗ୍ର ପୁଲିସ୍ ବିଭଗ ସ୍ଥାଣୁ ପାଲଟିଛି। ଓଡ଼ିଶା ରାଜ୍ୟ ବର୍ତ୍ତମାନ୍ ଅପରାଧୀଙ୍କ ଚରାଭୂଇଁ ହୋଇଛି। ମୋହନ ମାଝୀ ସରକାର ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ମିଳିତ ବିରୋଧୀ ଦଳ ପ୍ରକାଶ କରିଛନ୍ତି। ବିଜେପି ଶାସନର ଜଙ୍ଗଲରାଜ ବିରୋଧରେ ମାନବିକ ଅଧିକାର ପାଇଁ ୧୭ ଜୁଲାଇ ରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଆଜି ପୂର୍ବାହ୍ନ କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)-ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

### କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ହେଉ

ଭୁବନେଶ୍ୱର,୧୫।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହା ସହ ଦଳ ପକ୍ଷରୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ପ୍ରତାପ ଜେନା ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଉଦାସନୀତା ଏବଂ ବିଫଳତାକୁ ନେଇ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି । ପୀଡିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମ କରି ବିଫଳ ହେବା ପରେ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଥିଲା । ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳ ହେବା ପରେ, ଛାତ୍ରୀ ଜଣକ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତି ନେଇଥିଲା । ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ସରକାରଙ୍କ ଅପାରଗତାକୁ ବିରୋଧ କରି ଜୁଲାଇ ୧୬ ତାରିଖ (ବୁଧବାର) ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି ଓ ଆଜିଠାରୁ ଆରମ୍ଭ ହୋଇଥିବା କଲେଜ ଷ୍ଟ୍ରାଇକ ଦାବି ପୂରଣ ହେବା ଯାଏଁ ଜାରି ରହିବ।

ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲା ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସକେଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ହୋଇଥିବା ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ । ତେଣୁ ସେମାନେ ମଧ୍ୟ ତଦନ୍ତ ପରିସର ଭୁକ୍ତ ହେବା ଦରକାର ବୋଲି ସେ କହିଛନ୍ତି।



ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି ଯେ ମୃତ ଛାତ୍ରୀ ନିଜର ଅଭିଯୋଗକୁ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇତ୍ୟାଦିଙ୍କୁ ଜଣାଇଥିଲେ ମଧ୍ୟ କେହି ଅଭିଯୋଗ ଉପରେ କର୍ଣ୍ଣପାତ କରିନଥିଲେ । ଏହାଛଡ଼ା ସେ ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ତାଙ୍କ ଅଭିଯୋଗକୁ ନ୍ୟାୟ ଦେବା ତ ଦୂରର କଥା, କେସ୍ ପଞ୍ଜୀକୃତ କରାଗଲା ନାହିଁ। ଏହା ହୋଇଥିଲେ ଛାତ୍ରୀ ଜଣକ ହୁଏତ ଏଭଳି ଚରମ ପଦକ୍ଷେପ ନେବାରୁ ନିବୃତ ରହିଥାନ୍ତେ। ଏହାଦ୍ୱାରା ପୁଲିସ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ଉଠିଯାଉଛି। କେବଳ ସରକାରୀ ଅଧିକାରୀ ମାନେ ନୁହେଁ ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ତେଣୁ ଯେଉଁମାନେ ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରିଛନ୍ତି ସେମାନେ ସମସ୍ତେ ଏହି ଛାତ୍ରୀର ମୃତ୍ୟୁ ପାଇଁ ଦାୟୀ । ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ନିଜ ପଦରୁ ଇସ୍ତଫା ଦେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି।

# ବିଜେଡି ପକ୍ଷରୁ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଆଜି




**ବାଲେଶ୍ୱର,୧୫।୭(ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ ସାଂସଦ ଙ୍କ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଆସନ୍ତାକାଲି ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ସକାଳ ୧୦ଟାରୁ ଆରମ୍ଭ ହେବ ବୋଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

**ବୁଧବାର ସକାଳ ୬ରୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ହେବ ବନ୍ଦ**

**ଲୋକସଭା ଭବନ ବି ଘେରିବ ଦଳ**

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ, ସରକାରଙ୍କ ନିଷ୍କ୍ରିୟତା ପାଇଁ ନ୍ୟାୟରୁ ବଂଚିତ ସୌମ୍ୟାଶ୍ରୀ ଏପରି ଚରମ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ତାଙ୍କ ବିୟୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି କ୍ରମରେ ୧୬ ତାରିଖ, ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ। ବନ୍ଦ ପାଳନ ସମୟରେ ଜରୁରୀକାଳୀନ ସେବା ଜାରି ରହିବ। କିନ୍ତୁ ଦୋକାନ ବଜାର, ଗାଡି ମୋଟର, ବସ, ଟ୍ରେନ, ସ୍କୁଲ ଓ କଲେଜ ସବୁ ବନ୍ଦ ରହିବ। ଏହି ବନ୍ଦ ପାଳନକୁ ଜିଲ୍ଲାବାସୀ ସହଯୋଗ କରିବାକୁ ଶ୍ରୀ ଜେନା ନିବେଦନ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୋର ବିଧାୟକ ମାଧବ ଧଡ଼ା, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଜଳେଶ୍ୱର ଏନଏସି ଅଧ୍ୟକ୍ଷ ପ୍ରତୀକ ପ୍ରଧାନ, ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ଯୁବସଭାପତି ତାପସ ପରିଡ଼ା, ଛାତ୍ର ସଭାପତି ସୀମନ ଦାସମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ଗିରୀଶ ଦତ୍ତ ଓ ଜୟୀରାମ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଗୌରାଙ୍ଗ ପାଢ଼ୀ, ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ଶାନ୍ତନୁ ଦାସ, ଭାଗବତ ସାହୁ, ସଞ୍ଜୀବ ଦାସ, ଅସୀତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସୌମ୍ୟାଶ୍ରୀଙ୍କ ପରିବାରକୁ ଭେଟିଲେ ବିଜେଡି ନେତୃମଣ୍ଡଳୀ



**ଭୋଗରାଇ,୧୫।୭(ସମିସ):** ଦୀର୍ଘ୪ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଛାତ୍ରୀ ସୌମ୍ୟାଶ୍ରୀ ଗତ ସୋମବାର ରାତିରେ ମୃତ୍ୟୁ ହୋଇଛି। ଆଜି ମୃତ ଦେହ ଜନ୍ମମାଟି ଭୋଗରାଇ ରେ ପହଞ୍ଚିବା ପରେ ଶୋକକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଆଜି ସନ୍ଧ୍ୟାରେ ବିଜୁ ଜନତା ଦଳର ନେତୃମଣ୍ଡଳୀ ମୃତା ସୌମ୍ୟାଶ୍ରୀଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଂଜୀବ ମଲ୍ଲିକ, ବସ୍ତା ବିଧାୟିକା ସୁବସିନୀ ଜେନା, ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ତାଙ୍କ ଚକ ପଳାସିଆ ଗ୍ରାମ ସ୍ଥିତ ବାସ ଭବନରେ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ସକାଳେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁଧାଂଶୁ ପରିଡ଼ା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରମୁଖ ବିଜେଡିର ବହୁ ନେତା ମାନେ ମୃତା ଛାତ୍ରୀଙ୍କ ପିତାମାତା ଓ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇବା ସହିତ ବିଜୁ ଜନତା ଦଳ ସବୁବେଳେ ଆପଣଙ୍କ ପରିବାର ସହ ରହିଛି, ଆଗକୁ ରହିବ ଏବଂ ସୌମ୍ୟାଶ୍ରୀଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଛି ଦଳ ନ୍ୟାୟ ଦେବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି କହିଥିଲେ।

# ଦ୍ୱନ୍ଦ୍ୱ ବଢ଼ାଇଲା ଆଇସିସି କମିଟି ରିପୋର୍ଟ

**ବାଲେଶ୍ୱର, ୧୫।୭ (ସମିସ)**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ସମୀର କୁମାର ସାହୁଙ୍କ ନାମରେ ଉଭୟ ମାନସିକ ଓ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଏନେଇ ଛାତ୍ରୀଜଣଙ୍କ ଅଭିଯୋଗ କରିବା ପରେ କଲେଜ ପକ୍ଷରୁ ଆଇସିସି (ଇଣ୍ଟରନାଲ କମ୍ପ୍ଲେନ୍ କମିଟି) ଗଠନ କରାଯାଇ ତଦନ୍ତ ପାଇଁ କୁହାଗଲା। ତଦନ୍ତ ରିପୋର୍ଟ ଚଳିତ ମାସ ୯ତାରିଖ ସୁଦ୍ଧା ଆସିଥିଲେ ବି ଏ ଦିଗରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବା ନେଇ ଜଣାପଡ଼ିଛି। କଲେଜର ପୂର୍ବତନ ଅଧ୍ୟକ୍ଷ ଆଇସିସି ରିପୋର୍ଟ ପାଇବା ପରେ ବି ଅଭିଯୁକ୍ତ ଏଚ୍‌ଓଡିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ଫଳରେ ମାନସିକ ଚାପ ଏବଂ ଅସହାୟ ହୋଇ ସୌମ୍ୟାଶ୍ରୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କିନ୍ତୁ ଗତ ୧୨ତାରିଖ ଦିନ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ, ଆଇସିସି କମିଟି ସମୀର ଚାଳିଶା ରଚନା କରିଛି। ଏଚ୍‌ଓଡି ସମୀରଙ୍କୁ ସୁହାଇଲା ଭଳି ଏକତରଫା ରିପୋର୍ଟ ହୋଇଛି। ଏବେ ଆଇସିସି କମିଟି କହୁଛି ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ସୁପାରିସ କରିଥିଲୁ। ଅଧ୍ୟକ୍ଷ କାର୍ଯ୍ୟନୁଷ୍ଠାନ ନେବାରେ ବିଳମ୍ବ କରିଛନ୍ତି। ତେଣୁ, ଏଠାରେ ସାଂସଦ ଓ ଆଇସିସି କମିଟିର ଭିନ୍ନ ବୟାନରୁ କିଏ ଠିକ୍ କହୁଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିଏ ସତ, ଆଉ କିଏ ମିଛ କହୁଛି ତାହା ତଦନ୍ତସାପେକ୍ଷ ହୋଇଥିବା ବେଳେ ଘଟଣା ଦିନ ବାଲେଶ୍ୱର ସାଂସଦ କଲେଜ ପରିସରରେ ଆଇସିସି କମିଟି ଓ ଅଧ୍ୟକ୍ଷଙ୍କ ସାଙ୍ଗରେ ଆଲୋଚନା ପରେ ଏପରି ମନ୍ତବ୍ୟ ଦେଇଥିଲେ। ମାତ୍ର ଏବେ କମିଟି କହୁଛି ସେମାନେ ଅଧ୍ୟାପକ ସପକ୍ଷରେ ନୁହେଁ, ବରଂ ବିପକ୍ଷରେ ମନ୍ତବ୍ୟ ଦେଇଥିଲେ। ଏଠି ପ୍ରଶ୍ନ ଉଠୁଛି, କେବଳ କମିଟି ଉପରେ ଦୋଷ ଲଦି ଦେଇ ଖସିଯିବାକୁ ବସିଛନ୍ତି କି ଅନ୍ୟମାନେ। ନିଜ ଦୋଷ ଓ ଅବହେଳାକୁ ଲୁଚେଇବା ପାଇଁ କମିଟି ଉପରେ ଦୋଷ ଠେଲି ଦେଉଥିଲେ କି ସାଂସଦ? ଏଭଳି ତଦନ୍ତ ରିପୋର୍ଟକୁ ନେଇ ଭିନ୍ନ ଭିନ୍ନ ମତ ଆସୁଥିବା ବେଳେ ଘଟଣା ଆହୁରି ଜଟିଳ ହେବାରେ ଲାଗିଛି।

- **ଏଚ୍‌ଓଡିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା କମିଟି**
- **ସୁପାରିସ୍ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇନଥିଲେ ଅଧ୍ୟକ୍ଷ**
- **ସାଂସଦଙ୍କ ବୟାନଠାରୁ ଭିନ୍ନ ଆଇସିସି କମିଟି ରିପୋର୍ଟ**
- **କମିଟି ଉପରେ ଦୋଷ ଲଦି ଖସିଯିବାକୁ ଚକ୍ରାନ୍ତ!**

## ଝିଅକୁ କଲେଜ କର୍ତ୍ତୃପକ୍ଷ ମିଳିମିଶି ମାରିଦେଲେ: ସୌମ୍ୟାଶ୍ରୀଙ୍କ ବାପା

ଝିଅର ମୃତ୍ୟୁ ପାଇଁ ଯେଉଁମାନେ ପ୍ରତ୍ୟକ୍ଷ ଭାବେ ଦାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ସୌମ୍ୟାଶ୍ରୀଙ୍କ ବାପା। ମୋ ଝିଅକୁ ମିଳିମିଶି ମାରିଦେଲେ କଲେଜ କର୍ତ୍ତୃପକ୍ଷ। କେବଳ ବିଭାଗୀୟ ମୁଖ୍ୟ ଅଧ୍ୟାପକ ନୁହନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ମଧ୍ୟ ଏଥିରେ ମୁଖ୍ୟ ଭୂମିକା ଥିଲା। ସବୁଠାରୁ ପ୍ରତ୍ୟକ୍ଷ ଭାବେ ଦାୟୀ ହେଉଛନ୍ତି କଲେଜରେ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି। ଯେଉଁମାନେ ମୋ ଝିଅର ଅଭିଯୋଗ କୁ ତଦନ୍ତ କରିବା ସହ ବିଚାର କରି ନ୍ୟାୟ ଦେବା କଥା। ମାତ୍ର ସେମାନେ ତାହା ନ କରି ଅଭିଯୁକ୍ତ ଅଧ୍ୟାପକଙ୍କ ସହ ମିଶି ମୋ ଝିଅକୁ ମିଥ୍ୟାରେ ବଦନାମ କରିବାକୁ ପଛାଇଲେ ନାହିଁ। ତେଣୁ ମୋ ଝିଅ ଚାପରେ ମାନସିକ ଭାରସାମ୍ୟ ହରାଇ ଶେଷରେ ନିଜକୁ ଆତ୍ମାହୁତି ଦେଲା। ଝିଅ ମୋର ଏ କଥା ନେତା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମସ୍ତଙ୍କୁ ଜଣାଇଲା ପରେ ବି କୌଣସି ପ୍ରକାର ନ୍ୟାୟ ପାଇପାରିଲା ନାହିଁ। ଆଜି ଝିଅ ମୋର ଚାଲିଗଲା, ମାତ୍ର ତା ପ୍ରତି ଯେଉଁମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଦାୟୀ ସେମାନଙ୍କୁ ଉଚିତ ଦଣ୍ଡ ମିଳୁ ବୋଲି ଆଜି କୋହଭରା କଣ୍ଠରେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ମୃତ ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି।

## କ'ଣ କହୁଛନ୍ତି କମିଟିର ସଦସ୍ୟା

› ଏହି ଘଟଣାରେ ଆମେ ବହୁତ ମର୍ମାହତ। ଆମେ ତାକୁ ବୁଝାଇଥିଲୁ। କାଉନସେଲିଂ ବି କରିଥିଲୁ। ଏହାବ୍ୟତୀତ ଆମେ ସଙ୍ଗେ ସଙ୍ଗେ ଏଚଓଡି ସମୀର ସାହୁଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ ପୂର୍ବତନ ଅଧ୍ୟକ୍ଷଙ୍କୁ କହିଥିଲୁ। ତାପର କାମ ତାଙ୍କର ଥିଲା। ଆମର ଆଉ ନୁହେଁ। ୧ ତାରିଖରେ ଆଇସିସିରେ ଅଭିଯୋଗ ଆସିଲା। କମିଟି ବି ଗଠନ ହେଲା ଏବଂ ପରେ ଏହି କମିଟିର ସଦସ୍ୟ ପରିବର୍ତ୍ତନ ହୋଇ ନୂଆ ଛାତ୍ରୀ ଆଡ୍ ହୋଇ ପୁନର୍ଗଗଠନ ହେଲା। ଆମେ ୩ ତାରିଖ ସକାଳୁ କାମ ଆରମ୍ଭ କରିଲୁ ଏବଂ ୯ ତାରିଖ ରାତି ୯.୧୫ ମିନିଟ୍ ବେଳକୁ ରିପୋର୍ଟ ପ୍ରଦାନ କଲୁ। ପୂରା କମିଟି ହେଡ୍ ସିପ୍ ପରିବର୍ତ୍ତନ ପାଇଁ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ପରାମର୍ଶ ଦେଇଥିଲା ଏବଂ ସଙ୍ଗେ ସଙ୍ଗେ ଏହାର ପଦକ୍ଷେପ ନେବାକୁ ରିପୋର୍ଟରେ କୁହାଯାଇଥିଲା।



ଡ. ଜୟଶ୍ରୀ ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର୍ ତଥା ଆଇସିସିର ପ୍ରିଜାଇଡିଂ ଅଫିସର

› ମାନସିକ ଓ ଯୌନ ନିର୍ଯାତନା ହେଉଥିବା ନେଇ ଝିଅ ଅଭିଯୋଗ କରିଥିଲା
ଗତ ମାସ ୩୦ତାରିଖ ଦିନ ସେମିଷ୍ଟର ପରୀକ୍ଷାରୁ ଯେତେବେଳେ ସେ ବଞ୍ଚିତ ହେବା ପରେ ପୂର୍ବତନ ଅଧ୍ୟକ୍ଷଙ୍କୁ ଭେଟିବାକୁ ଆସିଥିଲା। ୩୦ ତାରିଖ ଅଭିଯୋଗ ପରେ ଜୁନ୍ ୧ରେ କମିଟି ଗଠନ କଲେ ପୂର୍ବତନ ଅଧ୍ୟକ୍ଷ। ଲେଟ୍ ହୋଇଗଲେ ସାର୍ ତାଙ୍କୁ ୪୫ ମିନିଟ୍ ବାହାରେ ଛିଡ଼ା କରାନ୍ତି। ଏ ବାବଦରେ ଆମେ ବିଏଡ୍ ପିଲାମାନଙ୍କୁ ଡାକି ବୁଝିବାରୁ ଏହା ସତ ଥିଲା। ସମସ୍ତଙ୍କୁ ସାର୍ ବାହାରେ ଛିଡ଼ା କରାନ୍ତି। ଏଥିସହ ୪ର୍ଥ ମିଡ୍‌ସେମ୍ ପରୀକ୍ଷା ଦେବାରୁ ତାକୁ ବଞ୍ଚିତ କରିବାରୁ ତାକୁ ତାହା ଅଧିକ ବାଧିଛି। କ୍ଲାସ ବାହାରେ ଛିଡ଼ା କରାଇବା ଏବଂ ପରୀକ୍ଷା ପାଇଁ ଅନୁମତି ନଦେବା ଛାତ୍ରୀ ପାଇଁ ନିର୍ଯାତନା ହୋଇଛି। କିନ୍ତୁ ଏଚଓଡି ହିସାବରେ ସବୁ ପିଲାମାନଙ୍କ ଉପରେ ଏହି ନିୟମ ଲାଗୁ କରିଥିଲେ। ଏହାବ୍ୟତୀତ ଏଚ୍‌ଓଡି ସମୀର ବାବୁ ଛାତ୍ରୀଙ୍କୁ ଫେବର୍ ମଧ୍ୟ ମାଗିଥିଲେ। ଯାହା ସେକ୍ସୁଆଲ ଆଡ଼କୁ ଇଙ୍ଗିତ କରୁଛି। ତେବେ ଏହାକୁ ନେଇ ଆମକୁ କିଛି ପ୍ରମାଣ ମିଳିଲା ନାହିଁ। ତେଣୁ ଆମେ ବିଏଡ୍‌ର ୬୦ ଜଣ ପିଲାଙ୍କୁ ଡାକି ପଚାରିଥିଲୁ। ସେତେବେଳେ ସମସ୍ତେ ସମୀର ସାହୁଙ୍କର ସେମିତି କିଛି ଚରିତ୍ରଗତ ସମସ୍ୟା ନାହିଁ ବୋଲି କହିଥିଲେ। ତେବେ ସୌମ୍ୟାଶ୍ରୀ ଅଭିଯୋଗ କରୁଥିବା ବେଳେ ଅନ୍ୟ ପିଲାମାନେ ଏନେଇ କିଛି ଅଭିଯୋଗ ନଥିଲା। ସେଥିପାଇଁ ଆମେ କିଛି ସତ୍ୟତା ପାଇଲୁ ନାହିଁ। କିନ୍ତୁ କ୍ଲାସ ବାହାରେ ଛିଡ଼ା କରାଇବା, ପରୀକ୍ଷା ଦେବାକୁ ନଦେବା ଆଦି ଏକ ନିର୍ଯ୍ୟାତନା। ଯାହାଦ୍ୱାରା ସୌମ୍ୟଶ୍ରୀ ପ୍ରଭାବିତ ହୋଇଥିଲା। ସବୁ ତଦନ୍ତ ପରେ ଆମେ ଜାଣିଲୁ ଯେ ସାର୍‌ଙ୍କ ବ୍ୟବହାର ଭଲ ନୁହେଁ। ସେଥିପାଇଁ ଆମେ ରିପୋର୍ଟରେ ଏବାବଦରେ ଲେଖିଥିଲୁ। ଏଥିସହ ହେଡ୍ ସିପ୍ ତୁରନ୍ତ ପରିବର୍ତ୍ତନ ପାଇଁ ଆମେ ରିପୋର୍ଟରେ ଲେଖିଥିଲୁ। ଏଥିସହ ପୂର୍ବତନ ଅଧ୍ୟକ୍ଷଙ୍କୁ ଏନେଇ ବାରମ୍ବାର ଆମେ କହିଛୁ। ଯଦି ସେତେବେଳେ ହେଡ୍ ସିପ୍ ପରିବର୍ତ୍ତନ ପଦକ୍ଷେପ ନିଆଯାଇଥାନ୍ତା ତାହେଲେ ହୁଏତ ଛାତ୍ରୀ ଜଣକ ଖୁସି ହୋଇଥାନ୍ତା। ନ୍ୟାୟ ମିଳିବ ବୋଲି ଆଶା ବାନ୍ଧିଥାନ୍ତା ଏବଂ ଆଗକୁ ସେ ଧୈର୍ଯ୍ୟ ମଧ୍ୟ ଧରିଥାନ୍ତା। ସେ କେବଳ ଆମକୁ ଜଣାଇ ନାହାନ୍ତି ସେ ତ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଟୁଇଟ୍ କରିଛି। ସେମାନେ ବି ଏକକାଳୀନ ଆସି ଏହାର ତଦନ୍ତ କରିପାରିଥାନ୍ତେ। କିଛି ପଦକ୍ଷେପ ନେଲେ ନାହିଁ। ଆମ ସ୍ତରରେ ଆମେ ତଦନ୍ତ କରି ପାଇଲୁ ଯେ ଯୌନ ନିର୍ଯାତନା ହୋଇନି, କିନ୍ତୁ ମାନସିକ ନିର୍ଯ୍ୟାତନା ପାଇ ଆତ୍ମହତ୍ୟା କରିଛି।



ଡ. ମିନତି ସେଠୀ, ଆସିଷ୍ଟାଣ୍ଟ ପ୍ରଫେସର ତଥା ଆଇସିସି ସଦସ୍ୟା

# କାଣ୍ଡଗରଡ଼ି ପଞ୍ଚାୟତରେ ଶ୍ରଦ୍ଧାଞ୍ଜଳି ସଭା

**ପଞ୍ଚଲିଙ୍ଗେଶ୍ୱର,୧୫।୭(ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ କାଣ୍ଡଗରଡି ପଞ୍ଚାୟତରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ ଆତ୍ମାର ସଦଗତି ନିମିତ୍ତ ନୀରବ ମହମବତୀ ଶୋଭାଯାତ୍ରା କାଣ୍ଡଗରଡି ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ନିକଟସ୍ଥ ବଜାର ପର୍ଯ୍ୟନ୍ତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତ, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ଅନନ୍ତ ଗିରି, ବାବା ପଞ୍ଚଲିଙ୍ଗେଶ୍ୱର ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ବିଶ୍ୱରାମ ମିଶ୍ର, ବଳରାମ ବିଶ୍ୱାଳ, ଜୟଦେବ ବେହେରା, ପ୍ରଭାକର ରାଜ, ବିଭୁ ମହାପାତ୍ର ସମେତ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ଏବଂ ୫୦ରୁ ଅଧିକ ଗ୍ରାମବାସୀ ଯୋଗଦାନ କରିଥିଲେ।



# ଭୋଗରାଇରେ ବିଜେଡିର ମହମବତି ଶୋଭାଯାତ୍ରା




**ଭୋଗରାଇ, ୧୫।୭ (ସମିସ) :** ଫକୀରମୋହନ କଲେଜର ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିଥିବା ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭୋଗରାଇ ବିଜୁ ଜନତାଦଳ ପକ୍ଷରୁ ଏକ ମହମବତୀ ଶୋଭା ଯାତ୍ରାରେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପାଖରୁ ଏକ ବିରାଟ ପଟୁଆର ବାହାରୀ ଥାନାଛକ ଅମ୍ବିକେଶରୀ ମନ୍ଦିରରେ ପହଞ୍ଚି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଅମର ଆତ୍ମାର ସତଗତି କାମନା କରିଥିଲେ। ଏଥିରେ ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବସ୍ତା ବିଧାୟକ ସୁବାସିନୀ ଜେନା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ରାଜଶ୍ରୀ ମଲ୍ଲିକ ମା' ଅମ୍ବିକେଶ୍ୱରୀ ପାଖରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ପଦଯାତ୍ରାରେ ଛାତ୍ର ବିଜୁ ଜନତାଦଳର ସଭାପତି ଚିନ୍ମୟ କୁମାର ପାତ୍ର, ମିଳନ ଦାସ, ସଞ୍ଜୟ ମଣ୍ଡଳ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ବନ୍ଧାହେଲେ ଅଭିଯୁକ୍ତ

**ବାଲିଆପାଳ, ୧୫।୭ (ସମିସ):** ଖବର ପ୍ରସାରଣକୁ ନେଇ ବାଲିଆପାଳ ବ୍ଲକରେ କାର୍ଯ୍ୟରତ ଜଣେ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବାଲିଆପାଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଶ୍ରୀମତୀ ପାଣିଗ୍ରାହୀ ବାଲିଆପାଳ ଥାନାରେ ଗତ ୧୧ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାଲିଆପାଳ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିଲେ। ଏ ସଂକ୍ରାନ୍ତରେ ସାମ୍ବାଦିକା ଶ୍ରୀମତୀ ପାଣିଗ୍ରାହୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟିକା ସୁବାସିନି ଜେନା, ବସ୍ତା ଏସଡିପିଓ ଙ୍କ ସମେତ ଜିଲ୍ଲା ଏସପିଙ୍କୁ ମଧ୍ୟ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ବାଲିଆପାଳ ଥାନା ସମ୍ମୁଖରେ ଉତ୍ତର ବାଲେଶ୍ୱରର ସାମ୍ବାଦିକମାନେ ଗଣଧାରଣା ଦେଇଥିଲେ। ସାମ୍ବାଦିକ ମାନଙ୍କ ଗଣଧାରଣା ପରେ ବାଲିଆପାଳ ପୁଲିସ ଅଭିଯୁକ୍ତ ହେମନ୍ତ ଦାସଙ୍କୁ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଗିରଫ ହେବାର ଖବର ବସ୍ତା ଏସଡିପିଓ ଦେବା ପରେ ସାମ୍ବାଦିକ ମାନେ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ଶ୍ରୀମତୀ ପାଣିଗ୍ରାହୀଙ୍କୁ ସମର୍ଥନ ଜଣାଇ ସାମ୍ବାଦିକ ଅଜୟ ସାହୁ, ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ ପ୍ରଧାନ, ଉମାକାନ୍ତ ନାୟକ, ହରେକୃଷ୍ଣ ଦାସ, ପ୍ରଫୁଲ୍ଲ ପାତ୍ର,ସୁବଳ ଚନ୍ଦ୍ର ଦାସ, ପ୍ରଦୀପ ଜେନା ଦୀନବନ୍ଧୁ ପ୍ରଧାନଙ୍କ ସମେତ ବହୁ ସାମ୍ବାଦିକ ଧାରଣାରେ ବସିଥିଲେ। ଧାରଣାକୁ ସମର୍ଥନ ଜଣାଇ ମା ଘର ସ୍ୱେଚ୍ଛାସେବୀ ସଂଗଠନର ଏକାଧିକ ମା' ମାନେ ଧାରଣାରେ ବସିଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ସୋର,୧୫।୭(ସମିସ) :** ଛାତ୍ରୀ ସୌମ୍ୟଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସୋର ଛାତ୍ର କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସମ୍ମୁଖରେ କରାଯାଇଛି। ସୋର ଛାତ୍ର କଂଗ୍ରେସର ଆଶିଷ କୁମାର ଜେନା,ସତ୍ୟରଞ୍ଜନ ବେହେରା, ଚିନ୍ତନ କୁମାର ବେହେରା, ପପୁନା ମହାଳିକଙ୍କ ସମେତ ଶତାଧିକ ଛାତ୍ର କଂଗ୍ରେସର କର୍ମୀ ଉପସ୍ଥିତ ରହି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସୋର ଉପେନ୍ଦ୍ରନାଥ କଲେଜ ଫାଟକରୁ ବାହାରି କଲେଜ ଛକ ପରିଭ୍ରମଣ କରି କଲେଜ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା।

# ଜୀବିତ ଅବସ୍ଥାରେ ନଦେଇ ଶବକୁ ସୁରକ୍ଷା ଦେଉଛି ବିଜେପି ସରକାର

**ବାଲେଶ୍ୱର(ଉତ୍ତର),୧୫।୭(ସମିସ):** ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟାକୁ ନେଇ ବିରୋଧୀ ଦଳ ମାନେ ସରକାରଙ୍କୁ ଘେରିଥିଲା ବେଳେ ସାଧାରଣ ଜନତା ମଧ୍ୟ ଏହାକୁ ନେଇ ସରକାରଙ୍କ ଆଭିମୁଖ୍ୟକୁ ନେଇ ସମାଲୋଚନା ଆରମ୍ଭ କଲେଣି। ଛାତ୍ରୀ ଜଣକ କଲେଜର ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହେଲା ପରେ ନିଜର କ୍ୟାରିଅର ତଥା ସୁରକ୍ଷାକୁ ନେଇ କଲେଜର ଅଧ୍ୟକ୍ଷ, ବାଲେଶ୍ୱର ଏସ ପି, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ, ବାଲେଶ୍ୱର ସାଂସଦ ଏପରିକି ଉଚ୍ଚ ଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ ଜରିଆରେ ନ୍ୟାୟ ଭିକ୍ଷା କରିଥିଲା।ମାତ୍ର କେହି ତା କଥା ଶୁଣିଲେ ନାହିଁ। ପରନ୍ତୁ କଲେଜ ଆଭ୍ୟନ୍ତରୀଣ କମିଟିରେ ତାଙ୍କୁ ଭର୍ତ୍ସନା କରାଗଲା। ଶେଷରେ ସହି ପାରିଲା ନାହିଁ, ନିଜ ଦେହକୁ ଜାଳି ଦେବାର ପ୍ରୟାସ କଲା।ସେତେବେଳେ ମଧ୍ୟ ସମସ୍ତେ ଉପସ୍ଥିତ ରହିଥଲେ ମାତ୍ର ତାଙ୍କୁ କେହି ରୋକିଲେ ନାହିଁ।ଶେଷରେ ଶରୀର ସମ୍ପୂର୍ଣ୍ଣ ଜଳିଗଲା। ମିଛରେ କୁହାଗଲା ଉତ୍ତମ ଚିକିତ୍ସା କରାଯାଉଛି। ଶେଷରେ ଗତ ସୋମବାର ସେ ଆଖି ବୁଜିଲା ବୋଲି ଘୋଷଣା କରାଗଲା। ମାତ୍ର ତାର ଶବ କୁ ରାତି ଅଧିଆ ବ୍ୟବଚ୍ଛେଦ କରାଯିବା ଏବଂ କଡ଼ା ସୁରକ୍ଷା ମଧ୍ୟରେ ଶବକୁ ନିଜ ପୈତୃକ ବାସ ଭବନକୁ ଆଣି ଶବ ସତ୍କାର କରାଗଲା। ଏହି ପ୍ରକ୍ରିୟାରେ ସାଂସଦ ସମେତ ବିଜେପିର ବହୁ ବିଧାୟକ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକାରୀ ସମେତ ପ୍ରାୟ ୧୦ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀ ମୁତୟନ କରିବାକୁ ନେଇ ସାଧାରଣ ଜନତା ଙ୍କ ମଧ୍ୟରେ ଆଲୋଚନା ହେଉଛି ଯେ ଯେତେବେଳେ କୋମଳମତି ଝିଅଟେ ବଞ୍ଚିଥିବା ଅବସ୍ଥାରେ ସମସ୍ତଙ୍କ ଠାରେ ନ୍ୟାୟ ଭିକ୍ଷା କରୁଥିଲା ସେତେବେଳେ ତାକୁ କିଞ୍ଚିତ ଭାବେ ନ୍ୟାୟ ଦେବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ପ୍ରଶାସନନିକ ଅଧିକାରୀ, ସରକାରୀ ଦଳର ନେତା ମାନେ ଆଜି ତାର ଶବକୁ ଯେଉଁଭଳି ସୁରକ୍ଷା ଦେଲେ ତାହା ହାସ୍ୟାସ୍ପଦ।

# ବିସ୍କୁଟ ବ୍ୟବସାୟୀଙ୍କଠୁ ଲୁଟ୍

**ସୋର,୧୫।୭(ସମିସ):** ଦିନକୁ ଦିନ ସୋରରେ ଚୋରି ଓ ଡକାୟତି ବୃଦ୍ଧି ପାଉଛି। ଆଜି ଦିନ ଦ୍ୱିପ୍ରହରେ ଉତ୍ତରେଶ୍ୱରରୁ ଜଣେ ବିସ୍କୁଟ ବ୍ୟବସାୟୀଙ୍କ ଗାଡିରୁ ୪୨ ହଜାର ଟଙ୍କା ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା କୁଡେଇ ଗ୍ରାମର ତିମିର ତପନ ଦାସ ବିସ୍କଫାର୍ମ ବିସ୍କୁଟ କମ୍ପାନୀର ଡିଲର ଭାବେ ସୋରର ବିଭିନ୍ନ ଦୋକାନକୁ ବିସ୍କୁଟ ଯୋଗାନ୍ତି। ଆଜି ମଧ୍ୟାହ୍ନରେ ଉତ୍ତରେଶ୍ୱର କସମୋ ବଜାର ନିକଟରେ ଏକ ଦୋକାନରେ ବିସ୍କୁଟ ପେଟି ଦେଉଥିବା ବେଳେ ଦୁଇଜଣ ଯୁବକ ଏକ ପଲସର ବାଇକରେ ଆସି ତାଙ୍କ ଗାଡି ଆଗରେ ଥିବା ବ୍ୟାଗରୁ ୪୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ଶିକାରୀଙ୍କଠାରୁ ୩ ହାତୀଦାନ୍ତ ଜବତ

**ନୀଳଗିରି, ୧୫।୭ (ସମିସ)**



ମାସେ ପରେ ନୀଳଗିରି ବନ ବିଭାଗକୁ ସଫଳତା ମିଳିଛି। ଗତ ଜୁନ୍ ୧୫ ତାରିଖରେ କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ଜବତ ହୋଇଥିବା ଗଳିତ ଦନ୍ତା ହାତୀର ଦୁଇଟି ଦାନ୍ତ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କେସିପୁର ପଞ୍ଚାୟତ ବେତକଟା ଗ୍ରାମର ସୁଶାନ୍ତ ନାୟକ ଓରଫ୍ ଟୁଟୁ ଓ ଅନ୍ୟ ଜଣେ ବାପି। ବିଶେଷସୂତ୍ରରୁ ଖବର ପାଇ ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ ଏବଂ କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ପୁଲିସ ସହାୟତାରେ ଆଜି ସୁଶାନ୍ତର ଘର ଉପରେ ଚଢ଼ଉ କରି ଦାନ୍ତ ଦୁଇଟିକୁ ଜବତ କରିଛି। ସେହିପରି, ଏହି ଟିମ୍ ତେଲିପାଳ ପଞ୍ଚାୟତ ଭଗାବନ୍ଧ ଗ୍ରାମର ଦିନା ମୁର୍ମୁଙ୍କ ଘର ଉପରେ ଚଢ଼ଉ କରି ଏକ ପୁରୁଣା ହାତୀଦାନ୍ତ ଜବତ କରିବା ସହ ତାଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ବନ ବିଭାଗ ଗତ ଜୁନ୍ ୧୫ତାରିଖରେ ଏକ ଗଳିତ ହାତୀର ମୃତଦେହ ଜବତ କରିଥିଲା। ପରେ ଏହି ଘଟଣାର ତଦନ୍ତ କରି ବନ ବିଭାଗ ୫ ଶିକାରୀଙ୍କୁ ବିଭାଗ ଗିରଫ କରିଥିଲେ ହେଁ ମୁଖ୍ୟ ଆସାମୀ ସୁଶାନ୍ତ ଏବଂ ହାତୀର ଦାନ୍ତଦ୍ୱୟକୁ ଠାବ କରିବାରେ ବିଫଳ ହୋଇଥିଲା।

# କଲେଜରେ ଶୃଙ୍ଖଳା ବଜାୟ ରହିବା ଉପରେ ଗୁରୁତ୍ୱ ଦିଆଯିବ: ଅଧ୍ୟକ୍ଷ

ବାଲେଶ୍ୱର,୧୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତ ସମୀର ସାହୁ ଏବଂ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବନ ସହ ଗିରଫ କରାଯାଇଛି। ତେବେ ଏହି ସମୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ପ୍ରଫେସର ଫିରୋଜ ପାଢୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଫେସର ଫିରୋଜ ପାଢ଼ୀ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍.ଓ. ଡି ଭାବେ କାର୍ଯ୍ୟ କରୁଥିଲେ। ତେବେ ଆଜି ଫିରୋଜ ପାଢୀଙ୍କୁ ଆଜି ସାକ୍ଷାତକାର କରି କଲେଜର ପରିସ୍ଥିତି, ଘଟଣାର ତଦନ୍ତ ଏବଂ ଆଗାମୀ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା।



କିଛି ପ୍ରଶ୍ନର ପ୍ରତିକ୍ରିୟାରେ ସେ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯାହା ଘଟିବା କଥା ନୁହେଁ। କାହିଁକି ଘଟିଲା ତାହାକୁ ନେଇ ତଦନ୍ତ ଚାଲିଛି। ମୁଁ ଏବେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛି। ଯେତିକି ଦିନ ଦାୟିତ୍ୱରେ ରହିବେ ସେହି ସମୟ ଭିତରେ ମୁଁ ଅଧିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବି। ଗୋଟେ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବା ସମସ୍ତଙ୍କ ଉପରେ ନିର୍ଭର କରେ। ଯେଉଁମାନେ ଶିକ୍ଷାନୁଷ୍ଠାନ ବା କଲେଜର ଅଂଶବିଶେଷ ସେମାନଙ୍କ ଭିତରେ ଶୃଙ୍ଖଳା ରହିବା ଦରକାର। କର୍ମଚାରୀ ଯଦି ଦାୟିତ୍ୱ ଠିକ୍ ଭାବେ ତୁଲାଇବେ ତାହେଲେ ପିଲା ବି ସନ୍ତୁଷ୍ଟ ରହିବେ। ସମସ୍ତଙ୍କ ସହଯୋଗରେ ଗୋଟେ ସଂସ୍ଥା ଚାଲିପାରିବ। ଏହା ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟ। ତେଣୁ ଏହି କଲେଜରେ ପଢ଼ିବା ପାଇଁ ଏହି ଘଟଣା ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ମୁଁ ଭାବୁଛି। ଯଦିଓ ଏହା ଅତ୍ୟନ୍ତ ଦୁଃଖଦ ଘଟଣା ବା ସେପରି ହେବା କଥା ନୁହେଁ, ତଥାପି ଗୋଟିଏ ଘଟଣା ଯେପରି କଲେଜ ସୁନାମର ଆଞ୍ଚ ନ ଆସୁ ସେଦିଗରେ ସମସ୍ତେ ଚେଷ୍ଟା କରିବା। ଏହାବ୍ୟତୀତ ଏହି ଘଟଣା ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ସମସ୍ତେ ପ୍ରଭାବିତ ହୋଇଛନ୍ତି। ତେଣୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାଙ୍କ ଭିତରେ ସମ୍ପର୍କ ଭଲ କେମିତି ରହିବ ତାହା ଉଭୟଙ୍କ ଉପରେ ନିର୍ଭର କରେ। ଉଭୟଙ୍କ ଭିତରେ ବିଶ୍ୱାସ ରହିବା ଦରକାର। ଏଦିଗରେ ଉଦ୍ୟମ କରାଯିବ। ସିସିଟିଭିର ସବୁଆଡ଼େ କଭରେଜ୍ ନଥାଏ। ନିଆଁ ଲଗାଇବା ଜାଗାରେ ସିସିଟିଭି ନାହିଁ। କଲେଜରେ ସମୁଦାୟ ୧୩ ଟି ସିସିଟିଭି ରହିଛି। ସେଦିନର ଫୁଟେଜ୍ ତଦନ୍ତ ପାଇଁ ନିଆଯାଇଛି। ଏ ନେଇ ଅଧିକ ତଦନ୍ତ ପୁଲିସ କରୁଛି। ଏହାବ୍ୟତୀତ ଆଇସିସି କମିଟି ତୁରନ୍ତ ଗଠନ ଏବଂ ସଦସ୍ୟ ସଦସ୍ୟାଙ୍କ ନାମ ଡିସପ୍ଲେ ପାଇଁ ନିର୍ଦ୍ଦେଶ ଆସିଛି। ଏକ ଉପଯୁକ୍ତ ସ୍ଥାନରେ କମିଟି ସଦସ୍ୟ ନାମ ଲେଖାଯିବ। ଏହା କଲେଜ ଖୋଲିବା ପରେ ଆମେ ଅନୁପାଳନ କରିବୁ। ଏଥିସହ କର୍ମଶାଳା ମାଧ୍ୟମରେ ସଚେତନତା ପାଇଁ ମଧ୍ୟ ଚିଠିରେ ଲେଖାଯାଇଛି।

# ସୌମ୍ୟାଶ୍ରୀଙ୍କୁ ଏଆଇଡିଏସଓର ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୫।୭(ସମିସ): ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୀଡିତା ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ବାଲେଶ୍ୱର ତଥା ରାଜ୍ୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଶୁଭ ବୁଦ୍ଧିସମ୍ପନ୍ନ ମଣିଷ ଅତ୍ୟନ୍ତ ମର୍ମାହତ। ଏଆଇଡିଏସଓ ପୀଡିତା ପାଇଁ ଆରମ୍ଭରୁ ନ୍ୟାୟ ଦାବିରେ ଲଢେଇ କରି ଆସିଛି। ଆଜି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଫକୀର ମୋହନ କଲେଜ ଗେଟ ସମ୍ମୁଖରେ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ କରି ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏଆଇଡିଏସ ଓ ରାଜ୍ୟ ସଭାପତି ସୋମନାଥ ବେହେରା ପୁଷ୍ପମାଲ୍ୟ ଅର୍ପଣ କରବା ପରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଜିଲ୍ଲା କମିଟି ସଦସ୍ୟ ମନୋଜ ପତ୍ର, ବଳରାମ ସାହୁଙ୍କ ସମେତ ଏସୟୁସିଆଇ ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ଓ ସଦସ୍ୟ ଉମାକାନ୍ତ ଦାସ ମଧ୍ୟ ପୁଷ୍ପ ଅର୍ପଣ କରିଥିଲେ।




# ସୌମ୍ୟାଶ୍ରୀଙ୍କ ଘରେ ପିସିସି ସଭାପତି



ଭୋଗରାଇ/ଭୂଷଣ୍ଡେଶ୍ୱର,୧୫।୭(ସମିସ): ନିର୍ଯ୍ୟାତନା ସହି ନପାରି ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘରେ ଆଜି ସନ୍ଧ୍ୟାରେ ପହଞ୍ଚିଛନ୍ତି ପିସିସି ସଭାପତି ଭକ୍ତ ଦାସଙ୍କ ସମେତ କଂଗ୍ରେସ ବିଧାୟକ ଦଳରନେତା ରାମଚନ୍ଦ୍ର କାଡାମ ଏବଂ କଂଗ୍ରେସ ବିଧାୟକ ପରିବାର ଲୋକଙ୍କୁ ଭେଟିଛନ୍ତି। ମୃତ ସୌମ୍ୟାଶ୍ରୀଙ୍କ ବାପା ଙ୍କ ସହିତ ପିସିସି ସଭାପତି ଭକ୍ତ ଦାସ ସମସ୍ତ ଆଲୋଚନା କରିବା ସହିତ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ କଂଗ୍ରେସ ଦଳ ଦୃଢ଼ ପ୍ରତିବାଦ କରିବ ବୋଲି କହିଛନ୍ତି। ୧୭ ତାରିଖ ଦିନ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ମହମବତି ଶୋଭାଯାତ୍ରା






ବାଲେଶ୍ୱର,୧୫।୭(ସମିସ)

ଫକୀରମୋହନ ମହାବିଦ୍ୟାଳୟରେ ଆତ୍ମହତ୍ୟା କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଜୁ ଛାତ୍ର ଜନତା ଦଳ ତରଫରୁ ଏକ ବିଶାଳ ମହମବତୀ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଶୋଭାଯାତ୍ରା ସିନେମା ଛକଠାରୁ କଲେଜ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆସିଥିଲା। ଜିଲ୍ଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏବଂ ବିଜୁ ଯୁବ ମହିଳା ଏବଂ ବରିଷ୍ଠ ଜନତା ଦଳର ନେତୃବୃନ୍ଦ ମାନେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଶହ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ସବିତା ସାହୁ, ବ୍ଲକ ଅଧ୍ୟକ୍ଷ ସୁନିତା ବେହେରା, ସୂର୍ଯ୍ୟକାନ୍ତ କର, ଅସିତ ଦାସ, ଶାନ୍ତନୁ ଦାସ, ସଂଜୀବ ଦାସ, ରୋଜି ପଟ୍ଟନାୟକ, ଆଶ୍ରିତା ତରେଇ, ଜୟନ୍ତୀ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଭାପତି ତାପସ ପରିଡା, ଜୋନ ସଭାପତି ଜୟୀରାମ ଦାସ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସାଧାରଣ ସମ୍ପାଦକ ଶୁଭମସାଇ ମହାପାତ୍ର, ସିମନ ସାମଲ, ଟାଉନ ସଭାପତି ଭବାନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାହୁଲ ନାୟକ, ଚିନ୍ମୟ ମହାନ୍ତି ଛାତ୍ର ନେତା ସୁଶୀଲ ପଣ୍ଡା, ବିଜୟ ଜେନା, କିରଣ ନାଥ,ନରୋତ୍ତମ ଦାସ, ଗଜେନ୍ଦ୍ର ନାୟକ, ଅମିତ ମହାନ୍ତି, ଅଭିଜିତ ବିଶ୍ୱାଳ, ଜୀବନ ସଂଗ୍ରାମ ମିଶ୍ର, ସୁଶାନ୍ତ ବେହେରା, ଅନୁପମ ମହାନ୍ତି, ଜାକବ ସିଂ, ହର୍ଷ ଖଣ୍ଡେଲୱାଲ, ୱାଲୟତ କ୍ୱାଡରି, ସ୍ୱସ୍ତିକ ସାମନ୍ତ ସରୋଜ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

**ମୁସଲିମ୍ କମ୍ୟୁନିଟି:** ମୁସଲିମ୍ କମ୍ୟୁନିଟି ପକ୍ଷରୁ ମ୍ୟୁନିସିପାଲିଟି ସାମ୍ନାରେ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମୁସଲିମ୍ କମ୍ୟୁନିଟିର ସଦସ୍ୟମାନେ ଏହି ମାମଲାରେ ଯଥାଯଥ ତଦନ୍ତ ହେବା ଓ ଦୋଷୀଙ୍କୁ ଦଣ୍ଡ ମିଳିବାକୁ ଦାବି କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମହମ୍ମଦ ମୁକ୍ତାର ଅହମଦ, ମହମ୍ମଦ ଇକବାଲ, ଶେଖ ଅସଗର ଅଲି, ଇନ୍ତେଖାବ ଅଲି ଖାନ୍, ଅଜିମ୍ ବାଲେଶ୍ୱରୀ, ମହମ୍ମଦ ଫିରୋଜ୍ ଖାନ୍, ଶେଖ ନୌସାଦ, ଉମର ଫାରୁକ୍, ମହମ୍ମଦ ହାଇଦର ଖାନ୍ ଓ ଶେଖ ନଜିମ୍ ଉପସ୍ଥିତ ଥିଲେ।

**ଇଣ୍ଡିମେଣ୍ଟ:** ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଇଣ୍ଡିମେଟ ପକ୍ଷରୁ ଫକୀରମୋହନ ଗୋଲେଇ ଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋନାଲିସା ସାମଲ, ସରୋଜ କୁମାର ଲେଙ୍କା,ସୁଦର୍ଶନ ଜେନା, ଜୟକୃଷ୍ଣ ବେହେରା, ଦେବୀପ୍ରସନ୍ନ ଚଣ୍ଡ, ଗୋପୀନାଥ ପାଢ଼ୀ, ଜୀବନ କୁମାର ମହାପାତ୍ର,ଜ୍ୟୋତ୍ସ୍ନା ସେନାପତି,ଉର୍ମିଳା ମାଝୀ, କନକ ବେହେରା,ଶ୍ରୀକାନ୍ତ ବୁଗୁଡାଇ,ଅକ୍ଷୟ ମଲିକ, ନିଶିତ ବାରିକ, ଜଗବନ୍ଧୁ ଜେନା, ଲୋକନାଥ ରାଉଳ, ସୁଷମା ରାଉଳ, ଗୌରାଙ୍ଗ ପାଣିଗ୍ରାହୀ, କହ୍ନେଇଚରଣ ବେହେରା, କୁମୁଦିନି ଦାସ, କେଶବ ଚନ୍ଦ୍ର ନାୟକ, ନିରଞ୍ଜନ ଦାସ, ଅଜୟ ଜେନା, ପ୍ରେମରଞ୍ଜନ ପାତ୍ର, ସନ୍ତୋଷ କୁମାର ଦାଶ, ସନ୍ତୋଷ ପଣ୍ଡା, ଅଞ୍ଜନ ଦାସ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ସିଭିଲ ସୋସାଇଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି




# କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା

ଭୋଗରାଇ, ୧୫।୭ (ସମିସ) : ବିଜେପି ସରକାରରେ ଆଜି ନାରୀ ସୁରକ୍ଷିତ ନାହିଁ। ପ୍ରତିଦିନ ଶିଶୁ କନ୍ୟାଠାରୁ ଛାତ୍ରୀ, ମହିଳା ମାନେ ଦୁଷ୍କର୍ମ ର ଶିକାର ହେଉଛନ୍ତି। ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ନିର୍ଯ୍ୟାତନାର ଶୀକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପୂର୍ବରୁ କଲେଜ ଅଧ୍ୟକ୍ଷ, ଏସ ପି, ଜିଲ୍ଲା ପାଳ, ବାଲେଶ୍ୱର ସାଂସଦ ଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷାମନ୍ତ୍ରୀ,କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗି ଲା ପରେ ନ୍ୟାୟ ନ ମିଳିବାରୁ ମାନସିକ ଭାରସାମ୍ୟ ହରାଇ ଶେଷରେ ନିଜକୁ ଜାଳି ଦେବା ଭଳି କଠିନ ନିଷ୍ପତ୍ତି ନେଲା। ଏହାକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ଯେତେବେଳେ ପର୍ଯ୍ୟନ୍ତ ମୃତା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ରହିଥିବା ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନର ଅଧିକାରୀ ମାନଙ୍କୁ ଦଣ୍ଡ ନମିଳିଛି ସେତେବେଳେ ପର୍ଯ୍ୟନ୍ତ ତାର ଆତ୍ମା ଶାନ୍ତି ପାଇବ ନାହିଁ। ତେଣୁ କଂଗ୍ରେସ ଦଳ ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଉଛି। ଯେପର୍ଯ୍ୟନ୍ତ ନ୍ୟାୟ ନ ମିଳିବ ସେତେବେଳେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଆଜି ଭୋଗରାଇ ଥାନାଛକ ଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ପ୍ରଥମେ ଭୋଗରାଇ କଂଗ୍ରେସ ନେତା ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସ ସହିତ କଂଗ୍ରେସର ଏକ ଟିମ୍ ମୃତକଙ୍କ ପରିବାରକୁ ଯାଇ ସମବେଦନା ଦେଇଥିଲେ। ପରେ ଭୋଗରାଇ କଂଗ୍ରେସ ଭବନରୁ ଏକ ବିରାଟ ପଟୁଆରରେ ମହମବତୀ ସଭା ଯାତ୍ରାରେ ବାହାରି ଥାନା ଛକ ଅମ୍ବିକେଶ୍ୱରୀ ମନ୍ଦିରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ। ଏହି ସଭାରେ ପିସିସି ସଭାପତି ଶ୍ରୀ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ ଦାସ, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ରାଜ୍ୟ ସେବା ଦଳର ସଭାପତି ଶୁଭେନ୍ଦୁ ମହାନ୍ତି, ଭଦ୍ରକ କଂଗ୍ରେସ ଦଳର ସଂଯୋଜକ ତଥା ବହୁ ନେତା ଉପସ୍ଥିତ ରହି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ନାରୀ ନେତ୍ରୀ ମମତା ସାହୁ, ମିନାରାଣୀ ସୁର, ସୁଦର୍ଶନ ଜେନା, ରବିନ୍ଦ୍ର ଜେନା, ସୁମନ୍ତ ବେହେରା, ରାଜେନ୍ଦ୍ର ଦଳାଇ, ସମ୍ଭୁ ମାଝୀ, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ଦୀପେଶ ରାୟ ପରିଚାଳନା କରିଥିଲେ।




# ଏଆଇଡିଏସ୍‌ଓ ଛାତ୍ରନେତାଙ୍କ ଗିରଫଦାରୀକୁ ନିନ୍ଦା

ବାଲେଶ୍ୱର,୧୫।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ରେଭେନସା ସମାବର୍ତ୍ତନ ସଭା ଆଳରେ ଏଆଇଡିଏସଓର କଟକ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକଙ୍କୁ ପୁଲିସ ଜିଲ୍ଲା ଅଫିସରୁ ଗିରଫ କରିବା ସହ ଅନ୍ୟ ଛାତ୍ରନେତାଙ୍କୁ ଗିରଫ ପାଇଁ ତନାଘନା ଆରମ୍ଭ କରିଛି। ଏହି ଗିରଫଦାରୀକୁ ଏଆଇଡିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ତୀବ୍ର ନିନ୍ଦା କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ,ଦୀର୍ଘ ଆଠ ମାସ ଧରି ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ଲଢେଇ କରି ଆସୁଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ, ରାଜ୍ୟ ସରକାର ତଥା ସାଂସଦ,ସଦର ବିଧାୟକ ସମସ୍ତଙ୍କୁ ଜଣାଇବା ପରେ ନ୍ୟାୟ ପାଇବାରୁ ବଞ୍ଚିତ ହେବାରୁ ଗତ ଶନିବାର ଅର୍ଥାତ୍‌୧୨ତାରିଖରେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ କରି ସଂପୃକ୍ତ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦାବିରେ ଏଆଇଡିଏସଓ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଗତକାଲି ରାତିରେ ପୀଡ଼ିତଙ୍କ ମୃତ୍ୟୁ ପରେ ଏହି ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ରାଜ୍ୟ ସରକାର ଆଶଙ୍କା କରି ଆଜି ରେଭେନସା ସମାବର୍ତ୍ତନ ସଭା ଆଳରେ ଛାତ୍ରନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଛି। ଏହିଭଳି ଏକ ବେଦନାଦାୟକ ଓ ସମ୍ବେଦନଶୀଳ ସ୍ଥିତିରେ ସମାବର୍ତ୍ତନ ସଭା ବାତିଲ ନକରି ଛାତ୍ରନେତାଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ସଙ୍ଗଠନ ତରଫରୁ ତୀବ୍ର ନିନ୍ଦା କରିବା ସହ ପୀଡ଼ିତାଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ପରେ କୌଣସି ପଦକ୍ଷେ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ଓ ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କର ନିରାପତ୍ତା ସୁନିଶ୍ଚିନ୍ତ କରିବା ଦାବି କରାଯାଇଛି।

**ଅଗ୍ନି ସୁରକ୍ଷା ମାନଦଣ୍ଡ ଅନୁସରଣ କରୁନାହାନ୍ତି ସବୁ ଶିକ୍ଷାନୁଷ୍ଠାନ**

# ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ବି ବ୍ୟବହାର କରାଯାଉନି

ବାଲେଶ୍ୱର,୧୫।୭(ସମିସ)

ଶିକ୍ଷାନୁଷ୍ଠାନଗୁଡିକ ଅଗ୍ନି ସୁରକ୍ଷା ମାନଦଣ୍ଡ ଅନୁସରଣ କରୁନାହାନ୍ତି। ସବୁ ଶିକ୍ଷାନୁଷ୍ଠାନ ଯଥା ବିଦ୍ୟାଳୟଠୁ ଆରମ୍ଭ କରି କଲେଜ ସବୁଠି ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ପାଇଁ ନିୟମ ରହିଛି। ସରକାରୀ ହେଉ କି ଘରୋଇ ଶିକ୍ଷାନୁଷ୍ଠାନ ସବୁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା ଉଚିତ। ସବୁ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ ବୋଲି ଗୃହ ବିଭାଗ ନିଷ୍ପତ୍ତି ନେଇଥିଲା। ହେଲେ ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣା। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ଜୀବନ ମରଣ ସହ ସଂଗ୍ରାମ କରି ଶେଷରେ ମୃତ୍ୟୁବରଣ କରିଛନ୍ତି। ନ୍ୟାୟ ନ ପାଇବାରୁ ଛାତ୍ରୀ ଜଣକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ସବୁଠୁ ବଡ଼ କଥା ହେଉଛି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ହେଲେ ନିଆଁ ଲିଭାଇବା ପାଇଁ ଯନ୍ତ୍ର କେହି ବ୍ୟବହାର କରିଲେ ନାହିଁ। ହୁଦ୍ ହୁଦ୍ ହୋଇ ଜଳୁଥିବା ନିଆଁକୁ ଆୟତ୍ତ ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚୟ କାମରେ ଆସିଥାନ୍ତା। ହେଲେ ଏପରି ଏକ ବିପତ୍ତି ସମୟରେ ଏହାକୁ ବ୍ୟବହାର ନକରିବା ନେଇ ଅନେକ ପ୍ରଶ୍ନ ଉଠିଛି। ନାଁକୁ ମାତ୍ର ଯନ୍ତ୍ର ରହିଛି। କଲେଜ ପରିସରରେ ଯେତେବେଳେ ଛାତ୍ରୀ ଜଣକ ପେଟ୍ରୋଲ ଢ଼ାଳି ନିଆଁ ଲଗାଉଥିଲେ ସେହି ସମୟରେ କାହିଁକି କଲେଜର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସକ୍ରିୟ କରାଯାଇ ନ ଥିଲା। ଯଦି ସେହି ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବଦରେ କେହି ବି ଚିନ୍ତା କରିଥାନ୍ତେ ତାହେଲେ ଛାତ୍ରୀ ଜଣକ ଏତେ ମାତ୍ରାରେ ପୋଡିଯାଇନଥାନ୍ତେ। ଏଭଳି ଅନେକ ପ୍ରଶ୍ନ ବିଭିନ୍ନ ମହଲରୁ ଉଠୁଛି।

ସୂଚନାଯୋଗ୍ୟ, ସହରରେ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବାର ନିୟମ ରହିଛି। ହେଲେ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଗ୍ନିକାଣ୍ଡ ଘଟିଲେ ଛାତ୍ରଛାତ୍ରୀଙ୍କୁ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ବହୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ସେଭଳି ଆକସ୍ମିକ ଅଘଟଣ ବେଳେ ଅଗ୍ନି ନିର୍ବାପକ ଯନ୍ତ୍ର ହିଁ ବହୁ କାମରେ ଲାଗିବା କଥା। ହେଲେ ଏଗୁଡ଼ିକର ସ୍ଥିତି ପରଖିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ। ହାତଗଣତି କେତୋଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ି ଦେଲେ ବାକି ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଏ ନେଇ ଅଗ୍ନିଶମ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି କି ନାହିଁ ଯାଞ୍ଚ କରାଯାଇନି। ନିକଟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିଜକୁ ଜଳାଇ ଆତ୍ମହତ୍ୟା କରିଥିବା ଘଟଣା ସବୁଠି ଚହଳ ପକାଇଛି। କାରଣ କଲେଜ ପରିସରରେ ନିଜକୁ ନିଆଁ ଲଗାଇ ଜାଳିବାକୁ ଉଦ୍ୟମ କରୁଥିବାବେଳେ ଠିକ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡ଼ିକ କାମରେ ଲାଗୁ ନାହିଁ। ଏସବୁ କେବଳ ଦେଖିବା ପାଇଁ ରଖାଯାଇଛି। ଅଗ୍ନି ନିର୍ବାପକ ପାଇପ୍‌ରେ ପାଣି ରହୁନାହିଁ କିମ୍ବା ଅଙ୍ଗାରକାମ୍ଳ ଗ୍ୟାସ୍ ପାଇପ୍ଲାଇନ୍ ନାମକୁ ମାତ୍ର ରହିଛି। ଅଚଳ ଅଗ୍ନି ନିର୍ବାପକ ଯନ୍ତ୍ର କେବଳ ନିଜକୁ ନିଜେ ଠକିବା ପାଇଁ ବ୍ୟବହାର କରାଯାଉଛି। ନିୟମ ଅନୁସାରେ ଏକ ନୂତନ ଶିକ୍ଷାନୁଷ୍ଠାନ ଖୋଲିବା ପୂର୍ବରୁ ଅଗ୍ନିଶମ ବିଭାଗ ନିକଟରୁ ପ୍ରମାଣପତ୍ର ଆଣିବାକୁ ପଡ଼ିଥାଏ। କିନ୍ତୁ ହାତଗଣତି କେତୋଟି ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ଗୁଡ଼ିକ ବିନା ଅଗ୍ନି ନିର୍ବାପକ ପ୍ରମାଣପତ୍ରରେ ଚାଲିଥିବା ଅଭିଯୋଗ ହେଉଛି। ଯେଉଁଠି ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିଛି ସେଠାରେ ତାହାର ବ୍ୟବହାର ବାବଦରେ କୌଣସି ସ୍ୱତନ୍ତ୍ର ତାଲିମ ଦିଆଯାଇନାହିଁ। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଗ୍ନିକାଣ୍ଡ ଘଟିଲେ ଛାତ୍ରଛାତ୍ରୀଙ୍କୁ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ କେବେ ଶତପ୍ରତିଶତ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ହେବ ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ଏ ବାବଦରେ ଫକୀରମୋହନ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢୀ କହିଛନ୍ତି, କଲେଜରେ ସବୁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି। ଯେଉଁଠି ଛାତ୍ରୀଜଣକ ନିଜକୁ ନିଆଁ ଲଗାଇଲେ ସେଠାରେ ମଧ୍ୟ ଅଛି। ହେଲେ ଘଟଣାଟି ହଠାତ୍ ଏମିତି ଘଟିଲା ଯେ ଆଉ କିଛି ଜାଣି ହେଲା ନାହିଁ। ଦୌଡା ଦୌଡ଼ି ଭିତରେ ଏ ବିଷୟରେ ଆଉ କାହା ମୁଣ୍ଡରେ କିଛି ପଡ଼ିନାହିଁ। ସେହିପରି କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଅଧ୍ୟକ୍ଷା ଝାନସୀ ଜେନା କହିଛନ୍ତି, କଲେଜର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି। ରେଡକ୍ରସ୍ ତରଫରୁ ତାଲିମ ଦିଆଯାଏ।

# ୧୭ରେ ଓଡ଼ିଶା ବନ୍ଦକୁ ସଫଳ ପାଇଁ ବୈଠକ

ବାଲେଶ୍ୱର,୧୫।୭(ସମିସ): ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଏକ ସୁପରିକଳ୍ପିତ ଷଡଯନ୍ତ୍ର। ଘଟଣା ଦିନ କି ପ୍ରକାର ପରିସ୍ଥିତି ସୃଷ୍ଟି ହେଲା ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲେ। ସେଠାକୁ ପେଟ୍ରୋଲ କେଉଁଠି ଆସିଲା ଏବଂ ତାଙ୍କୁ ଆତ୍ମହତ୍ୟା କରିବାକୁ କେହି ପ୍ରବତାଇ ଥିଲେ କି ନାହିଁ ଆଦି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ଏକ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି। ସ୍ଥାନୀୟ ପୁଲିସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତକୁ ବିଶ୍ୱାସ କରାଯାଇପାରିବ ନାହିଁ। ତେଣୁ ଉଚ୍ଚ ନ୍ୟାୟଳୟର ତତ୍ତ୍ୱାବଧାନରେ ତଦନ୍ତ କରିବା ପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳ ସମେତ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଦାବି କରାଯାଉଛି। ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଧ୍ୟ ଦାବି କରାଯାଇଛି। ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାର ବିଚାର ବିଭଗୀୟ ତଦନ୍ତ ଦାବୀରେ ଇଣ୍ଡିଆ ବ୍ଲକ ପକ୍ଷରୁ ଓଡିଶା ବନ୍ଦର ଡାକରାକୁ ସଫଳ କରିବା ପାଇଁ ଆଜି ସିପି ଆଇଏମ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସଚେତନ ନାଗରିକମାନଙ୍କୁ ନିବେଦନ କରାଯାଇଛି। ଉକ୍ତ ବୈଠକରେ ନିର୍ମଳ ନାୟକ, ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।





ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ ।
-ଷ୍ଟାଲିନ୍

ସକାଳ
THE SAKALA

# କ୍ଷମତାର ବ୍ୟଥା ଓ କଥା

ଆମେରିକା ପରେ ଚୀନ ବିଶ୍ୱର ଦ୍ୱିତୀୟ କ୍ଷମତାକେନ୍ଦ୍ର । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ବାଣିଜ୍ୟ ଶୁଳ୍କ ନିର୍ଦ୍ଧାରଣକୁ ନେଇ ସେ ଯେଉଁ ଅଘୋଷିତ ଯୁଦ୍ଧ ପରିବେଶ ସୃଷ୍ଟି କରିଛନ୍ତି ତାହାର ଖୋଲା ମୁକାବିଲା କେବଳ ଚୀନ କରିଛି । ଆମେରିକାର ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ସକାଶେ ଚୀନ ପ୍ରସ୍ତୁତ ଅଛି କହିବା ପଛରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରଭାବୀ ଭୂମିକାକୁ ଅସ୍ୱୀକାର କରି ହେବନି । ଏପରିକି ଆମେରିକୀୟ ଡଲାରର ଥିବା ବିଶ୍ୱବ୍ୟାପୀ ପ୍ରାଧାନ୍ୟକୁ ଖର୍ବ କରିବା ସକାଶେ ବ୍ରିକ୍ସ ସମ୍ମିଳନୀ ମାଧ୍ୟମରେ ଜିନପିଙ୍ଗଙ୍କ ସମାନ୍ତରାଳ ମୁଦ୍ରା. ପ୍ରଚଳନ ପ୍ରସ୍ତାବ ଟ୍ରମ୍ପଙ୍କୁ ବିବ୍ରତ କରିଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମେରିକାର ନାଟୋ ସାମରିକ ମେଣ୍ଟ ଭଳି ଚୀନ ମଧ୍ୟ ନିଜର ଆର୍ଥିକ ଦମ୍ଭ ଓ ସାମରିକ ଶକ୍ତି ବଳରେ ଆହ୍ୱାନ ଦେଲା ଭଳି ସାମର୍ଥ୍ୟ ଏକଜୁଟ କରିବାକୁ ସମର୍ଥ ହୋଇଛି । ବ୍ରିକ୍ସ ସଂଗଠନର ପ୍ରମୁଖ ପୁରୋଧା ହେଉଛି ଚୀନ । ତେବେ ନିକଟରେ ବ୍ରାଜିଲରେ ଅନୁଷ୍ଠିତ ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା । ଗତ ୧୨ ବର୍ଷ ମଧ୍ୟରେ ଏହା ହିଁ ଥିଲା ସବୁଠାରୁ ବିରଳ ଘଟଣା । ଏହି ଅନୁପସ୍ଥିତି ବିଭିନ୍ନ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି ।

ଗତ ମେ' ମାସର ଦ୍ୱିତୀୟ ଭାଗରୁ ସାଧାରଣ ଜୀବନରେ ତାଙ୍କର ଅନୁପସ୍ଥିତି ପରିଲକ୍ଷିତ ହୋଇଛି । ଏମିତିରେ ଚୀନର ଆଭ୍ୟନ୍ତରୀଣ ପରିସ୍ଥିତି, ଏପରିକି କୌଣସି ବଡ଼ ଘଟଣା ଖୁବ୍ କ୍ୱଚିତ ସାଧାରଣରେ ପ୍ରକାଶ ପାଇଥାଏ । ସମସ୍ତ ତଥ୍ୟ ସରକାରୀ କଟକଣାକୁ ଅତିକ୍ରମ କରି ପ୍ରକାଶ ପାଇବା ସମ୍ଭବ ନୁହେଁ । ଯାଞ୍ଚ ଓ ସରକାରୀ ସ୍ୱୀକୃତି ପରେ ଯାହା ପ୍ରକାଶ ପାଏ ତାହା ଯେ ପ୍ରକୃତ ଚିତ୍ର ଏକଥା ଜୋରଦେଇ କହିହେବନି । ତେଣୁ ଜିନପିଙ୍ଗ ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହାର ସ୍ପଷ୍ଟଚିତ୍ର ଏଯାବତ ମିଳିନାହିଁ । ସେ ଗୁରୁତର ଅସୁସ୍ଥ ନା ଗୃହବନ୍ଦୀ ଅବସ୍ଥାରେ ତାହା ମଧ୍ୟ ଜୋର ଦେଇ କହିହେବନି । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଚୀନର ସରକାରୀ ଗଣମାଧ୍ୟମରେ ଯେଉଁଳି ପ୍ରାଧାନ୍ୟ ଦେଇ ପ୍ରକାଶ ପାଉଥିଲା, ଏବେ ତାହା ମଧ୍ୟ ଦୃଶ୍ୟମାନ ହେଉନାହିଁ । ତେଣୁ ଏହା ପଛରେ କିଛି ନା କିଛି ରହସ୍ୟ ତ ନିଶ୍ଚୟ ଅଛି । ଏକଦଳୀୟ ଶାସନ ବ୍ୟବସ୍ଥାରେ କ୍ଷମତା କେନ୍ଦ୍ର ଯିଏ ହେଉନା କାହିଁକି ଯେତେବେଳେ ନେତୃତ୍ୱ ପରିବର୍ତ୍ତନର ଝଡ଼ ସୃଷ୍ଟି ହୁଏ ସେଥିରେ କେତେ କିଏ ଧରାଶାୟୀ ହୁଅନ୍ତି ତାହା ସାଧାରଣରେ ପ୍ରକାଶ ନ ପାଇଲେ ମଧ୍ୟ ତାହାରି ମଧ୍ୟରୁ ହଠାତ୍ ନୂଆ ନେତାଙ୍କ ଆବିର୍ଭାବ ହୁଏ । ଯେତେଦୂର ମନେହୁଏ ସେହି ପ୍ରକ୍ରିୟା ସଂପ୍ରତି ଚୀନରେ ଜାରି ରହିଛି ।

ଏଥିମଧ୍ୟରେ ଦୁଇଟି ଖବର ସାମ୍ନାକୁ ଆସିଛି । ହାଠତ୍ ରବିବାର ଜିନପିଙ୍ଗଙ୍କ ଚୀନ ଡିଜିଟାଲ ମିଡିଆରେ ଆବିର୍ଭାବ ଘଟିଛି । ସେ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟ ରଖିଛନ୍ତି । ଅନ୍ୟ ଖବରଟି ହେଲା, ଜିନପିଙ୍ଗ ଓ ପ୍ରଧାନମନ୍ତ୍ରୀ ଲି କ୍ୱାଙ୍ଗଙ୍କୁ ଭେଟି ଆଲୋଚନା କରିବା ସକାଶେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅନ୍ଥୋନୀ ଆଲବାନିସ୍ ୬ ଦିନିଆ ଚୀନ୍ ଗସ୍ତରେ ଆସିଛନ୍ତି । ସେ ନିବେଶ, ପର୍ଯ୍ୟଟନ ଓ ବାଣିଜ୍ୟ କାରବାର ସଂପର୍କରେ ଚୀନ ନେତୃତ୍ୱ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଚୀନର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତି ଯାହା ହେଉନା କାହିଁକି ଏ ସଂପର୍କରେ କୂଟନୈତିକ ମହଲରେ ଯେଉଁଳି କୌଣସି ଭୁଲ ବାର୍ତ୍ତା ନଯିବ ସେ ନେଇ କମ୍ୟୁନିଷ୍ଟ ପାର୍ଟି ଆବଶ୍ୟକତାଠାରୁ ଅଧିକ ସତର୍କ । ତେଣୁ ଆଲ୍‌ବାନିସ୍ ଓ ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନାର ଗତି ଓ ପ୍ରକୃତିରେ ନିଶ୍ଚୟ ସ୍ୱାଭାବିକତା ରହିବ । କାରଣ ନେତୃତ୍ୱ ବଦଳିଲେ ମଧ୍ୟ ନୀତି ଓ ଆଦର୍ଶ ପୂର୍ବ ଭଳି ଅତୁଟ ରହିବ । କାରଣ ଏଥିସହ ଚୀନର ବିପୁଳ ନିବେଶ ଓ ସାମରିକ ସହଯୋଗିତା ସଂଶ୍ଲିଷ୍ଟ ରହିଛି । ଅଷ୍ଟ୍ରେଲିଆ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ତଥା ବୁଝାମଣା ଏହି ଗସ୍ତକ୍ରମ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ । ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ମଧ୍ୟ ଜିନ୍‌ପିଙ୍ଗ ଭେଟିଛନ୍ତି, ଯାହା ବିରଳ ପଦବାଚ୍ୟ ହୋଇପାରେ । କାରଣ ଜିନ୍‌ପିଙ୍ଗଙ୍କ ସ୍ୱଭାବ ଓ ମାନସିକତା ଯାହା ସେ ସବୁବେଳେ ତାଙ୍କ ପ୍ରତିପକ୍ଷଙ୍କୁ ହିଁ ସାକ୍ଷାତ କରନ୍ତି । କୌଣସି ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବାକୁ ଜିନ୍‌ପିଙ୍ଗ ଅନୁମତି ଦେବା ପଛରେ ଚୀନ୍ ବୋଧହୁଏ ଏହା ପ୍ରମାଣିତ କରିବାକୁ ଚାହୁଁଛି ଯେ ସବୁକିଛି ଠିକ୍‌ଠାକ୍ ଅଛି ।

ଚୀନ ସାମରିକ ବାହିନୀ ଜିନପିଙ୍ଗଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ତିନି ବାହିନୀର ପ୍ରମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଥିବାରୁ ସେ ଦାୟିତ୍ୱ ଓ ନେତୃତ୍ୱ ପରିବର୍ତ୍ତନ କରିଥିବାର କୁହାଯାଉଛି । ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ତ ଚୀନର ଏକ ସ୍ୱାଭାବିକ ବ୍ୟାପାର । ଖବରରୁ ପ୍ରକାଶ ଯେ ନୌବାହିନୀ ପ୍ରମୁଖ ଓ ଜଣେ ବରିଷ୍ଠ ପରମାଣୁ ବୈଜ୍ଞାନିକଙ୍କୁ ମଧ୍ୟ ଦାୟିତ୍ୱରୁ ଅନ୍ତର କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ଅଭିଯୋଗ ସେମାନଙ୍କ ବିରୋଧରେ ରହିଛି । ଏବେ କମ୍ୟୁନିଷ୍ଟ ପାର୍ଟିର କ୍ଷମତା କେନ୍ଦ୍ର ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବା ପାଇଁ ଦଣ୍ଡବିଧାନ ଶେଷ କଥା ନୁହେଁ ବରଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଛି । ପରିସ୍ଥିତି କ୍ରମେ ଭିନ୍ନ ମୋଡ଼ ନେଉଥିବାରୁ ଜିନପିଙ୍ଗ ଦଳର ପ୍ରମୁଖ ସଂଗଠନ ସହ ଆଲୋଚନା କରି କ୍ଷମତା ଆବଣ୍ଟନ କରିଥିବାରୁ ଶୁଣାଯାଉଛି । ଯଦିବା ଏହି ସତ ହୋଇଥାଏ ତେବେ ଚୀନରେ ନେତୃତ୍ୱ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଫାଶୀଦଣ୍ଡ ବିରୋଧରେ ବିଶ୍ୱବ୍ୟାପୀ ଜନମତ ପ୍ରକାଶ ପାଇଥିବାବେଳେ ଚୀନରେ ଏପ୍ରକାର ଦଣ୍ଡବିଧାନ ସର୍ବାଧିକ । ଏକ ରିପୋର୍ଟରୁ ପ୍ରକାଶ ଯେ ୨୦୨୩ ରେ କେବଳ ଚୀନରେ ୧୦୦୦ ଲୋକଙ୍କୁ ଫାଶୀ ଦିଆଯାଇଛି ।

ଚୀନରେ ନେତୃତ୍ୱ ପରିବର୍ତ୍ତନ ହେଉ ବା ନହେଉ ପାକିସ୍ତାନ ପ୍ରତି ବେଜିଂର ସଂପର୍କ ପୂର୍ବଭଳି ଅତୁଟ ରହିବ । କାରଣ ଚୀନର ମହତାକାଂକ୍ଷୀ ନିବେଶର ଭବିଷ୍ୟତ ପ୍ରତି କୌଣସି ପରିସ୍ଥିତିରେ ଆଖିବୁଜି ଦିଆଯାଇପାରିବ ନାହିଁ । ଦକ୍ଷିଣ ଏସିଆ କୂଟନୀତିରେ ପାକିସ୍ତାନ ଏକ ପ୍ରମୁଖ ଅଙ୍ଗର ମର୍ଯ୍ୟାଦା ହାସଲ କରିସାରିଛି । ପହଲଗାମ ଆତଙ୍କବାଦୀ ଘଟଣାରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ମଧ୍ୟ ଏଥିରେ ପାକିସ୍ତାନର ସମ୍ପୃକ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଛି । ତେଣୁ ଜିନପିଙ୍ଗ କ୍ଷମତାରେ ରହନ୍ତୁ ନରହନ୍ତୁ ଭାରତ ପାଇଁ କିଛି ଫରକ ପଡ଼ିବ ନାହିଁ ।

# ବାସ୍ତୁହରା ଗ୍ରାମବାସୀ

**ବୈକୁଣ୍ଠନାଥ ମିଶ୍ର**

ପୂର୍ବ କାଳରେ ରାଜା ମହାରାଜାମାନେ ଯୁଦ୍ଧ ଅଭିଯାନରେ ଯାଇ ରାଜ୍ୟ ଜୟ କରି ବିଜିତ ରାଜ୍ୟକୁ ନିଜ ମୂଳ ଭୂଖଣ୍ଡ ସହ ମିଶାଇ ରାଜ୍ୟର ସୀମା ବୃଦ୍ଧି କରୁଥିଲେ । ଜୋର ଯାର ମୂଲକ ତା'ର ନ୍ୟାୟରେ ପରାଜିତ ରାଜାମାନେ ବିଜେତାଙ୍କ ବଶତା ସ୍ୱୀକାର କରୁଥିଲେ । ପରାଜିତ ରାଜ୍ୟର ପ୍ରଜାକୁଳ ପୁରାତନ ଶାସନ ପରିବର୍ତ୍ତେ ଏକ ନୂତନ ଶାସନ ପଦ୍ଧତିକୁ ଆପଣେଇ ନେଉଥିଲେ । ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ଅନନ୍ୟୋପାୟ ହୋଇ ନୂତନତାକୁ ଆଦରିବାକୁ ପଡୁଥିଲା । ପ୍ରଜାମାନଙ୍କୁ ମାନିନେବାକୁ ହେଉଥିଲା ନୂତନ କର ନୀତି । ତାହା ଯେତେ କଷ୍ଟକର ହେଲେ ମଧ୍ୟ ବିନା ପ୍ରତିବାଦରେ ତାକୁ ଗ୍ରହଣ କରିବାକୁ ପଡୁଥିଲା ।

ଏକବିଂଶ ଶତାବ୍ଦୀର ଏକ-ଚତୁର୍ଥାଂଶ ପୃଥିବୀ ଭୋଗ କରି ସାରିଲାଣି । ଏକଛତ୍ର ଶାସନ ପ୍ରାୟତଃ ସରା ହରାଇଛି । ଗଣତନ୍ତ୍ର ମହନୀୟତାକୁ ପୃଥିବୀବାସୀ ଆଦରି ନେଇଛନ୍ତି । ବଂଶାନୁକ୍ରମିକ ଶାସନ ପ୍ରାୟତଃ ଲୋପ ପାଇଛି । ନିର୍ବାଚନ ମାଧ୍ୟମରେ ଜନସାଧାରଣ ନିର୍ଣ୍ଣୟ କରୁଛନ୍ତି ତାଙ୍କ ଶାସକ ଗୋଷ୍ଠୀକୁ । ଶାସନ ଜନସାଧାରଣଙ୍କର ପ୍ରତିଭାଜନ ହେଲେ ସରକାର ଦୀର୍ଘସ୍ଥାୟୀ ହେବ । ନଚେତ ପରବର୍ତ୍ତୀ ନିର୍ବାଚନରେ ନୂଆ ସରକାର ଆବିର୍ଭାବ ହେବ । ଭାରତ ଭଳି ସଂଘୀୟ ବ୍ୟବସ୍ଥାରେ ଜନସାଧାରଣ ରାଜ୍ୟ ଓ କେନ୍ଦ୍ର ପାଇଁ ପୃଥକ ସରକାର ବାଛନ୍ତି । ଉଭୟଙ୍କର କ୍ଷମତା ପରିସର ସମ୍ବିଧାନ ଅନୁଯାୟୀ ସ୍ଥିତୀକୃତ ହୋଇଛି । ଗୋଟିଏ ରାଜ୍ୟ ଚାହିଁଲେ ବି ଅନ୍ୟ ରାଜ୍ୟ ଦଖଲ କରି ପାରିବ ନାହିଁ । କିନ୍ତୁ ସଂପ୍ରତି ଦେଖିବାକୁ ମିଳୁଛି ଯେ ନିଜ ରାଜ୍ୟର ସୀମା ଡେଇଁ ପଡ଼ୋଶୀ ରାଜ୍ୟର କିଛି ଅଂଶ ଦଖଲ କରିବାକୁ ଅନୈପଚାରିକ ପ୍ରୟାସ ଜାରି ରହିଛି ।

ଓଡ଼ିଶାର କୋରାପୁଟ ଜିଲ୍ଲାର ଅନ୍ଧ୍ର ସଂଲଗ୍ନ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଶ୍ୟେନ ଦୃଷ୍ଟି ପଡ଼ିଛି, ଯାହା ଓଡ଼ିଶାବାସୀଙ୍କୁ ବିବ୍ରତ କରିଛି । ଓଡ଼ିଶାରେ ପ୍ରଚଳିତ ସମସ୍ତ ଜନକଲ୍ୟାଣ ଯୋଜନାମାନ ପ୍ରତିହତ କରି ଅନ୍ଧ୍ର ଆକର୍ଷଣୀୟ ଯୋଜନାମାନ ପ୍ରଚଳନ କରୁଛି । ଓଡ଼ିଶାଠାରୁ ଅଧିକ ଭତ୍ତା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଲୋଭନୀୟ ଅନୁଦାନ, ସ୍କୁଲ ଓ ଚିକିତ୍ସାଳୟ ସୁବିଧା ସହ ସଡ଼କ ସେତୁ ନିର୍ମାଣ କରି କୋଟିଆବାସୀଙ୍କ ମନ କିଣିବାକୁ ସକ୍ଷମ ହୋଇଛି । କୋଟିଆ ଅଞ୍ଚଳରେ ଥିବା ମୂଲ୍ୟବାନ ଧାତୁପଥର ଗଚ୍ଛିତ ପାହାଡ଼ ପର୍ବତ ଓ ମୂଲ୍ୟବାନ ଅରଣ୍ୟସମ୍ପଦକୁ ହାତେଇବା ଆନ୍ଧ୍ରର ଲକ୍ଷ୍ୟ । ପଡ଼ୋଶୀ ପଶ୍ଚିମବଙ୍ଗ ମଧ୍ୟ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ରଖିଛି । ସେହିପରି ଝାଡ଼ଖଣ୍ଡ ମୟୂରଭଞ୍ଜ ଜିଲ୍ଲାର ଲକ୍ଷୀନପୁର ବ୍ଲକର କିଛି ଅଂଶ ଓ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଅଞ୍ଚଳର କିଛିଅଂଶ ଉପରେ ଛତିଶଗଡ଼ର ଲୋଭନୀୟ ଦୃଷ୍ଟି ପଡ଼ିଛି । ଜାତୀୟସ୍ତରରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶକୁ ଦଖଲ କରିବା ପାଇଁ ଚୀନ ସଦସର୍ବଦା ପ୍ରୟାସ ଜାରି ରଖିଛି । ନିଜ ଦେଶ ସଂଲଗ୍ନ ପଡ଼ୋଶୀ ଭାରତର କିଛିଅଂଶ ନିଜର ବୋଲି ଦାବିକରି ଚୀନ ମାନଚିତ୍ର ମଧ୍ୟ ପ୍ରକାଶ କରିଛି, ଯାହାକୁ ଭାରତ ଦୃଢ଼ତାର ସହ ବିରୋଧ କରିଛି ।

ଆମ ଆଲୋଚନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାରେ ଦେଶ ବା ରାଜ୍ୟ କଥା ଦୂରେ ଥାଉ, ଜଣେ ବ୍ୟକ୍ତି ଇଚ୍ଛା କଲେ ସମ୍ପୂର୍ଣ୍ଣ ଏକ ଜନବସତିପୂର୍ଣ୍ଣ ଗ୍ରାମକୁ କ୍ରୟ କରିପାରିବ କି? ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଘଟଣାଟି ସତ୍ୟ । ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମଟିଏ । ନାଁ ତା'ର ଡାକ୍ତରବାଞ୍ଜେରି । ଏହି ଗ୍ରାମର ମୋଟ ଚାଷ ଜମିର ପରିମାଣ ୪୭ ଏକର । ଗ୍ରାମବାସୀ କହନ୍ତି ଏହି ଗାଁ ଥିଲା ପାରଳା ମହାରାଜାଙ୍କର । ରାଜାଭାଓ ନାମକ ଜଣେ ଡାକ୍ତରଙ୍କ ସେବାକାର୍ଯ୍ୟରେ ପ୍ରୀତ ହୋଇ ରାଜା ତାଙ୍କୁ ଏହି ଗ୍ରାମ ଦାନ କରିଥିଲେ । ପରେ ଡାକ୍ତର ଏହି ଗାଁ ଛାଡ଼ି କେଉଁଆଡ଼େ ଚାଲିଗଲା ପରେ ୧୦୦ଟି ଆଦିବାସୀ ପରିବାର ବଂଶାନୁକ୍ରମିକ ଭାବେ ଉକ୍ତ ଗାଁରେ ବାସ କରି ଆସୁଛନ୍ତି । ବିସ୍ମୟର କଥା ଯେ ବ୍ରହ୍ମପୁରର ଜଣେ ମହିଳା ୧୯କୋଟି ୫୦ଲକ୍ଷ ଟଙ୍କାରେ ଉକ୍ତ ଗ୍ରାମଟିକୁ କିଣି ନେଇଛନ୍ତି । ବିଡ଼ମ୍ବନାର କଥା ଏଇଆ ଯେ ଗ୍ରାମରେ ଥିବା ସରକାରୀ ଓ ବେସରକାରୀ ଅର୍ଥରେ ଗଢ଼ି ଉଠିଥିବା ସମସ୍ତ ନିର୍ମାଣକୁ କେବଳ ଜମି ଦର୍ଶାଇ ଯୋଜନାବଦ୍ଧ ଭାବେ ବିକ୍ରିକରି ଦିଆଯାଇଥିବା ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ।

ଆଗେ ରାଜାରାଜୁଡ଼ା ଶାସନ ବେଳେ ଜମିଦାରମାନେ ଜମିମାଲିକ ଥାଇ ପ୍ରଜାଙ୍କୁ କିଛି ଜମିଦାନ କରୁଥିଲେ । ସେହି ପ୍ରଜାମାନେ ଜମିଦାରଙ୍କ ଘରେ ବିନା ପାରିଶ୍ରମିକରେ ବା ସ୍ୱଳ୍ପ ପାରିଶ୍ରମିକରେ କାମ କରୁଥିଲେ । ପରେ ଉକ୍ତ ଜମିକୁ ସଂପୃକ୍ତ ପ୍ରଜାମାନଙ୍କୁ ହସ୍ତାନ୍ତର କରାଯାଉଥିଲା । କିନ୍ତୁ ଗଣତନ୍ତ୍ର ପ୍ରତିଷ୍ଠାର ଏତେବର୍ଷ ପରେ ଜଣେ ବ୍ୟକ୍ତି ଗୋଟିଏ ଗ୍ରାମକୁ ନିଜ ମାଲିକାନା ଦର୍ଶାଇ ଅନ୍ୟଜଣଙ୍କୁ ବିକ୍ରି କରିଦେବା କେତେଦୂର ସମୀଚୀନ ତାହା ବିଚାରଯୋଗ୍ୟ । ଗ୍ରାମବାସୀ କେତେକଙ୍କରେ ବାସଗୃହ ଖଣ୍ଡେ କରି ପିଢ଼ି ପରେ ପିଢ଼ି ବଂଶାନୁକ୍ରମିକ ଭାବେ ଉକ୍ତ ଗ୍ରାମରେ ବସତି ସ୍ଥାପନ କରିଆସୁଛନ୍ତି । ଗାଁଟିରେ କେତେ ଗୋସମ୍ପଦ, ମୂଲ୍ୟବାନ ବୃକ୍ଷସମ୍ପଦ, ଲୋକଙ୍କର ଜୀବିକା ପାଇଁ ଚାଷ ଜମି ବ୍ୟତୀତ ସରକାରୀ ଅନୁଦାନରେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା ଓ ସଡ଼କସେତୁ ପରି ଜନକଲ୍ୟାଣକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଛି । ଯଦି ଏହି ଗ୍ରାମଟି କୌଣସି ବ୍ୟକ୍ତିଙ୍କର ନିଜସ୍ୱ ବ୍ୟକ୍ତିଗତ ମାଲିକାନାରେ ଅଛି, ତେବେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସଡ଼କ ପରି ସୁବିଧାମାନ ନିର୍ମାଣ କଲା ବେଳେ ଏକଥା ସରକାରଙ୍କ ନଜରକୁ ଆସିଲା ନାହିଁ କିପରି? ଆହୁରି ଆଶ୍ଚର୍ଯ୍ୟର କଥା ଯେ ନିଜକୁ ଜମି ମାଲିକ ଦର୍ଶାଉଥିବା ବ୍ୟକ୍ତି ଜଣକ ଏଠାରେ ସରକାରୀ ନିର୍ମାଣକୁ ବିରୋଧ କଲେ ନାହିଁ କାହିଁକି? ଏସବୁ ବାବଦରେ ସରକାରୀ ଅଧିକାରୀ କ'ଣ ଅନ୍ଧ ଥିଲେ ନା ଏଥିରେ ତଞ୍ଚକତା ଭରି ରହିଛି? ଗ୍ରାମବାସୀ ସମୂହ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଯଥାର୍ଥ ସମ୍ବେଦନ ଥିବା ପରି କୌଣସି ସୂଚନା ପରିଲକ୍ଷିତ ହେଉନାହିଁ । ଅବଶ୍ୟ ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ପରେ ଜିଲ୍ଲାପାଳ ଏ ବିଷୟରେ ଅନୁଧ୍ୟାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି ।

ଶୁଣାଯାଏ ଗ୍ରାମଟିକୁ ନିଜ ନାମରେ ପଞ୍ଜିକରଣ କଲା ପରେ ନୂତନ ମାଲିକ ଗ୍ରାମବାସୀଙ୍କୁ ବିତାଡ଼ିତ କରି ସେଠାରେ କିଛି ପ୍ରକଳ୍ପ କରିବାର ଯୋଜନା ରଖିଛନ୍ତି । ଗ୍ରାମଟି ଯଦି ଗ୍ରାମବାସୀଙ୍କର ନଥିଲା ତେବେ ସେମାନେ ଏତେକାଳ ଧରି ସେଠାରେ ସପରିବାର ରହିଆସୁଛନ୍ତି କିପରି? ପ୍ରଥମରୁ ଆପତ୍ତି ଉଠାଇଥିଲେ ସେଠାରେ ଜନବସତି ଗଢ଼ିଉଠି ନଥା'ନ୍ତା କି ସରକାର ମଧ୍ୟ ମୌଳିକ ସୁବିଧାମାନ ଯୋଗାଇ ଆସୁ ନ ଥା'ନ୍ତେ । ପ୍ରଶ୍ନ ଉଠେ ସେଠାରେ ଗଢ଼ି ଉଠିଥିବା ସରକାରୀ ପ୍ରକଳ୍ପଗୁଡ଼ିକର କ'ଣ ଘରୋଇ ମାଲିକାନାକୁ ଚାଲିଯିବ? ଏହା କୌଣସି ଦୁଇଟି ରାଜ୍ୟ ମଧ୍ୟରେ ଘଟିଥିବା ଘଟଣା ନୁହେଁ କିମ୍ବା ଦେଶଦେଶ ମଧ୍ୟରେ ଘଟିଥିବା ଘଟଣା ନୁହେଁ, ଯାହାର ସମାଧାନ ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟ ପର୍ଯ୍ୟନ୍ତ କଥାଯିବ । ଏହା ଗୋଟିଏ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର କଥା । ପଞ୍ଜିକରଣ ସମୟରେ ଉକ୍ତ ଜମିରେ କେତେ ବୃକ୍ଷ, କେତେ ଜଳଉତ୍ସ, କେତେ ନିର୍ମାଣ ସବୁକଥା ସରକାରୀ ଅଧିକାରୀ ଯାଞ୍ଚ କରି ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରିଥିବେ । ସେତେବେଳେ ଏସବୁ ନିର୍ମାଣକୁ ସେ ଅଣଦେଖା କଲେ କିପରି? ଖବରକାଗଜରେ ଏଭଳି ଏକ ଘଟଣା ପ୍ରକାଶ ପାଇ ଜନମାନସକୁ ଆନ୍ଦୋଳିତ କରୁଛି । ଆଶା କରାଯାଏ ସରକାର ସୁବିଚାର କରି ଉକ୍ତ ୧୦୦ଟି ଆଦିବାସୀ ପରିବାରଙ୍କୁ ନ୍ୟାୟପ୍ରଦାନ କରିବେ ।

ସିଆଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ନ୍ୟାୟ ଦେବ କିଏ?

**ଡ. ସ୍ୱାଧୀନ କୁମାର ଦାଶ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିକଟରେ ଦିଲ୍ଲୀଗସ୍ତ କାଳରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଓଡ଼ିଶାର ଭବିଷ୍ୟତ କାର୍ଯ୍ୟ ସମ୍ବଳିତ ଏକ ପୁସ୍ତକ-'ଓଡ଼ିଶା ଭିଜନ୍-୨୦୩୬' ପ୍ରଦାନ କରିଛନ୍ତି । ଏହି ସମୟରେ ବାଲେଶ୍ୱରରେ ଏକ ସ୍ୱର୍ଣ୍ଣକାତର, ନିନ୍ଦନୀୟ ଘଟଣା ଘଟିଛି, ଯାହା ସାରା ଦେଶରେ ଚର୍ଚ୍ଚା ଓ ସମାଲୋଚନାର ଶିରୋନାମା ହୋଇ ଆମ ରାଜ୍ୟକୁ ନିନ୍ଦିତ କରିଛି । ରାଜ୍ୟର ଲବ୍ଧପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଇଡ଼ି ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନଯୁଦ୍ଧରେ ହାରିଯାଇ ଭୁବନେଶ୍ୱରରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ଏପରି ଲୋମହର୍ଷଣକାରୀ ଘଟଣା ଛାତ୍ରଛାତ୍ରୀ, ଜନତା ଓ ବୁଦ୍ଧିଜୀବୀ ମହଲରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଘଟୁଥିବା ପରବା ଆତ୍ମୀୟତାର ଚିତ୍ରକୁ ପ୍ରଦର୍ଶିତ କରୁଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ତିନିଜଣିଆ ମହିଳା ଟିମ୍ ରାଷ୍ଟ୍ରପତିଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ନ୍ୟାୟ ଦାବି କରିଛନ୍ତି । ରାଜ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଆତ୍ମାହୁତି କରି କ'ଣ ପ୍ରମାଣିତ କରିବାକୁ ଚାହୁଁଛି? ଏହି କଳଙ୍କିତ ନିନ୍ଦନୀୟ ଘଟଣା ପାଇଁ ଦାୟୀ କିଏ? ତା' ପ୍ରତି କି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ? ତାହାର ଉତ୍ତର ସମୟ କହିବ ।

ମଣିଷ ଯେତେବେଳେ ପାରିପାର୍ଶ୍ୱିକ ଅବ୍ୟବସ୍ଥା ଏବଂ ନିଜେ ଭୋଗୁଥିବା କିଛି ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶାସନ ବ୍ୟବସ୍ଥା ନିକଟରେ ଆବେଦନ, ନିବେଦନ ଓ ଗୁହାରି କରି ପ୍ରତିକାର ପାଏ ନାହିଁ, ସେତେବେଳେ ସେ ନିଜର ବିଚାର ବ୍ୟବସ୍ଥାକୁ ଗ୍ରହଣ କରି ଉଗ୍ର ମାନସିକତାରେ ନିଷ୍ପତ୍ତି ନିଏ । ତାହା ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଉଚ୍ଚଶିକ୍ଷା ନିମନ୍ତେ ଆସିଥିବା ଏହି ଛାତ୍ରୀ ଶିକ୍ଷକଙ୍କ ସମ୍ମୁଖୀନ ହେଉଥିବା ନିର୍ଯାତନାର ପ୍ରତିକାର ପାଇଁ ଜୁଲାଇ ୧ରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ସାମାଜିକ ଗଣମାଧ୍ୟମ (ଏକ୍ସ)ରେ ନିବେଦନ କଲା ପରେ ମଧ୍ୟ ଫଳଶୂନ ଥିଲା । ଏଣୁ ସେ ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ । ଉଚ୍ଚଶିକ୍ଷା ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀ କ୍ଷେତ୍ରରେ ଧର୍ମକୁ ଅଖିଆର ପରି ମନେ ହେଲା । ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରି ସୁସ୍ଥ ସମାଜ ସ୍ଥାପନା ସରକାରଙ୍କର ମୁଖ୍ୟ ଦାୟିତ୍ୱ । କିନ୍ତୁ ରାଜ୍ୟ ସରକାରଙ୍କର ଅନ୍ତର୍ଭିତଭାବିତ ଶାସନ ବ୍ୟବସ୍ଥା ସାରା ରାଜ୍ୟକୁ ନିନ୍ଦିତ କରିଛି ।

ସମ୍ପ୍ରତି ନାରୀ ନିର୍ଯାତନା, ଶୋଷଣ, ଯୌନ ଉତ୍ପୀଡ଼ନ ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ତା' ଦେଶର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରି ଭାରତରେ କିଛି ରାଜ୍ୟକୁ ଯିବାକୁ ବାରଣ କରିଛି । ସେହି ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ନାମ ସ୍ଥାନିତ ହେବା ନିଶ୍ଚିତ ଭାବେ ଆମ ଭିତରେ ଶାସନ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳାର ଅପାରଦର୍ଶିତାକୁ ପଦାରେ ପକାଇ ଦେଇଛି ।

ବର୍ତ୍ତମାନ ରାଜ୍ୟ ସରକାର ନିର୍ବାଚନ ସମୟରେ ପୂର୍ବ ସରକାରଙ୍କର ଶାସନ ପରିଚାଳନାରେ ଅବ୍ୟବସ୍ଥା, ଓ ଅସ୍ମିତାର ଦୁହାଇ ଦେଇ କ୍ଷମତାକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଅନେକ ଥର ଆମ ସରକାର, ଲୋକଙ୍କ ସରକାର ଓ ଜନସାଧାରଣଙ୍କର ମୌଳିକ ସୁବିଧାକୁ ଅଗ୍ରାଧିକାର ଦେଇ ସୁଶାସନ ପ୍ରତିଶ୍ରୁତି ଦେଇଆସିଛନ୍ତି । କିନ୍ତୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା, ଗୋପାଳପୁର ଦୁଷ୍କର୍ମ ଘଟଣା ଆଦି ସୂଚାଉଛି ଯେ ରାଜ୍ୟରେ ଆଇନଶୃଙ୍ଖଳା କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ମହାତ୍ମା ଗାନ୍ଧୀଙ୍କର 'ୟଙ୍ଗ ଇଣ୍ଡିଆ'ରେ ୧୯୨୦ ମସିହାରେ ଲିଖିତ ଉକ୍ତି ଆଜି ୧୦୫ ବର୍ଷ ପରେ ମଧ୍ୟ ସେହି ସମାନ ପ୍ରଶ୍ନକୁ ତୋଳି ଧରୁଛି । ସେହି ଉକ୍ତିରେ ମହିଳାମାନଙ୍କର ସ୍ୱାବଲମ୍ବନଶୀଳତା, ଉଚ୍ଚଶିକ୍ଷିତା ଓ ନାରୀମାନଙ୍କର ଘରୁ ବାହାରି ବିଭିନ୍ନ ଦାୟିତ୍ୱ ନିର୍ବାହ କରିବାର କ୍ଷମତା ଆସିଲେ ହିଁ ଏକ ପ୍ରଗତିଶୀଳ ସମାଜ ଗଠନ କରିହେବ ବୋଲି ଯାହା ଉଲ୍ଲେଖ ହୋଇଥିଲା ତାହା ଆଜି ମଧ୍ୟ ପ୍ରଶ୍ନ ଘେରରେ । ଏହାଦ୍ୱାରା ଏକ ସୁ-ରାଷ୍ଟ୍ର ନିର୍ମାଣ ଏବଂ ସମାଜର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ନାହିଁ ଏହା ନିଶ୍ଚିତ ।

ସୌମ୍ୟାଶ୍ରୀଙ୍କର ଘଟଣା ପରେ ଗାଁଗହଳିରୁ କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ଯେକୌଣସି ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ନିମନ୍ତେ ଯାଉଥିବା ଝିଅଟିର ସୁରକ୍ଷା ସମ୍ବଳିତ ଅନେକ ପ୍ରଶ୍ନ ଓ ଭୟ ମନ ଭିତରେ ଉଠୁଛି । ଛାତ୍ରୀଟିର ଶିକ୍ଷା ଶେଷ ହେବା ଯାଏଁ ଅଭିଭାବକଟିଏ ମଧ୍ୟ ନିଶ୍ଚିନ୍ତ ହୋଇପାରୁନାହିଁ । ୧୯୬୪ ମସିହାରେ ଡ. ଡି ଏସ୍ କୋଠାରିଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ଶିକ୍ଷକଙ୍କ ଚରଣ ଓ ଚରିତ୍ର ଉଚିତ୍ ହେଲେ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବ ଏବଂ ଅନେକ କୃତୀ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ରାଷ୍ଟ୍ର ନିର୍ମାଣରେ ସହାୟକ ହେବେ ବୋଲି ଉଲ୍ଲେଖ ଥିଲା । ସରକାର ନିଜକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ନିରପେକ୍ଷ ଭାବେ ଆଇନର ବ୍ୟବସ୍ଥା ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କଲେ ଯାଇ ଏହା ସମ୍ଭବ ହୋଇପାରିବ ।

ସୌମ୍ୟାଶ୍ରୀଙ୍କ ହୃଦୟ ବିଦାରକ ଘଟଣା ଉଚ୍ଚଶିକ୍ଷା କ୍ଷେତ୍ରରେ ଚାଲିଆସୁଥିବା ବହୁଦିନର ସମସ୍ୟାକୁ ଲୋକଲୋଚନକୁ ଆଣିପାରିଛି । ଅନେକ ଛାତ୍ରଛାତ୍ରୀ ଏପରି ପିଶାଚରୂପୀ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତ ହୋଇ ଶିକ୍ଷାରେ ଡୋରି ବାନ୍ଧି ଦେଉଛନ୍ତି ତ କେହି କେହି ପାରିବାରିକ ସମସ୍ୟାକୁ ଦୃଷ୍ଟିରେ ରଖି ସବୁକିଛି ନିରବରେ ସହି ଯାଉଛନ୍ତି । ଉଚ୍ଚ ପଦାଧିକାରୀଙ୍କୁ ଜଣାଇଲେ ଲାଭ କିଛି ହେଉନାହିଁ, ବରଂ ଆହୁରି ଆକ୍ରୋଶର ଶିକାର ହେବାକୁ ପଡୁଛି । ତେଣୁ କହିବେ କାହାକୁ, ଶୁଣିବ କିଏ?

ସରକାର ଏହି ସ୍ୱର୍ଣ୍ଣକାତର ଘଟଣାକୁ ଗୁରୁତ୍ୱର ସହିତ ନେଇ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାର ବେଳ ଆସିଛି । ସଂସ୍କାର ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସୌମ୍ୟାଶ୍ରୀଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଜରୁରୀ । ଏହି ଘଟଣା ପଛରେ ଥିବା କୁତ୍ସିତ ମାନସିକତାଧାରୀମାନଙ୍କୁ ଉଚିତ୍ ଦଣ୍ଡବିଧାନ କରାଯାଇ ପାରିଲେ ଆଗାମୀ ଦିନରେ ଶିକ୍ଷା ଭଳି ଏକ ପବିତ୍ର ଧର୍ମର ଗରିମା ବଜାୟ ରହିବ । ନ ହେଲେ ଦିନକୁ ଦିନ ଏଭଳି ଅଘଟଣମାନ ବଢ଼ି ବଢ଼ି ଶିକ୍ଷା ବ୍ୟବସ୍ଥାକୁ ଭିତରୁ ନଷ୍ଟଭ୍ରଷ୍ଟ କରିଦେବ । ଦିନ ଆସିବ ମଣିଷ ଗଢ଼ ଗଢ଼ ମାଙ୍କଡ଼ ଗଢ଼ିବା ସାର ହେବ । ଆଗାମୀ ଦିନମାନଙ୍କରେ ଛାତ୍ରଛାତ୍ରୀଙ୍କର ଅଭିଯୋଗକୁ ଗୁରୁତ୍ୱର ସହିତ ନେଇ ଏହା ତ୍ୱରିତ ସମାଧାନ କରିବା ନିହାତି ଆବଶ୍ୟକ । ନ ହେଲେ ଆଗାମୀ ଦିନରେ ସୌମ୍ୟାଶ୍ରୀଙ୍କ ପରି ଅନେକ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ମଉଳିଯିବା ସାର ହେବ । କିନ୍ତୁ ସବୁରି ଊର୍ଦ୍ଧ୍ୱରେ ଏବେ ପ୍ରଶ୍ନ ଉଠୁଛି ନ୍ୟାୟ ଦେବ କିଏ?

ଭୁବନେଶ୍ୱର, ମୋ: ୯୯୩୭୬୭୮୦୧୨

# ଭିତର ବେଢ଼ାରେ ଗୋପେଶ୍ୱର

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗରେ ବୃନ୍ଦାବନରେ ଗୋପାଳକୃଷ୍ଣଙ୍କର ରାସଲୀଳା ବିଶ୍ୱଦର୍ଶନରୁ ଦେବତାମାନେ ମଧ୍ୟ ବଞ୍ଚିତ ହେଉଥିଲେ । କାରଣ ଲୀଳାସ୍ଥଳକୁ ଅନ୍ୟ ପୁରୁଷମାନଙ୍କର ପ୍ରବେଶ ନିଷେଧ ଥିଲା । ବିନେ ଶ୍ରୀକୃଷ୍ଣଙ୍କର ଏହି ଦିବ୍ୟଲୀଳାର ପ୍ରତ୍ୟକ୍ଷ ଅନୁଭବ ପାଇଁ ଦେବ ଦେବ ମହାଦେବ ବୃନ୍ଦାବନରେ ପହଞ୍ଚିଲେ । ସେତେବେଳେ ଗୋପାଳକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳାରେ ମଗ୍ନ ଥିଲେ । କେତେକ ଗୋପୀ ବାଟରେ ବେତ ଧରି ଚାରିପଟେ ଜଗି ରହିଥିଲେ । ଶିବ ନିଜର ପରିଚୟ ଦେଇ ଭିତରକୁ ଯିବା ପାଇଁ ଅନୁରୋଧ କରିବା ପରେ ସେମାନେ କହିଲେ, 'ଏହି ଗୁପ୍ତ ରାସଲୀଳାରେ ଶ୍ରୀକୃଷ୍ଣ ଏକମାତ୍ର ପୁରୁଷ ଏବଂ ଅନ୍ୟ ସମସ୍ତେ ନାରୀ । ଆପଣ ଯଦି ଏହି ଲୀଳା ସନ୍ଦର୍ଶନ କରିବା ପାଇଁ ଚାହୁଁଛନ୍ତି, ତା' ହେଲେ ଆପଣଙ୍କୁ ଏହି ମାନସ ସରୋବରରେ ସ୍ନାନ କରି ଗୋପୀରେ ରୂପାନ୍ତରିତ ହେବାକୁ ପଡ଼ିବ । ତା' ପରେ ଆପଣ ଭିତରକୁ ଯାଇ ରାସ ଲୀଳା ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେବେ ।'

ଦେବ ଦେବ ମହାଦେବ ସେହି ଲୀଳା ଦର୍ଶନ କରିବା ପାଇଁ ଏତେମାତ୍ରାରେ ଆଗ୍ରହୀ ଥିଲେ ଯେ ସେ ସଙ୍ଗେସଙ୍ଗେ ସେହି ସରୋବରରେ ସ୍ନାନ କରି ଗୋପୀସ୍ୱରୂପ ପ୍ରାପ୍ତ ହେଲେ । ତା' ପରେ ଗୋପୀମାନେ ତାଙ୍କୁ ରାସମଣ୍ଡଳରେ ପ୍ରବେଶ କରିବାର ଅନୁମତି ଦେଲେ । ସେଠାରେ ସେ ଗୋପୀଜନମୋହନ ଶ୍ରୀକୃଷ୍ଣଙ୍କର ଭୁବନମୋହନ ରୂପ ଲାବଣ୍ୟ ଦର୍ଶନ କରି ବିମୋହିତ ହେଲେ ଏବଂ ସେ ଦର୍ଶନର ସୌଭାଗ୍ୟ ଅର୍ଜନ କରିଥିବାରୁ ତାଙ୍କ ପଦ୍ମପାଦରେ ପ୍ରଣିପାତ କଲେ । ନାରୀ ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କୁ ପ୍ରଥମ ଦର୍ଶନରେ ଚିହ୍ନି ପାରିଲେ ଏବଂ କୋଳ ଉଠାଇ ନେଇ ଆଲିଙ୍ଗନ କଲେ । ଶିବ ବୃନ୍ଦାବନର ସୌନ୍ଦର୍ଯ୍ୟ, ରାସଲୀଳାର ମାଧୁର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ସାନିଧ୍ୟରେ ଏତେ ପରିମାଣରେ ପ୍ରଭାବିତ ହୋଇଥିଲେ ଯେ ଗୋପରେ ସେମାନଙ୍କ ସହ ରହିବା ପାଇଁ ଶ୍ରୀକୃଷ୍ଣଙ୍କୁ ଅନୁମତି ପ୍ରାର୍ଥନା କଲେ । ଶ୍ରୀକୃଷ୍ଣ ତଥାସ୍ତୁ କହି ଶିବଙ୍କ ଇଚ୍ଛା ପୂରଣ କଲେ । ଶିବ ଗୋପେଶ୍ୱର ମହାଦେବ ନାମ ଧାରଣ କରି ବୃନ୍ଦାବନରେ ବିରାଜମାନ କଲେ ।

ଦ୍ୱାପର ଯୁଗପରେ ଶ୍ରୀକୃଷ୍ଣ କଳିଯୁଗରେ ଶ୍ରୀଜଗନ୍ନାଥ ନାମ ଗ୍ରହଣ କରି ନୀଳାଚଳରେ ଦାରୁବ୍ରହ୍ମରୂପରେ ଆରାଧିତ ହେଲେ । ତେଣୁ ଗୋପେଶ୍ୱର ମହାଦେବ ମଧ୍ୟ ମହାପ୍ରଭୁଙ୍କ ସାନିଧରେ ନୀଳାଚଳରେ ବାସ କରିବା ପାଇଁ ତାଙ୍କୁ ପ୍ରାର୍ଥନା କଲେ । ମହାପ୍ରଭୁଙ୍କ ଅନୁମତି ପ୍ରାପ୍ତ ହୋଇ ସେ ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କଲେ । ଶ୍ରୀକୃଷ୍ଣ ଅପ୍ରକଟ ହେବା ପରେ ତାଙ୍କର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ । ତେଣୁ ଗୋପେଶ୍ୱର ମହାଦେବ ସେମାନଙ୍କୁ ସାଙ୍ଗରେ ଆଣିବା ସହ ମାତା ରୋହିଣୀ, ଭାଇ ବଳରାମ, ଉପନନ୍ଦ, ଉଗ୍ରସେନ, ଦାମ ଓ ସୁଦାମାଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଲେ । ସେମାନେ ସମସ୍ତେ ଗୋପେଶ୍ୱରଙ୍କ ସହ ତାଙ୍କ ମନ୍ଦିରରେ ବିରାଜମାନ କଲେ ।

ଦେବ ଦେବ ମହାଦେବ ସଚରାଚର ଲିଙ୍ଗ ସ୍ୱରୂପରେ ଆରାଧିତ ହେଉଥିବାବେଳେ ଏହି ମନ୍ଦିରରେ ପୂର୍ଣ୍ଣାବୟବ ଧାରଣ କରି ବିଜେ କରିଛନ୍ତି । ଚତୁର୍ଭୁଜ ଶିବଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଛନ୍ତି ଏବଂ ଗଳା ଓ ବାହୁରେ ସର୍ପଭୂଷଣ ଧାରଣ କରିଛନ୍ତି । ସିଂହାସନରେ ତାଙ୍କ ସହ ଦେବୀ ପାର୍ବତୀ, ବଳରାମ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଉଗ୍ରସେନ, ଦାମ ଓ ସୁଦାମ ବିଗ୍ରହ ଆରାଧିତ ହେଉଛନ୍ତି । ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମିତ ଓ ପାଳିତ ପିତାମାତା ବିରାଜମାନ କରୁଥିବାରୁ ସେମାନଙ୍କ ସେବାରେ କୃଷ୍ଣ ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯାଏ । ଏହି ମନ୍ଦିରକୁ ସେବକମାନେ 'ନନ୍ଦଘର' ବୋଲି କହନ୍ତି । ଅନବସର ପରେ ଘଟି ଦିଅଁ ଏହି ମନ୍ଦିରରେ ଅବସ୍ଥାନ କରନ୍ତି । ଏହି ମନ୍ଦିରର ସେବକମାନଙ୍କୁ 'ନନ୍ଦଣୀ ସେବକ' କୁହାଯାଏ । ସେମାନେ ଏହି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଚକାନ୍ତି ପ୍ରତିମାମାନେ ବିଜେ କରୁଥିବା ପାଲିଙ୍କି ବା ବିମାନର ମଣ୍ଡଣୀ କରନ୍ତି । ଦେବତାମାନଙ୍କ ମସ୍ତକ ଉପରେ ଚାନ୍ଦୁଆ ବାନ୍ଧନ୍ତି । ଗୁଣ୍ଡିଚା ବିଜେ ମାଳଣୀ ମଣ୍ଡପରେ ଏବଂ ଜଳକ୍ରୀଡ଼ା ସମୟରେ ଜଳକ୍ରୀଡ଼ା ମଣ୍ଡପରେ ଚାନ୍ଦୁଆ ବାନ୍ଧନ୍ତି । ଦୁର୍ଗାମାଧବଙ୍କ ରଥ ଓ ରୁକ୍ମିଣୀ ହରଣ ବେଳେ ମଦନମୋହନଙ୍କ ରଥ ମଣ୍ଡଣୀ କରନ୍ତି । ଚନ୍ଦନ ଯାତ୍ରାରେ ଚନ୍ଦନ ଚକଡ଼ାରେ ପାଣିକୁଣ୍ଡରେ ପାଣି ଭର୍ତ୍ତି କରିବା କାମ ମଧ୍ୟ ସେହି ସେବକମାନେ କରିଥା'ନ୍ତି ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୫।୭(ସମିସ):** ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଷଣ୍ଢଆସୀ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ରାଜ୍ୟ ସରକାର। ପରିସ୍ଥିତିର କିପରି ମୁକାବିଲା କରାଯିବ ସେନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

## ଆତ୍ମାର ସଦଗତି ପାଇଁ ଲିଙ୍ଗରାଜ ମନ୍ଦିର ନିକଟରେ ଦୀପଦାନ

ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ କିଛି ବିଧାୟକ ଉପସ୍ଥିତ ଥିବା ଜଣାପଡ଼ିଛି। ଶେଷ ଖବର ଅନୁଯାୟୀ ବୈଠକଟି ଜାରି ରହିଛି। ଆଜି ଦିନ ବେଳା ମଧ୍ୟ ଲୋକସେବା ଭବନରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ଫେରିବା ପରେ ସନ୍ଧ୍ୟା ପରେ କୌଣସି ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି ସେ ସଙ୍କେତ ପ୍ରଦାନ କରିଥିଲେ। ଅପରପକ୍ଷେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ଦୀପଦାନ କରାଯାଇଛି।

# ଓଡ଼ିଶାରେ ପଶି ଆନ୍ଧ୍ର ଅଧିକାରୀଙ୍କ ଦାଦାଗିରି

**ପାରଳାଖେମୁଣ୍ଡି/ରାୟଗଡ଼, ୧୫।୭ (ସମିସ):** ଗଜପତି ଜିଲ୍ଲା ସୀମାନ୍ତରେ ଆନ୍ଧ୍ର ଦାଦାଗିରି ଦେଖାଉଛି। ଏପରି ଥରେ କି ଦୁଇଥର ନୁହେଁ ପ୍ରତି ବର୍ଷ ବିଭିନ୍ନ ସମୟରେ କ'ଣ ନା କ'ଣ ଗୋଟାଏ କାରସାରି ଚଳାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ପକାଇ ବାଲି, ମାଟି, ଗୋଡ଼ି ଭଳି ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ପାଣି, କ୍ଷୀର ଆଦି ଲୁଟି ନେଇ ଚାଲିଛି। ସୀମାନ୍ତରେ ନିଜର କାୟା ବିସ୍ତାର ପାଇଁ କେତେବେଳେ ଆନ୍ଧ୍ର ମନ୍ତ୍ରୀ ଗୁଣ୍ଡା ସାଜି ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ଧମକଚମକ ଦେଉଛନ୍ତି ତ ଆଉ କେତେବେଳେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ହାତେଇବାକୁ ବିଭିନ୍ନ ଆଳ ଦେଖାଉଥିବା ଓ ଆଉ କେତେବେଳେ ଆନ୍ଧ୍ରର ନିର୍ବାଚନରେ ଭାଗ ନେବାକୁ ସୀମାନ୍ତବର୍ତ୍ତୀ ଗ୍ରାମରେ ଲୋକଙ୍କୁ ଉସୁକାଇବା ଭଳି କାମ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି। ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ତରଫରୁ ସ୍ଥାୟୀ ସୀମା ନିର୍ଦ୍ଧାରଣ କରାନଯିବା ଏବଂ ବିବାଦୀୟ ସ୍ଥାନରେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତି ଆଦିର ଭରପୁର ଫାଇଦା ଉଠାଉଛି ଆନ୍ଧ୍ର।



ଏବେ ଆନ୍ଧ୍ରର ଏପରି ଆଉଏକ ଦାଦାଗିରି ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଅମରିଙ୍ଗି, ମାଣିକପାଟଣା, ବୁରୁସିଂ ଆଦି ଗ୍ରାମାଞ୍ଚଳରେ ଏହି ଘଟଣା ଘଟିଛି। ଗତ କିଛିଦିନ ହେଲା ଓଡ଼ିଶା ତଥା ଗଜପତି ଜିଲ୍ଲାର ଉକ୍ତ ଗ୍ରାମକୁ ଆନ୍ଧ୍ରର ତହସିଲଦାର, ଆର୍‌ଆଇ. ଏବଂ କିଛି ଅଜଣା ବ୍ୟକ୍ତି ବିଶେଷ ଆସି ଆନ୍ଧ୍ରରେ ମିଶିବା ଏବଂ ଏଠାରେ ଥିବା ଓଡ଼ିଶାର ସମସ୍ତ ଭିତ୍ତିଭୂମୀ ଗୁଡ଼ିକ ଆନ୍ଧ୍ରର ବୋଲି ଦାବି କରି ପ୍ରଚାର ପ୍ରସାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଅଧିକାରୀ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ପୁଲିସ ସଦଳବଳ ପହଞ୍ଚି ନିରୀକ୍ଷଣ କରିଥିଲେ। ଏନେଇ ବିବାଦୀୟ ଗ୍ରାମାଞ୍ଚଳକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗତ କିଛିଦିନ ହେଲା ଆନ୍ଧ୍ରର ଅଧିକାରୀ ଓ ବ୍ୟକ୍ତି ବିଶେଷ ଆସି ଓଡ଼ିଶାର ଗ୍ରାମାଞ୍ଚଳରେ ପଶି ଧମକ ଚମକ ଦେବା ସହ ଏହି ଗ୍ରାମ ଗୁଡ଼ିକ ନିଜର ବୋଲି ଦାବି କରିଥିଲେ। ସେମାନେ ଯେଉଁ ଗ୍ରାମକୁ ଯାଇଛନ୍ତି ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ରହିଛି। ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ସମସ୍ତ ଭିତ୍ତିଭୂମୀ କରାଯାଇଛି। କୋଠଘର ଠାରୁ ଆରମ୍ଭ କରି ସିସିରୋଡ୍, ଫରେଷ୍ଟ ଅଫିସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପଲବ୍ଧ କରାଯାଇଛି। ଏପରିକି ଏହି ଗ୍ରାମ ଗୁଡ଼ିକ ରାଜସ୍ୱ ସର୍କଲରେ ରହିଥିବାର ସମସ୍ତ ଦସ୍ତାବିଜ ଅଛି। ସେମାନେ ଆସି ଏଠାକୁ ଅଯଥାରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆନ୍ଧ୍ରରୁ କେହି ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ଆସି ଅପପ୍ରଚାର କଲେ ସେମାନଙ୍କୁ ଅଟକ ରଖି ପୁଲିସ କିମ୍ବା ପ୍ରଶାସନକୁ ଜଣାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଲାଗି ରହିଛି। ୧୯୮୦-୧୯୯୦ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ରହିଥିବା ଯୁଗ୍ମ ସେଟେଲମେଣ୍ଟ ମ୍ୟାପକୁ ଧରି ଦୁଇ ରାଜ୍ୟ ପ୍ରଶାସନ ପକ୍ଷରୁ ଆଲୋଚନା ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି।

## ଅବଶିଷ୍ଟାଂଶ

### କ୍ରୋଧରେ ଜଳୁଛି...

ନାଗରିକ ସମାଜ ନିଜର କ୍ରୋଧ ଏବଂ ଅସନ୍ତୋଷ ଜାହିର କରିଛନ୍ତି। ଘଟଣାର ପ୍ରତିବାଦରେ ଆସନ୍ତାକାଲି ବିଜେଡି ବାଲେଶ୍ୱର ବନ୍ଦ ଡ଼ାକରା ଦେଇଛି, ୧୭ ତାରିଖରେ କଂଗ୍ରେସ ଓଡ଼ିଶା ବନ୍ଦ କରିବାକୁ ଘୋଷଣା କରିଛି ।

ସୋମବାର ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସଂକ୍ରାନ୍ତ ବୁଲେଟିନ୍ ଏମ୍ସ କର୍ତ୍ତୃପକ୍ଷ ଜାରି କରିବା ପରଠାରୁ ଗୋଟିଏ ପରେ ଗୋଟିଏ ସନ୍ଦେହ ଦାନା ବାନ୍ଧିବାରେ ଲାଗିଛି। ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅବିଚାର, ଏହାକୁ ଲୁଚାଇବାକୁ ବିପଳ ସରକାରୀ ପ୍ରଚେଷ୍ଟା, ତରବରିଆ ଭାବରେ ରାତିରେ ଶବ ବ୍ୟବଚ୍ଛେଦ, ପୁଲିସକୁ ବ୍ୟବହାର କରି ରାତାରାତି ସୌମ୍ୟାଶ୍ରୀଙ୍କ ମର ଶରୀରକୁ ତା'ଙ୍କ ଗାଁକୁ ପଠାଇବା ଘଟଣା ବିଫଳ ସରକାରୀ ବ୍ୟବସ୍ଥାକୁ ଖିନ୍‌ଭିନ୍ କରିଦେଇଛି । ସରକାରଙ୍କ କାର୍ଯ୍ୟକଳାପ ଏବଂ ପଦକ୍ଷେପ ସାଧାରଣରେ ଅସମାହିତ ପ୍ରଶ୍ନକୁ ଜନ୍ମ ଦେଇଛି। ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରଠାରୁ ରାଜ୍ୟବାସୀଙ୍କ ରୋଷ ଆହୁରି ତୀବ୍ର ହୋଇଛି । ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ଏପରି ସ୍ପର୍ଶକାତର ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇବା ସହ ସମ୍ବେଦନହୀନ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଉଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପର୍ଯ୍ୟନ୍ତ ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ବିରୋଧରେ ବର୍ଷିଥିବା ବେଳେ ବିରୋଧୀ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ, ପ୍ରତିବାଦ କରାଯାଇଛି। ଦଳ ପକ୍ଷରୁ ହାଇକୋର୍ଟ ବିଚାରପତିଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ଦାବି ଉଠିଛି ।

ସୋମବାର ବିଳମ୍ବିତ ରାତିରେ ଲୁଚାଛପା ଭାବେ ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ଶବ ସଂସ୍କାର କରିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟମକୁ ବିଭିନ୍ନ ଛାତ୍ର ସଂଗଠନର ନେତା ପଣ୍ଡ କରି ଦେଇଥିଲେ। ଏମ୍ସ ପରିସରରେ ଛାତ୍ରନେତାଙ୍କ ଦୁର୍ବାର ବିରୋଧ କାରଣରୁ ଶେଷରେ ସରକାର ସୌମ୍ୟାଶ୍ରୀଙ୍କୁ ତାଙ୍କ ଗାଁକୁ ନେଇ ଶବ ସଂସ୍କାର କରିବାକୁ ଏକ ପ୍ରକାର ବାଧ ହୋଇଛନ୍ତି। ରାଜ୍ୟବ୍ୟାପୀ ଛାତ୍ର ସଂଗଠନ, ସାମାଜିକ ସଂଗଠନ, ନାଗରିକ ସଂଗଠନ, ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ବେପରୁଆ ମନୋଭାବ, ଦାୟିତ୍ୱହୀନତା ସର୍ବୋପରି କାପୁରୁଷତାକୁ ନେଇ ମାଳ ମାଳ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଶାସକ ଦଳର ଛାତ୍ର ସଙ୍ଗଠନ ସରକାର ନିଜ ଛାତ୍ର ସଂଗଠନର ଜଣେ ନେତରୀଙ୍କ ସୁରକ୍ଷା ଦେଇପାରିଲେ ନାହିଁ। ତାହେଲେ ଏ ସରକାର କାହାକୁ ସୁରକ୍ଷା ଦେବେ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ରାଜ୍ୟରେ ଦୈନିକ ୧୫ଟି ଦୁଷ୍କର୍ମ ଘଟୁଛି। ପର୍ଯ୍ୟଟନସ୍ଥଳୀଠାରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କେଉଁଠି ବି ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି। ସରକାର କୋଉଠି ବୋଲି ରାଜ୍ୟବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ବ୍ୟବସ୍ଥା ଦ୍ୱାରା...

କି ମଣିପୁର, ଦେଶର ଝିଅମାନେ ଜଳୁଛନ୍ତି, ଭାଙ୍ଗି ପଡୁଛନ୍ତି, ମରୁଛନ୍ତି; କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ବସିଛନ୍ତି। ଦେଶ ପ୍ରଧାନମନ୍ତ୍ରୀଙ୍କ ନୀରବତା ଚାହେଁ ନାହିଁ, ଏହା ଉତ୍ତର ଚାହେଁ ଓ ଭାରତର ଝିଅମାନେ ସୁରକ୍ଷା ଏବଂ ନ୍ୟାୟ ଚାହାଁନ୍ତି ବୋଲି ରାହୁଲ୍ କହିଛନ୍ତି।

ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ନ୍ୟାୟ ପାଇଁ ଲଢ଼ିବା ସମୟରେ ଓଡ଼ିଶାର ଆଉ ଏକ ଝିଅ ପ୍ରାଣ ହରାଇଲା। ସେ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିଲେ। ନ୍ୟାୟ ପାଇବା ପରିବର୍ତ୍ତେ ତାଙ୍କୁ ଅପମାନ ଏବଂ ହଇରାଣ କରାଗଲା। ଫଳରେ ସେ ଆତ୍ମାହୁତି ଦେବାକୁ ବାଧ ହେଲେ। ଦିଲ୍ଲୀରୁ ୟୁପି, ମଣିପୁରରୁ ଓଡ଼ିଶା, ବିଜେପି କେବଳ ଅଭିଯୁକ୍ତଙ୍କ ସହିତ ଠିଆ ହେବା ଏବଂ ପୀଡିତାଙ୍କୁ ହଇରାଣ କରିବା ଏବଂ ନ୍ୟାୟରେ ବାଧା ସୃଷ୍ଟି କରିବା ପାଇଁ ରହିଛି କି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଜେପିର ପଚାସଢ଼ା ବ୍ୟବସ୍ଥା ତାଙ୍କୁ ଆତ୍ମାହୁତି ଦେବାକୁ ବାଧ କରିଛି ବୋଲି କହିଛନ୍ତି। ବିଜେପି ସରକାରରେ ଅପରାଧର ଶିକାର ହୋଇଥିବା ମହିଳାମାନଙ୍କୁ ଶୁଣିବା ପାଇଁ କେହି ନାହାନ୍ତି। ଏହା ବ୍ୟତୀତ ଯେଉଁମାନଙ୍କ କାନ୍ଧରେ ସୁରକ୍ଷାର ଦାୟିତ୍ୱ ଥିଲା ସେମାନେ ଆଜି ଅତ୍ୟାଚାରୀଙ୍କ ସହିତ ହାତ ମିଳାଇ ଠିଆ ହୋଇଛନ୍ତି ବୋଲି ଜୟରାମ କହିଛନ୍ତି। ଏହି ନେତାମାନଙ୍କ ସହ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଏକ୍ସ ଯୋଗେ ନିଜର ପ୍ରତିକ୍ରିୟା ଦେଇ ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି।

### ଯୋଜନାବଦ୍ଧ ଅନ୍ୟାୟ...

ମର୍ମାହତ। ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ମନକୁ ଏହା ଅଧିକ ବିଚଳିତ କରୁଛି ଯେ, କିପରି ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇଯାଇପାରେ। ସବୁଠୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଏପରି ଏକ ବ୍ୟବସ୍ଥାର ଫଳ; ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଦେଲା। ସେ ଅତି ସାହସିକତାର ସହ ତା' ସହିତ ଘଟିଥିବା ଯୌନ ନିର୍ଯ୍ୟାତନା ବିଷୟରେ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲା। କଲେଜ ପଦାଧିକାରୀଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ଅଟକି ଯାଇ ନଥିଲା। ନ୍ୟାୟ ପାଇବାକୁ ସେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲା। ଏପରି କି ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ନିଜ ଦୁଃଖ ବିଷୟରେ କହିଥିଲା। ଜଣେ କେହି ବି ଯଦି ଉତ୍ତରଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିଥାନ୍ତେ; ତେବେ ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ସେ କେବଳ ଶାରୀରିକ ଆଘାତ ପାଇ ପ୍ରାଣ ହରାଇ ନାହିଁ, ବରଂ ରାଜ୍ୟ ସରକାରଙ୍କ ଅଣଦେଖା ପାଇଁ; ଯାହା ତାଙ୍କୁ ନିଜ ସଂଗ୍ରାମରେ ଏକାକୀ ଛାଡ଼ି ଦେଇଥିଲା। ପୁରା ଘଟଣାକ୍ରମରୁ ଜଣାପଡୁଛି, ଏହା ଆନୁଷ୍ଠାନିକ ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ; ଯାହା ଏକ ଯୋଜନାବଦ୍ଧ ଅନ୍ୟାୟ। ମୁଁ ପୁଣିଥରେ ରାଜ୍ୟପାଳଙ୍କୁ ଅନୁରୋଧ କରୁଛି, ସେ ଏହା ସୁନିଶ୍ଚିତ କରୁନ୍ତୁ ଯେ, ନା କେବଳ କଲେଜ କର୍ତ୍ତୃପକ୍ଷ ବରଂ କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଉତ୍ତରଦାୟୀ ହୁଅନ୍ତୁ; ଯେଉଁମାନେ ପୀଡ଼ିତାଙ୍କ ଆକୁଳ ଗୁହାରି ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ପୀଡ଼ିତାଙ୍କ ଆତ୍ମାର ଆତ୍ମାର ସଦଗତି ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଁ ପୁଣିଥରେ ପ୍ରାର୍ଥନା କରୁଛି, ଏହି ଦାରୁଣ ଦୁଃଖକୁ ସାମ୍ନା କରିବା ପାଇଁ ସେ ପରିବାର ସଦସ୍ୟମାନଙ୍କୁ ଶକ୍ତି ଏବଂ ସାହସ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

### ମହାକାଶରୁ ଫେରିଲେ...

ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ମାଆ ଆଶା ଶୁକ୍ଲା ଖୁସିରେ କାନ୍ଦି ପକାଇଛନ୍ତି। ପୁଅର ସକୁଶଳ ଯାତ୍ରା ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଛନ୍ତି।

ଦିନକ ତଳେ ସୋମବାର ସନ୍ଧ୍ୟା ୪ଟା ୪୫ରେ ଏହି ଚାରି ମହାକାଶଚାରୀ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରି ଥିଲେ। ଏଠାରେ ରହଣୀ କାଳରେ ଶୁଭାଂଶୁ ୬୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ସାମିଲ ହୋଇଥିଲେ। ଏଥିରେ ଭାରତର ୭ଟି ପରୀକ୍ଷଣ ସାମିଲ ଥିଲା। ସେ ମେଥି ଏବଂ ମୁଗ ଚାରା ଅଙ୍କୁରିତ କରିବାରେ ସଫଳ ହୋଇଥିଲେ। ମହାକାଶରେ ହାଡ଼ ଯତ୍ନ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ସେ ଗତ ୨୮ ତାରିଖରେ ମୋଦୀଙ୍କ ସହ ମଧ୍ୟ କଥା ହୋଇଥିଲେ। ଆଜି ୩ଟା ୨ରେ ସ୍ପେସ୍ଏକ୍ସ ଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା। ଏହା ପରେ ସ୍ପେସ୍ ଏକ୍ସ ଏବଂ ଅକ୍ସିଅମ ସ୍ପେସ ରିକଭରି କ୍ରୁଙ୍କ ବୋଟ୍ ଅବତରଣ ସ୍ଥଳରେ ପହଞ୍ଚି ଥିଲେ। ଏହି ଟିମ୍ ପ୍ରଥମେ ଗ୍ରେସ ଆଖପାଖରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ପିପିପି କିଟ୍ ପିନ୍ଧି ଏହି ଦଳ ୩ଟା ୧୫ରେ କ୍ୟାପ୍ସୁଲକୁ ଟାଣି ଟାଣି ବୋଟ୍‌କୁ ଆଣିଥିଲେ। ସୁରକ୍ଷା ଯାଞ୍ଚ କରିବା ପରେ ୩ଟା ୪୧ ମହାକାଶଚାରୀଙ୍କୁ ବାହାରକୁ ବାହାର କରିବା ପାଇଁ ପ୍ରସ୍ତୁତି କରିଥିଲେ। ୩ଟା ୪୯ରେ ମିଶନ କମାଣ୍ଡର ପେଗି ହ୍ୱିଟ୍‌ସନ୍ ହସି ହସି ପ୍ରଥମେ କ୍ୟାପ୍ସୁଲ ବାହାରକୁ ଆସିଥିଲେ। ଆଉ କିଛି ମିନିଟ ମଧ୍ୟରେ ୩ଟା ୫୨ରେ ଶୁଭାଂଶୁ, ବିଶେଷଜ୍ଞ ସ୍ଲାଓସ୍‌ଜ ଉଜନାନସ୍କି ଏବଂ ଟିବୋର କାପୁ ବାହାରକୁ ଆସିଥିଲେ। ସମସ୍ତେ ଏବେ ସୁରକ୍ଷିତ ଅଛନ୍ତି।

ଏହି ଅକ୍ସିଅମ-୪ ଅଭିଯାନ ପାଇଁ ଭାରତ ୭୦ ମିଲିୟନ ଡଲାର ଖର୍ଚ୍ଚ କରିଛି। ୪୩୩ ଘଣ୍ଟା, ୧୮ ଦିନ ଏବଂ ପୃଥିବୀ ଚାରିପଟେ ୨୮୮ ଥର ପରିକ୍ରମାରେ ୧୨.୨ ନିୟୁତ କିମି ଅତିକ୍ରମ କରି ମହାକାଶଚାରୀ ପୃଥିବୀ ଫେରିଛନ୍ତି। ଏହି ଅଭିଯାନରେ ମହାକାଶରୁ ବିଭିନ୍ନ ପରୀକ୍ଷଣ ତଥ୍ୟ ଧରି ଯାନ ଫେରିଛି। ଏହା କେବଳ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଭାରତ, ପୋଲାଣ୍ଡ ଏବଂ ହଙ୍ଗେରୀ ଲାଗି ଏକ ଐତିହାସିକ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଛି।

### ପଞ୍ଚଭୂତରେ ଲୀନ...

ଜନ୍ମମାଟିରେ ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରିଥିବା ୨୦ ଲକ୍ଷର ସହାୟତା ରାଶି ଘୋଷଣା କରିଥିବା ସୂଚନା ଦେଇଥିଲେ।

ଅନ୍ୟପଟେ, ସୌମ୍ୟାଶ୍ରୀଙ୍କ ଜନ୍ମମାଟି ପଳାସିଆ ଗ୍ରାମରେ ବିଜୁ ଜନତା ଦଳ ପ୍ରତିନିଧିମଣ୍ଡଳୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶିଙ୍କୁ ଭେଟି ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ସମବେଦନା ଜଣାଇଥିଲେ। ପରିବାରର ଦୁଃଖ ସମୟରେ ବିଜୁ ଜନତା ଦଳ ବଳିଷ୍ଠ ଭାବେ ଛିଡ଼ା ହେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉକ୍ତ ଦୁଃଖଦ ଘଟଣା ପାଇଁ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉପଯୁକ୍ତ ନ୍ୟାୟ କେମିତି ମିଳିବ ସେ ନେଇ ଦୃଢ଼ତାର ସହ ଛିଡ଼ା ହେବେ। ପରେ ବିଜେଡି ପ୍ରତିନିଧିମଣ୍ଡଳୀ ଏହି ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରାଯିବା ସହ ଦୋଷୀଙ୍କୁ କଠୋରରୁ କଠୋର୍ କାର୍ଯ୍ୟାନୁଷ୍ଠାନ ଦିଆଯିବା ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ପୀଡ଼ିତା ସୌମ୍ୟାଶ୍ରୀ ଗତ ୬ ମାସ ଧରି କଲେଜରେ ମିଳିଥିବା ନିର୍ଯ୍ୟାତନାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଅବଗତ କରିଥିଲେ। ଏଥିସହିତ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ଏକ୍ସ ମାଧ୍ୟରେ ଜଣାଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ଓ ପୁଲିସ୍ ବିଭାଗ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଅବଗତ ଥାଇ ତାଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ ନ୍ୟାୟ ଆଶା କରି ନିରାଶ ହେବା ପରେ ଆତ୍ମାହୁତି କରିବାକୁ ସୌମ୍ୟାଶ୍ରୀ ବାଧ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ପଛରେ ସଂପୃକ୍ତ ଥିବା ପ୍ରତିଟି ଦିଗ ଉପରେ ନ୍ୟାୟିକ ତଦନ୍ତ ହେଲେ ଘଟଣା ପଛର ଘଟଣା ଉପରୁ ପରଦା ହଟିବ ବୋଲି ବିଜେଡି ପ୍ରତିନିଧିମଣ୍ଡଳ ଦାବି କରିଛି।

### ଆଜି ପ୍ରବଳ...

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୧୮ କିମ୍ବା ୧୯ ବେଳକୁ ଆନ୍ଧ୍ର ନିକଟସ୍ଥ ସମୁଦ୍ର ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉତ୍ତର ବଙ୍ଗୋପସାଗରରେ ମିଆଁମାର ଦେଇ ଆସୁଥିବା ଏକ ଲଘୁଚାପ ସହ ୨୪-୨୫ ବେଳକୁ ମିଶିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପ କିମ୍ବା ସୁଦୃଢ଼ ଲଘୁଚାପ ରୂପେ ଓଡ଼ିଶା/ପଶ୍ଚିମବଙ୍ଗ ଦେଇ ଗତି କରିବାର ସମ୍ଭାବନା ରହିଛି।

### ୨୦ ଲକ୍ଷ ଲୋକଙ୍କ...

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇପାରୁନି। ଗାଁ ଗହଳିରୁ ଆସି ରାଜଧାନୀରେ ରହି କାମ ଧନ୍ଦା କରି ଚଳୁଥିବା ଲୋକମାନଙ୍କୁ ଏଠିକାର ରାସନ ଡିଲରମାନେ ରାସନ ଦେବାକୁ ସିଧାସଳଖ ମନା କରି ଦେଉଛନ୍ତି। ଯେଉଁମାନେ ବି ଦେଉଛନ୍ତି, ଦୂର୍‌ଦୂର୍ ମାର୍‌ମାର୍ କରୁଛନ୍ତି। ଫଳରେ ଲୋକମାନେ ଶେଷରେ ଖର୍ଚ୍ଚାନ୍ତ ହୋଇ ନିଜ ଗାଁକୁ ଆଣିବାକୁ ଯାଉଛନ୍ତି। ସେହିଭଳି ମଞ୍ଚେଶ୍ୱର ପ୍ରଥମ ଚାଉଳ ଏଟିଏମ୍ ସରକାର ଉଦ୍‌ଘାଟନ କରିଥିଲେ। ହେଲେ ଏହା ଅଧା ଦିନ ଚାଲିଲେ, ଅଧା ଦିନ ବନ୍ଦ ରହୁଛି। ଏହାର ସୁଫଳ ସାଧାରଣ ଲୋକ ପାଇପାରୁନାହାନ୍ତି। ବରଂ ଚାଉଳ ଏଟିଏମ୍ କଥା ଶୁଣି ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଫେରି ଯାଉଛନ୍ତି। ଏହି ସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଦାବି ହେଉଛି।


**DISTRICT WELFARE OFFICE, BARGARH** g-64

Applications are invited from eligible candidates of Bargarh District for engagement of 24 no. of Lady Matrons in the SSD Hostels of Bargarh District.

The detailed advertisement and selection criteria may be obtained from the office notice Board of District Welfare Office, Bargarh and District website **http://bargarh.odisha.gov.in.**

The last date to apply is **04.08.2025.**

**Sd/- District Welfare Officer, Bargarh**

OIPR-26025/11/0001/2526

**DISTRICT PROJECT OFFICE SAMAGRA SHISHA {S.S} MALKANGIRI - 764048**

Contact: 06861–231481 (Off)
Emails: dpcmalkanssa.opepa@nic.in stc.malkangiri@gmail.com

Letter No. 2759/Civil/2025 / Date: 11.07.2025

TENDER CALL NOTICE

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of building works as mentioned below from eligible Contractors registered with the State Government and contractor of equivalent grade/class registered with Central Government / MES / Railways, having registration for Civil works on production of definite proof from the appropriate authority.
The detailed list of works is available on the website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SETU 2024-25 |
| No. Of Works | : | 30 Nos (Thirty) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from 17.07.2025 to 30.07.2025 |
| Date of receipt of Tender paper | : | From 17.07.2025 to 30.07.2025 up to 5.00 PM (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | At 11.00 A.M on 31.07.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B- If the last date of sale/receipt of tender paper turns out be a holiday, it will automatically be extended to next working day.** The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

District Project Coordinator
Samagra Shiksha, Malkangiri

OIPR-27141/11/0016/2526 n-102

**AFFIDAVIT**

By virtue of an affidavit, sl. no. 2, dtd.15.07.2025 before the Notary, Purushottampur, Ganjam, I, Santosh Maharana, At/Po- Chatamundali, Po-Purushottampur, Dist- Ganjam have changed my son's name from Sujit Maharana to Sujita Maharana. Henceforth he will be known as **Sujita Maharana** for all purposes.
**Sd/- Santosh Maharana**

**AFFIDAVIT**

I, Sukant Swain, aged about 57 years, S/o.: Dhruba Charan Swain, resident of Village/PO.: Korua, P.S.: Naugaon, Dist.: Jagatsinghpur, Odisha, declare by this affidavit No.: 1049, dated-14.07.2025, that now onwards I shall be known as **Sukant Kumar Swain** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhawanipatna, Kalahandi, I, Jagdeesh Nag have changed my name and date of birth from Jagasdisha Nag, date of Birth as 19.09.2001 to Jagdeesh Nag, date of birth as 24.01.2001. Hencefroth I shall be known as Jagdeesh Nag and my date of birth as 24.01.2001 for all purposes.
**Sd/- Jagdeesh Nag**

**AFFIDAVIT**

By virtue of an affidavit before Exicutive Magistrate, Rasgovindpur, Mayurbhanj dtd 07.07.2025. I, Padmabati Jati, residing At- Nakichua, P.o.-Chinchalgadia, P.s-Rasgovindpur, Dist- Mayurbhanj - 756030 declare that I have changed my name from Srimati Padmamnani Jyoti to Padmabati Jati. Henceforth, I shall be known as **Padmabati Jati** for all purposes.
**Padmabati Jati**

**AFFIDAVIT**

By virtue of an affidavit Sl No 1863, dtd.14.07.2025 before the Executive Magistrate, Kandhamal, Phulbani. I, Sushant Kanhar, resident of At: Talatamtingia, PO: Sripalla, Dist.: Kandhamal have changed my minor daughter's name from Prangya Kanhar to Pragnyasini Kanhar. Henceforth, she shall be known as **Pragnyasini Kanhar** for all purposes.
**Sd/- Sushant Kanhar**

**AFFIDAVIT**

By virtue of an affidavit sworn before The Executive Magistrate, Gaisilet vide affidavit no.62 dated 11/07/2025 I, Debashish Purohit, S/o - Manabhanjan Purohit resident of At/Po./Ps.- Gaisilet, Dist.-Bargarh, Odisha, Pin- 768037 state that, I have changed my son's name from **Swapnil Purohit** to **Pragyan Purohit**. Henceforth, my son shall be known as **Pragyan Purohit** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-2799, dated 15/07/2025 I, Rabindra Panda, S/o- Late Panchanan Panda, of At- Chiankasahi, Po/Ps- Banpur, Dist- Khordha, declare that in my adhar card my name is wrongly mentioned as **Rabindra Nath Panda** instead of Rabindra Panda. Henceforth, I shall be known as **Rabindra Panda** for all purposes.

**AFFIDAVIT**

I, SK Namul Haque, aged about 61 years, S/O- Sk Azizul Haque, resident of At/Po- Olaver, Ps- Rajkanika, Dist-Kendrapara, Odisha, Pin- 754227 declare by this affidavit No. 1373, dtd. 12/07/2025, that now onwards I shall be known as **SK NAIMUL HAQUE** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bissam Cuttack, Dist-Rayagada, Odisha, vide affidavit sl.no.1728/2025, dated-19/06/2025, that Smt Sadai Miniaka, W/o- Late Kirti Miniaka of village - Sana Gotiguda, Po-Badda Gotiguda, P.s-Bissam Cuttack, which is wrongly recorded in Aadhaar Card. Hence for the changed the name of his minor Daughter Sanju Miniaka instead of Sanjukta Miniyaka. Henceforth the minor Daughter shall be known as **Sanju Miniaka** In her Aadhar and for all purposes.
**Sd/- Deponent**

**AFFIDAVIT**

By virtue of an affidavit before The Notary Public, Titilagarh, on dated-15/07/2025. I, **Sunita Jyotisha** (Applicant name), Wife of Preamraj Jyotisha, Permanent resident of At-Goudtula, P.O. Kursud, P.S. Sindhekela, Dist- Balangir, (Odisha), PIN- 767035 now residing at the same place affirm that I have changed my minor son's name from **Premraj Jyotish** (old name) to **Sunil Jyotisha** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sunil Jyotisha** (new name).
**Sunita Jyotisha**

**AFFIDAVIT**

By virtue of an affidavit before the Notary Public, Titilagarh, on dated-14/07/2025. I, **Rama Sahu** (new name), formerly called as Rambha Sahu (old name), W/o Dambarudhara Sahu, permanent resident of AT-Bandepadar, P.O.- Dhandamunda, P.S. Khaprakhol, Dist- Balangir, (Odisha), PIN- 767028 now residing at the same place affirm that I have changed my name from **Rambha Sahu** (old name) to **Rama Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rama Sahu** (new name).
**Rama Sahu**

**AFFIDAVIT**

By virtue of an affidavit no 3807 before the Executive Magistrate, Champua on dated- 29/05/2025. I, **Rohit Rajak** (new name), S/o- Dola Rajak, resident of At-Panchapokhoria, PS-Champua, Dist- Keonjhar, PIN- 758041, Odisha have changed my name from **Lipun Rajak** (old name) to **Rohit Rajak** (new name). Henceforth, I shall be known as **Rohit Rajak** (new name) for all future purposes.
**Rohit Rajak**

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.
**Sd/- OSAPILI CHITAMA**

**AFFIDAVIT**

I, Pranab Bhusan Pattanaik, aged about 61 years, S/o- Late Anirudha Pattanaik, resident of Flat No-J/212, Trident Galaxy Apartment, Kalinga nagar, Ps-Chandaka, Bhubaneswar, Dist-Khurda, PIN- 751003, Odisha declared by this affidavit No- 77AA306781, dtd- 30/06/2025 that now onwards I shall be known as **PRANAB BHUSAN PATTNAIK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, champua cf no4532 dated-7/07/2025. I, **Priyanka Priyadarshini Sarangi,** W/o-Shasibhusan Sarangi, resident of AT- Nakasara, PO- Naksara, PS-Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi** (new name). Henceforth, I shall be known as **Priyanka Priyadarshini Sarangi,** W/o-Shasibhusan Sarangi for all future purposes.
**Priyanka Priyadarshini Sarangi**

**COLLECTORATE, RAYAGADA** F-42
**(NIZARAT SECTION)**
**TENDER/QUOTATION CALL NOTICE**

Sealed Tender/quotation is invited from the interested reputed Travel Agencies / Tour Operators or private individuals for providing of vehicle on hire charges on or before **06.08.2025 by 1.00 P.M.**

For specification details please visit our official website: **www.rayagada.odisha.gov.in**

**Sd/- COLLECTOR, RAYAGADA**

OIPR-24365/11/0008/2526

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଅଟକିଛି ପାଠପଢ଼ା, ପରୀକ୍ଷା ଓ ନାମଲେଖା

ବାଲେଶ୍ୱର,୧୫।୭ (ସମିସ)




ଗତ ଶନିବାର ଦିନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଲୋମଟାଙ୍କୁରା ଘଟଣା ଘଟିଯାଇଛି। କଲେଜ ପରିସରରେ ଛାତ୍ରୀ ନିଜକୁ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଫଳରେ କଲେଜ ସହିତ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏହାରି ଭିତରେ ପ୍ରଭାବିତ ହୋଇଛି କଲେଜର ପାଠପଢ଼ା, ପରୀକ୍ଷା ଏବଂ ନାମଲେଖା ପ୍ରକ୍ରିୟା। କାରଣ ଉକ୍ତ ଘଟଣା ଘଟିବା ଦିନ ମଧ୍ୟରେ କଲେଜର ମିଡ୍ ସେମିଷ୍ଟର ପରୀକ୍ଷା ସକାଳୁ ସରିଥିଲା। ଯାହା ସୋମବାର ଓ ମଙ୍ଗଳବାର ମଧ୍ୟ ହେବାର ଥିଲା। ମାତ୍ର ଏପରି ଏକ ଘଟଣା ପରେ କଲେଜ ଛୁଟି ରହିବା ସହିତ ପରୀକ୍ଷା ମଧ୍ୟ ବନ୍ଦ କରାଯାଇଛି। ଏହାବ୍ୟତୀତ ଆଜି କଲେଜରେ ଯୁକ୍ତ ତିନି ପ୍ରଥମ ବର୍ଷ ସ୍ପଟ୍ ଆଡ଼ମିଶନ ନାମଲେଖା ଥିଲା। ଚତୁର୍ଥ ପର୍ଯ୍ୟାୟର ସ୍ପଟ୍ ଆଡ଼ମିଶନ ଆରମ୍ଭ ହୋଇଥାନ୍ତା। ଯେଉଁଥିପାଇଁ ପିଲା ଏବଂ ଅଭିଭାବକମାନେ କଲେଜକୁ ଆସି ହଇରାଣ ହୋଇଛନ୍ତି। କାରଣ କଲେଜର ପରିସ୍ଥିତିକୁ ଦେଖି ସଙ୍ଗେ ସଙ୍ଗେ କଲେଜ ଏବଂ ନାମଲେଖା ବନ୍ଦ ପାଇଁ ନିର୍ଦ୍ଦେଶ ପାଇବା ପରେ ଫୋନ୍ ମାଧ୍ୟମରେ ପିଲାମାନଙ୍କୁ ନାମଲେଖା ବନ୍ଦ ପାଇଁ ସୂଚନା ଦିଆଯାଇଥିଲା। ଯାହା ଅନେକ ପିଲା ସୂଚନା ପାଇନଥିଲେ। ଫଳରେ ଆଜି କଲେଜରେ ପହଞ୍ଚି ନାମଲେଖା ପାଇଁ କହିଥିଲେ। ଦୂରଦୂରାନ୍ତରୁ ପିଲା ଆସି ଫେରିଥିବା ସୂଚନା ମିଳିଛି। ଏ ବାବଦରେ ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ଫିରୋଜ ପାଢ଼ୀ କହିଛନ୍ତି ଆମେ ଜିଲ୍ଲା ପ୍ରଶାସନ, ଉଚ୍ଚ ଶିକ୍ଷା ବିଭାଗ ସହ ସବୁବେଳେ ଯୋଗାଯୋଗରେ ରହିଛୁ। ପରିସ୍ଥିତି ଦେଖି ଆଜି କଲେଜ ବନ୍ଦ କରାଗଲା। ତେଣୁ ଆଜିର ପରିସ୍ଥିତି ପରି କାଲି ଯଦି ରହିବ ତାହେଲେ ହେଇ ଅନୁସାରେ ନିଷ୍ପତ୍ତି ନିଆଯିବ। ଆମେ ଆଶା କରିବା

**● ଅଚାନକ ଆଜି ବନ୍ଦ ହେଲା ଯୁକ୍ତ ତିନି ନାମଲେଖା**

**● ସୂଚନା ପାଇନଥିବା ପିଲା ଓ ଅଭିଭାବକ କଲେଜ ଆସି ଫେରିଲେ**

ଯେ କାଲି ସବୁ ଠିକ ଠାକ୍ ରହୁ। କିନ୍ତୁ କେହି ଯଦି ବିକ୍ଷୋଭ କି କରିଲେ ସେଇ ଅନୁସାରେ ଜିଲ୍ଲା ପ୍ରଶାସନ ଯାହା ନିଷ୍ପତ୍ତି ନେବେ। ଯୁକ୍ତ ତିନି ପ୍ରଥମ ବର୍ଷର ସ୍ପଟ୍ ଆଡ଼ମିଶନ ପାଇଁ ଆଜି ପିଲାମାନଙ୍କୁ ଡକାଯାଇଥିଲା। ମାତ୍ର ସରକାର ଆଜି ବନ୍ଦ କରିବାକୁ କହିଲେ। ଓଡ଼ିଶା ସରକାର ସାମ୍ସ ମାଧ୍ୟମରେ ସୂଚିତ କରୁଛନ୍ତି। ଫଳରେ ନାମଲେଖା ଚାଲେ। ସେହି ଅନୁସାରେ ଆଜି ଥିଲା ଏକ ନାମଲେଖା ପ୍ରକ୍ରିୟା। ମାତ୍ର ଆଜିର ନାମଲେଖା ବନ୍ଦ ରଖିବା ପାଇଁ ସରକାରଙ୍କ ପାଖରୁ ସୂଚନା ଆସିଲା। ଏହି ସୂଚନା ପାଇବା ପରେ ଆମେ ପିଲାମାନଙ୍କୁ ସୂଚନା ଦେବା ପାଇଁ ତୁରନ୍ତ ଲାଗିପଡିଲୁ। କାରଣ କିଏ କେଉଁଠି ଦୂରଦୂରାନ୍ତରୁ ପିଲା ଏବଂ ଅଭିଭାବକମାନେ ଆସିବେ ନାମ ଲେଖାଇବା ପାଇଁ। ଫୋନ୍ ମାଧ୍ୟମରେ ଖବର ଦିଆଗଲା। ତଥାପି କିଛି ପିଲା ଓ ସେମାନଙ୍କ ଅଭିଭାବକ କଲେଜରେ ପହଞ୍ଚି ଯାଇଥିଲେ। ସେମାନଙ୍କୁ ବୁଝେଇବାକୁ ପଡ଼ିଲା। ତେଣୁ ବିଭାଗ ପୁଣି ତାରିଖ ଘୋଷାଣ କଲେ ଆମେ ଏହି ପ୍ରକ୍ରିୟା ଆରମ୍ଭ କରିବୁ। ଏଥିସହିତ ଯୁଜି ପିଲାଙ୍କର ମିଡ୍ ସେମିଷ୍ଟର ପରୀକ୍ଷା ମଧ୍ୟ ସୋମବାର ଓ ମଙ୍ଗଳବାର ବନ୍ଦ କରାଯାଇଛି। କଲେଜ ଆରମ୍ଭ ହେବା ପରେ ଆମେ ପରୀକ୍ଷା ପାରିବୁ ପୁଣି'। ତେବେ କଲେଜର ପରିସ୍ଥିତି ସ୍ୱଭାବିକ ହେବାକୁ ଅପେକ୍ଷା କରିଛି ସମସ୍ତେ।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ନେଇ ହରତାଳ

କାଳିପଦା, ୧୫।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ କେନ୍ଦ୍ର କରି ଆଜି ବାଲିଆପାଳର ବିଭିନ୍ନ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଛାତ୍ର ସଂଗଠନ ତରଫରୁ କେଣ୍ଡେଲ ଶୋଭାଯାତ୍ରା ଓ ହରତାଳ ହୋଇଛି। ଫଳରେ ମହାବିଦ୍ୟାଳୟ ଗୁଡିକରେ ଆଜି ପାଠପଢା ଠପ ହୋଇ ଯାଇଛି କହିଲେ ଚଳେ। ସ୍ଥାନୀୟ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଗେଟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। କଲେଜ କର୍ତ୍ତୃପକ୍ଷଙ୍କ ବୁଝାମଣା ପରେ ଗେଟରୁ ତାଲା ଫିଟି ଥିଲା। ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଏହି ଘଟଣାକୁ କେନ୍ଦ୍ର କରି ଛାତ୍ର ଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରିଥିଲେ। ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ସୌମ୍ୟାଶ୍ରୀର ଆତ୍ମାର ସଦ୍‌ଗତିପ୍ରାପ୍ତ ପାଇଁ ଛାତ୍ର ଛାତ୍ରୀ ଶ୍ରେଣୀ ବର୍ଜନ କରି କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଲକ୍ଷ୍ମୀପ୍ରିୟା ମହିଳା କଲେଜ ଛାତ୍ରୀମାନେ ମଧ୍ୟ ଶୋକ ମନାଇ ଥିଲେ।



## ଓଡ଼ିଶା ଜଳସାଥୀ ମହାସଂଘର ଉତ୍ତର ଓଡ଼ିଶା ସମାବେଶ




ବାଲେଶ୍ୱର,୧୫।୭(ସମିସ): ରାଜ୍ୟର ପୌରାଞ୍ଚଳମାନଙ୍କରେ ପ୍ରତି ଘରକୁ ଚବିଶ ଘଣ୍ଟା ଓ ସାତଦିନ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜଳମାନଙ୍କ ପରୀକ୍ଷା ତଥା କୋଟି କୋଟି ଟଙ୍କାର ଜଳ ରାଜସ୍ୱ ସଂଗ୍ରହରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜଳସାଥୀମାନଙ୍କୁ କେବଳ ୭.୫ପ୍ରତିଶତ ଭତ୍ତା ପ୍ରଦାନ କରି ସରକାର ନିରବ ରହିଛନ୍ତି। ସେମାନଙ୍କ ନା ଭତ୍ତାବୃଦ୍ଧି କରାଯାଉଛି, ନା ବୀମା ସୁବିଧା ନା ବୋନସ, ନା ଦରମା ନା ନିୟମିତ କରାଯାଉଛି। ଏହି ସବୁ ଦାବି ଓ ସମସ୍ୟାର ସମାଧାନ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଓଡିଶା ଜଳସାଥୀ ମହାସଂଘର ଉତ୍ତର ଓଡିଶା ସମାବେଶ ସ୍ଥାନୀୟ ପରିବହନ ୟୁନିଅନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ବାଲେଶ୍ୱର ନେତ୍ରୀ ମଧୁସ୍ମିତା ପାଳ ଓ ଅଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ମହାସଂଘର ଚେୟାରମ୍ୟାନ ସୁଦର୍ଶନ ଛୋଟରାୟ ଯୋଗଦେଇ ଜଳସାଥୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗତ ୨୦୨୩ ମସିହାରୁ ପ୍ରତିବର୍ଷ ଓଡିଶା ଜଳସାଥୀ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବୀ ଜଣାଇଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ ବରଂ ଦୈନନ୍ଦିନ ଭାବେ ସରକାରୀ ସହଯୋଗ ଯେଭଳି ପିଏଚଡି ଓ ୱାଟକୋରୁ ମିଳିବା କଥା ମିଳୁନି, ପାନୀୟ ଜଳ ଉପଭୋକ୍ତାଙ୍କ ନାନାବିଧି ଆପତ୍ତି ଓ ଅଭିଯୋଗର ସମାଧାନ କରିବା ଜଳସାଥୀଙ୍କ ପାଇଁ କଷ୍ଟକର ହେଉଛି ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନେତ୍ରୀ ବିଳାସିନି ପ୍ରଧାନ,ସୁପ୍ରଭା ରାଉତ ଓ ସଂଗୀତ ନାୟକ, ମମତା ସିଂହ ଓ ମନୋରମା, ରୂପଶ୍ରୀ ରାୟ ପ୍ରମୁଖ ଯୋଗଦେଇ ଏହି ଜଳସାଥୀମାନଙ୍କୁ ତୁରନ୍ତ ନ୍ୟାୟ ଦେବା ପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଶ୍ରମିକ ନେତା ପ୍ରେମ ରଞ୍ଜନ ପାତ୍ର ଓ ରାଜ କିଶୋର ଲେଙ୍କା ପ୍ରମୁଖ ଯୋଗଦେଇ ଓଡିଶା ଜଳସାଥୀ ମହାସଂଘର କୋଡିଏ ଦଫା ଦାବି ପ୍ରତି ସମର୍ଥନ ଜଣାଇ ଅଭିଯାନର ସଫଳତା କାମନା କରିଥିଲେ। ତେଣୁ କାଳବିଳମ୍ବ ନକରି ରାଜ୍ୟ ସରକାର ଜଳସାଥୀ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ତତ୍ପର ହୁଅନ୍ତୁ ବୋଲି ଅନ୍ୟ ଅତିଥିମାନେ ଦାବି କରିଥିଲେ। ଏହି ସମାବେଶ ରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜର ଶତାଧିକ ଜଳସାଥୀ ଯୋଗ ଦେଇଥିଲେ।

## ସନ୍ନ୍ୟାସୀ ବେହେରା ଏସସି/ଏସ୍‌ଟି ଜିଲ୍ଲା ସଂଯୁକ୍ତ ମୋର୍ଚ୍ଚା ସଭାପତି

କାଳିପଦା, ୧୫।୭ (ସମିସ): ବାଲିଆପାଳ ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ନ୍ୟାସୀ ବେହେରା ସର୍ବଭାରତୀୟ ଏସସି/ଏସଟି/ଓବିସି/ସଂଖ୍ୟାଲଘୁ ସଂଯୁକ୍ତ ମୋର୍ଚ୍ଚାର ଏବେ ଜିଲ୍ଲା ସଭାପତି ହୋଇଛନ୍ତି। ସଂଗଠନର ନୂଆ ଦିଲ୍ଲୀ କେନ୍ଦ୍ରୀୟ କାର୍ଯ୍ୟାଳୟର ଚିଠି ନଂ ୧୪୨/୧୨ ମୂଳେ ତାଙ୍କୁ ଏହି ନିଯୁକ୍ତି ମିଳିଛି । ଜାତୀୟ ଚେୟାରମ୍ୟାନ ଡ.



ଓଁ ସୁଧା, ରାଜ୍ୟ ସଭାପତି ପ୍ରହ୍ଲାଦ ବେହେରା, ଜାତୀୟ ସେକ୍ରେଟାରୀ ସୁଧୀର କୁମାର ଖଣ୍ଡା ପ୍ରମୁଖ ଶ୍ରୀ ବେହେରାଙ୍କୁ ମନୋନୀତ କରିବା ସହ ନିଯୁକ୍ତି ଦେଇଛନ୍ତି ।

## ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ସମ୍ପର୍କିତ ଆଲୋଚନାଚକ୍ର




ସୋର,୧୫।୭(ସମିସ): ଭାରତ ସରକାରଙ୍କର ମେରା ଯୁବା ଭାରତ ( ମାଇଁ ଭାରତ) ବାଲେଶ୍ୱର ଶାଖା ଏବଂ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ର ମିଳିତ ଆନୁକୂଲ୍ୟରେ ସୋର ପୌରପାଳିକା ଅନ୍ତର୍ଗତ ମଉଡ଼ମଣି ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସ୍କିଲ ଇଣ୍ଡିଆ ଏବଂ ଡିଜିଟାଲ ଇଣ୍ଡିଆ ସମ୍ପର୍କିତ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୋର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନଙ୍କ ସହ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକ, କମଳାକାନ୍ତ ସ୍ୱାଇଁ ଯୋଗଦେଇ ଦୈନନ୍ଦିନ ଜୀବନରେ ଡିଜିଟାଲ ଇଣ୍ଡିଆ ର ଆବଶ୍ୟକତା ସହିତ ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ହେଉଥିବା ସାଇବର ଠକେଇ ବିଷୟ ରେ ପିଲାମାନଙ୍କୁ ସଚେତିତ କରାଇଥିଲେ। ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ ମଞ୍ଚରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ ଯୁବକ ସଂଘ ର ସମ୍ପାଦକ ସରୋଜ କୁମାର ବିଶ୍ୱାଳ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ହୋଇଥିବା ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା, ପ୍ରଜ୍ଞାନ ଜ୍ୟୋତି ମହାନ୍ତି ପ୍ରଥମ, ଅନନ୍ତ ପଣ୍ଡା ଦ୍ୱିତୀୟ ଓ ସୁନିଲ କୁମାର ଜେନା ଏବଂ ଭାଗ୍ୟଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହ ଟ୍ରଫି ଓ ବୃକ୍ଷ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ସଦସ୍ୟ ଦେବାଶିଷ ପୋଇ, ସ୍ଲୋଗାନ ଦାସ, ପରେଶ କୁମାର ବେହେରା, ଜିତେନ୍ଦ୍ର ବେହେରା, ସ୍ୱର୍ଣ୍ଣମୟୀ ବିଶ୍ୱାଳ, ବରିଷ୍ଠ ସଦସ୍ୟ ମହେଶ୍ୱର ମହାନ୍ତି , ଆଲୋକ ମହାନ୍ତି, ସୌମ୍ୟଶାନ୍ତ ପଟ୍ଟନାୟକ, ରାଜେଶ ବେହେରାଙ୍କ ସହ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ସମୁଦ୍ର ଅଶାନ୍ତ; ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା

ଚନ୍ଦନେଶ୍ୱର, ୧୫।୭ (ସମିସ) : ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ।ଏହି ପ୍ରତିକୂଳ ପାଗ ପାଇଁ ଗତ କାଲି ଠାରୁ ୨ ଦିନ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯାଇ ମାଛ ଧରିବାକୁ ବାରଣ କରାଯାଇଛି। ସମୁଦ୍ରରେ ପ୍ରବଳ ବର୍ଷା ଓ ପବନ ଲାଗି ରହିବ । ଏ ନେଇ ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆରେ ମତ୍ସ୍ୟବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଇଥିବା ଦେଖିବାକୁ ମିଳିଛି । ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ ( ସାମୁଦ୍ରିକ ସମ୍ପ୍ରସାରଣ ) ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଭୁଟଭୁଟି, ଡ଼ଙ୍ଗା ମାଲିକ, ମତ୍ସ୍ୟଜୀବୀ କମିଟିର କର୍ମକର୍ତ୍ତାଙ୍କୁ ଏହି ସୂଚନା ଦିଆଯାଇଛି । ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରତିକୂଳ ପାଗ ପାଇଁ ସମୁଦ୍ରକୁ ନ ଯିବାକୁ ସତର୍କ ସୂଚନା ଦିଆଯାଇଛି। ଯେଉଁମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି ସେମାନେ ଶୀଘ୍ର କୂଳକୁ ଫେରି ଆସି ନିଜ ନିଜ ଡ଼ଙ୍ଗା, ଜାଲକୁ ସୁରକ୍ଷିତ ରଖିବାକୁ କୁହାଯାଇଛି । ଡ଼ଙ୍ଗା ମାଲିକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆପଣଙ୍କ ଡଙ୍ଗାରେ ମାଛ ଧରିବାକୁ ଯାଉଥିବା ଲୋକର ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଇତ୍ୟାଦି ନିକଟସ୍ଥ ସହକାରୀ ମତ୍ସ୍ୟ ଅଧିକାରୀ ସାମୁଦ୍ରିକ ସମ୍ପ୍ରସାରଣ ଚନ୍ଦନେଶ୍ୱର ବାଲେଶ୍ୱର ଠାରେ ଦାଖଲ କରି ନିଶୁଳ୍କରେ ବୀମାଭୁକ୍ତ ହୁଅନ୍ତୁ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ



ବାଲେଶ୍ୱର,୧୫।୭(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଫୁଲାଡ଼ି ସ୍ଥିତ ଆନନ୍ଦମାର୍ଗ ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଇଂଗୌରାଙ୍ଗ ଚନ୍ଦ୍ର ସାହୁ,ଦେବେନ୍ଦ୍ର ନାଥ ଚୌଧୁରୀ ଓ ସାଧାରଣ ସମ୍ପାଦକ ଦାମୋଦର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ବିଭିନ୍ନ ପ୍ରକାରର ଫଳଚାରାମାନ ବିଦ୍ୟାଳୟ ବଗିଚାରେ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପଲତା ମହାନ୍ତି, ଦିଲ୍ଲୀପ ଚକ୍ରବର୍ତୀ, ରୀତା ରାୟ, ଜ୍ୟୋସ୍ନା ରାୟ, ସୁନିଲ କୁମାର ମାଇତି,ଅଜୟ ନାୟକ,ଇଂ କେଶବ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ଦାଶ, ପ୍ରଣିତା ମିଶ୍ର,ରବି ନାରାୟଣ ପାତ୍ର,ସଞ୍ଜୟ ପଣ୍ଡା, ଭବେଶ ପଣ୍ଡା, ହରେକୃଷ୍ଣ ପଲେଇ, ଯୋଗେନ୍ଦ୍ରନାଥ ସିଂହ, କ୍ଷେତ୍ରମୋହନ ନାୟକ, ଶେଖ ଆଲ୍ଲାଉଦ୍ଦିନଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ବୃକ୍ଷରୋପଣର ଆବଶ୍ୟକତା ଓ ଏହାର ଉପକାରିତା ସମ୍ବନ୍ଧରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ଇଂ.ବନମାଳୀ ନାୟକ, ଉପସଭାପତି ବାସନ୍ତୀ ପାଣି, ଜ୍ଞାନେନ୍ଦ୍ର ନାଥ ସାହୁ, ଗୁଣାକର ଦେ, ଶତ୍ରୁଘ୍ନ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାସ୍କର ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ସୁବର୍ଣ୍ଣରେଖା ନଦୀରେ ପୁଣି ବନ୍ୟାଜଳ

କାଳିପଦା, ୧୫।୭ (ସମିସ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖା ନଦୀରେ ପୁଣି ବନ୍ୟା ଜଳ ଆସିଛି। ବନ୍ୟା ଜଳ ଏବେ ଜଳେଶ୍ୱର ବ୍ଲକ ରାଜଘାଟଠାରେ ବିପଦ ସଂକେତ ସାମାନ୍ୟ ତଳେ ପ୍ରବାହିତ ହେଉଛି। ସେଠାରେ ସତର୍କ ସୂଚନା ୯.୪୫ ମିଟର ହୋଇ ଥିବା ବେଳେ ବିପଦ ସଂକେତ ହେଉଛି ୧୦.୩୬ ମିଟର। ଜଳ ସ୍ତର ଯେଭଳି ଭାବରେ ବୃଦ୍ଧି ପାଉଛି ସେଭଳି ଲାଗି ରହିଲେ ଏଠାରେ ବନ୍ୟା ସ୍ଥିତି ଗମ୍ଭୀର ହେବ। ଏବେ ବନ୍ୟା ଜଳ ନଦୀରୁ କୂଳ ଲଙ୍ଘି ଚାରିଆଡକୁ ବ୍ୟାପି ଗଲାଣି। ନଦୀ ତଟ କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଅସ୍ତି, ଶ୍ରୀରାମପୁର, ବାଲିଆପାଳ, ବିଷ୍ଣୁପୁର, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ଆଦି ପଞ୍ଚାୟତର ଲୋକ ମାନେ ଆଶଙ୍କାରେ ରହିଛନ୍ତି। ଲୋକେ ଭୟଭୀତ ନ ହେବାକୁ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।



### ସିମୁଳିଆ ବିଧାୟକଙ୍କ ବ୍ଲକ୍‌ସ୍ତରୀୟ ସମୀକ୍ଷା ବୈଠକ

## ସୋର-କୁପାରୀ ରାସ୍ତା ମରାମତି ବିଳମ୍ବ ନେଇ ଅସନ୍ତୋଷ

ଖଇରା,୧୫।୭ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ବ୍ଲକ ସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଦିନ ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଶେଷ ଭାବରେ ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଧୀକାଂଶ ରାସ୍ତା ନିମ୍ନମାନର ହେଉଥିବା ନେଇ ଲୋକପ୍ରତିନିଧିଙ୍କ ଅଭିଯୋଗ ପରେ ଏହା ଠିକ ଢଙ୍ଗରେ କରିବାକୁ ନିର୍ବାହୀ ଯନ୍ତ୍ରୀ ଅମିର କୁମାର ସେଠୀ ଓ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନୂତନ ଭାବେ ହାତକୁ ନିଆଯାଇଥିବା ୭ଟି ରାସ୍ତା କିଭଳି ଟେଣ୍ଡର ପ୍ରକ୍ରିୟାକୁ ଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସେହିଭଳି ଖଇରା ବାସୀଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ସୋର-କୁପାରୀ ରାସ୍ତା ମରାମତି ରେ ବିଳମ୍ବ ଯୋଗୁଁ ବିଧାୟକ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭ୍ରଂକାଶ ପଣ୍ଡାଙ୍କ ଉପରେ ବର୍ଷିଥିଲେ। ପରେ ଅଧୀକ୍ଷଣ ଯନ୍ତ୍ରୀ ପାଗ ଅନୁକୂଳ ହେଲେ ବୁଧବାରଠାରୁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶୃତି ଦେଇଥିଲେ। ସେହିଭଳି ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ୧୪କୋଟି ଟଙ୍କା ଟେଣ୍ଡର ହୋଇ ସାରିଥିବା ବେଳେ ତୁରନ୍ତ ଶିଳନ୍ୟାସ କରାଯାଇ କାମ ଆରମ୍ଭ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଜିଲା ପରିଷଦ ସଭ୍ୟା ମାନସ କୁମାର ଦାଶ,ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ଓ ବିଭୁତି ନାୟକ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମୌସୁମୀ ମୁକାବିଲା ପାଇଁ ଟିପିଏନ୍‌ଓଡିଏଲ୍‌ର ପ୍ରସ୍ତୁତି

ବାଲେଶ୍ୱର,୧୫।୭ (ସମିସ)



ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ମୌସୁମୀ ବର୍ଷା ପ୍ରସ୍ତୁତି ଅଭିଯାନର ପଦକ୍ଷେପ ସ୍ୱରୂପ ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପ ପ୍ରତି ଗୁରୁତ୍ୱ ଦିଆଯାଇଛି। ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନ୍‌ଓଡିଏଲ୍ ଲକ୍ଷ୍ୟ ରଖିଥିବା ବେଳେ ଉପଭୋକ୍ତା, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି କମ୍ପାନି ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ମୌସୁମୀ ଋତୁରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାଗୁଡ଼ିକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା ମଧ୍ୟ କରାଯାଇଛି। ଏହା ଦ୍ୱାରା ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହି ପାରିବ। ଜଳମଗ୍ନ କିମ୍ବା ମିଟର କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍ ସୁଇଚକୁ ବନ୍ଦ କରିବା, ଓ୍ୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ତାହା ପରୀକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍‌ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନ କରିବାକୁ ମଧ୍ୟ କୁହାଯାଇଛି। ମୌସୁମୀ ଋତୁରେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଲାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି; ତେବେ ତାକୁ ସ୍ପର୍ଶ ନ କରି ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ସେହିପରି ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ସହିତ ଯେକୌଣସି ପ୍ରକାର ଅଭାବନୀୟ ଘଟଣାର ସୂଚନା ଦେବା ଲାଗି ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏହାର ଗ୍ରାହକ ସେବା କେନ୍ଦ୍ରରେ ବ୍ୟାପକ ଉନ୍ନତି ଅଣାଯାଇଛି। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ କୁହାଯାଇଛି। ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଗତ କିଛିବର୍ଷ ମଧ୍ୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି। ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ ମୌସୁମୀ ଋତୁରେ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି। ଅପରେସନାଲ ସାମର୍ଥ୍ୟକୁ ବୃଦ୍ଧି କରିବା ସହିତ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଅଧିକ ସମ୍ବଳ ନିୟୋଜିତ କରିବା ଦିଗରେ ମଧ୍ୟ ଟିପିଏନଓଡିଏଲ ପଦକ୍ଷେପ ନେଇଛି।

## ନାଳରେ ବୁଡ଼ି ଯୁବକ ମୃତ

**କେନ୍ଦୁଝର,୧୫ ।୭(ସମିସ):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବରଦପାଳ ପଞ୍ଚାୟତ ତଳକମ୍ପଡିହି ଗାଁ ନିକଟ ବେତଝରୀ ନାଳରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଚଷା ଦେହୁରୀ(୪୩)। ସେ ଗତକାଲିଠାରୁ ନାଳକୁ ଗାଧୋଇବାକୁ ଯାଇ ଆଉଫେରି ନଥିଲେ। ମଙ୍ଗଳବାର ତାଙ୍କ ଶବ ପାଣିରେ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଏସଆଇ ପ୍ରବୋଧଚନ୍ଦ୍ର ମହାନ୍ତି ଘଟଣାସ୍ଥଳରେ ଶବ ଜବତ କରି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଗିରଫ



**ବଡବିଲ,୧୫ ।୭(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ରୁଙ୍ଗଟା କଲୋନୀର ଇ-୩/୬ଇ ନଂ ଘର ମାଲିକ ନୀଳପ୍ରସାଦ ଶର୍ମାଙ୍କୁ ପତ୍ନୀ ହତ୍ୟା ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପତ୍ନୀ ନିର୍ମଳା ଶର୍ମା (୪୧ ବର୍ଷ)ଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପାରିପାର୍ଶ୍ୱିକ ସ୍ଥିତି ଏବଂ ମୃତକଙ୍କ ଦେହରେ ଚିମୁଟା ଚିହ୍ନ ମାନ ଆଧାରରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ନୀଳପ୍ରସାଦ ହିଁ ହତ୍ୟାକାରୀ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେବା ପରେ ତାକୁ ପୁଲିସ କୋର୍ଟ ଚାଲାଣ କରିଛି। ସ୍ଥାନୀୟ ଅଦାଲତରେ ଅଭିଯୁକ୍ତର ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠା ଯାଇଛି। ଅଭିଯୁକ୍ତ ବଡବିଲ ସହର ୮ ନମ୍ବର ୱାର୍ଡ, ପିଏଚଡି କଲୋନୀର ମୂଳ ବାସିନ୍ଦା।

## ଫାଶୀ ଦେଇ ନାବାଳିକାଙ୍କ ଆତ୍ମହତ୍ୟା

**ମୋରଡ଼ା,୧୫।୭(ସମିସ):** ଚିତ୍ରଡା ଫାଣ୍ଡିଅଧୀନ ସମାଇଡ଼ିହି ପାରିଆଉଡା ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ଆତ୍ମହତ୍ୟ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ସୁବୋଧବେହେରାଙ୍କ ଝିଅମିଲିବେହେରା(୧୬) ପରିବାରଲୋକଙ୍କ ଅନୁପସ୍ଥିତିରେ ବେକରେ ଫାଶୀ ହୋଇ ଝୁଲିପଡିଥିଲେ। ପରେ ପରିବାର ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ବିଶୋଇ,୧୫।୭ (ସମିସ):** ବିଶୋଇ ପଞ୍ଚାୟତ ବଡ଼ସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ବାସ୍କେ (୭୧)ଙ୍କପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ନେଫ୍ରଟିକ ସିମଡ୍ରମ ରୋଗରେ ପୀଡିତ ଥିଲେ। ଗତକାଲି ସନ୍ଧ୍ୟା ସମୟରେ ବଡ଼ସାହି ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ୱାର୍ଡସଭ୍ୟ ଦିଲ୍ଲୀପ ମୁର୍ମୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶ୍ରୀ ବାସ୍କେ ୧୯୭୪ ମସିହାରେ କୋରାପୁଟ ଜିଲ୍ଲାରେ ନିଜର ଶିକ୍ଷକତା ଜୀବନୀ ଆରମ୍ଭ କରି ୨୦୧୨ ମସିହାରେ ବିଶୋଇ ବ୍ଲକ ଧାନା ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବିଶୋଇ ଗୁରୁକୁଳ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ସହିତ ବିଶୋଇ ଦିଶମ ଜାହେରରେ ମାଝୀ ବାବା ଥିଲେ। ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ, ପରୋପକାରୀ ଭାବେ ବେଶ ପରିଚିତ ଥିଲେ।

## ସିଆର୍‌ସିସି ନିଯୁକ୍ତିରେ ବିଳମ୍ବ ନେଇ ଅସନ୍ତୋଷ

**ଆନନ୍ଦପୁର, ୧୫।୭ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିଆରସିସି ନିଯୁକ୍ତିରେ ଅହେତୁକ ବିଳମ୍ବକୁ ନେଇ କାର୍ଯ୍ୟରତ ସିଆରସିସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସିଆରସିସି ନିଯୁକ୍ତି ପ୍ରକ୍ରିୟା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଚାଲିଛି ମାତ୍ର ତାହା ବିଳମ୍ବ ହେଉଥିବାରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି ହୋଇଛି। ଯେଉଁ ସିଆରସିସିଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି ସେମାନେ ଦାୟିତ୍ୱ ହସ୍ତାନ୍ତର ପାଇଁ ବିଆରସିସିଙ୍କୁ ବାରମ୍ବାର ଅନୁରୋଧ କରିଆସୁଥିଲେ ମଧ ପରବର୍ତ୍ତୀ ସିଆରସିସି ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବାକୁ ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଉଥିବା ଚିନ୍ତାର କାରଣ ହୋଇଛି। ସରକାରୀ କାର୍ଯ୍ୟରେ ଅବହେଳା ନକରି ବିଭିନ୍ନ ସର୍ଭେ, ପ୍ରଶିକ୍ଷଣ ନିମନ୍ତେ କେନ୍ଦୁଝର ଗସ୍ତ, ପୁସ୍ତକ ବଣ୍ଟନ, ବିଦ୍ୟାଳୟର ପଟ୍ଟା ପ୍ରସ୍ତୁତି, ବିଦ୍ୟାଳୟ ସର୍ବେକ୍ଷଣ ଆଦି ଗୁରତ୍ୱପୂର୍ଣ୍ଣ କାର୍ଯ୍ୟକୁ କରିଆସୁଛନ୍ତି। ସେହିପରି ସିଆରସିସିଙ୍କୁ ଏକାଧିକ କ୍ଲଷ୍ଟର ଦାୟିତ୍ୱ ଦିଆଯାଇଥିବା ଯୋଗୁଁ ସିଆରସିସିମାନେ ମଧ ଅଧିକ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରୁ କରୁଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।

## ଗଳିତ ହାତୀର ହେଲା ବ୍ୟବଚ୍ଛେଦ

**ତେଲକୋଇ, ୧୫।୭(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବାରହା ଦେବତା ଫରେଷ୍ଟ ବିଟ ସକେଇକେନା ସଂରକ୍ଷିତ ଜଙ୍ଗଲରୁ ଗତ ସୋମବାର ଏକ ହାତୀର ଗଳିତ ମୃତଦେହ ଉଦ୍ଧାର ପରେ ଆଜି ବନ ବିଭାଗ ପକ୍ଷରୁ ହାତୀର ବ୍ୟବଚ୍ଛେଦ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମୃତ ହାତୀଟି ଦନ୍ତା ହାତୀ ହୋଇଥିବା ବେଳେ ବୟସ ପାଖାପାଖି ୧୦ ହେବ। ହାତୀ ଦାନ୍ତକୁ କେହି ଗାଏବ କରି ନେଇଥିବା ବନ ବିଭାଗ ସ୍ୱୀକାର କରିଛି। ଅନ୍ୟପଟେ ସ୍ଥାନୀୟ ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ଏହି ଘଟଣା ଘଟିଥିବା ବନଖଣ୍ଡ ଅଧିକାରୀ ସ୍ୱୀକାର କରିଛନ୍ତି। ଦୁଇ ଦିନ ମଧ୍ୟରେ ଏହାର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ଦେଇଛନ୍ତି। ଜନବସତିଠାରୁ ମାତ୍ର ୮ ଶହ ମିଟର ଦୂରରେ ହାତୀ ମୃତ୍ୟୁବରଣ କରି ଶଢି ଯାଇଛି।

ବାରିପଦା ସହର ୩ଟି ମହାନାଳର ହେବ ପୁନରୁଦ୍ଧାର

# ନଗରପାଳ, ଅଧିକାରୀ ଓ କାଉନସିଲରଙ୍କ ସ୍ଥିତି ଅନୁଧ୍ୟାନ

**ବାରିପଦା, ୧୫ ।୭(ସମିସ)**



ବାରିପଦା ସହରର କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ବାରିପଦା ପୌରପାଳିକା ଅଣ୍ଟା ଭିଡିଛି। ସହର ମଧ୍ୟରେ ପ୍ରବାହିତ ୩ଟି ମହାନାଳକୁ ଜବରଦଖଲ ମୁକ୍ତ କରି ପୁନରୁଦ୍ଧାର କରିବା ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସହ ଅଧିକାରୀ ଓ କାଉନସିଲରଙ୍କ ଏକ ଟିମ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜରାଳି, ସରାଳି ଓ ଶୁକଯୋଡ଼ା ମହାନାଳରେ ଗତ କିଛି ବର୍ଷ ହେବ ବର୍ଷା ଦିନେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିବାରେ ଲାଗିଛି। ପ୍ରବଳ ବର୍ଷା ହେଲେ ଉକ୍ତ ମହାନାଳର ପାଣି ଫୁଲିବା ସହ ବାରିପଦା ସହର ବିଭିନ୍ନ ୱାର୍ଡ ମଧ୍ୟକୁ ପ୍ରବେଶ କରୁଛି; ଯାହାକି ଲୋକଙ୍କ ଅନେକ ସମସ୍ୟାର କାରଣ ସାଜିଛି। ଉକ୍ତ ୩ଟି ମହାନାଳ ଶଯ୍ୟା କ୍ରମାଗତ ଭାବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଗତ ୨୦୧୩ମସିହା ଫାଇଲିନ ପରଠାରୁ ଉକ୍ତ ନଦୀଗୁଡିକର ପୁନରୁଦ୍ଧାର ହୋଇନାହିଁ। ପୁନରୁଦ୍ଧାର ଅଭାବରୁ ଗଛ, ମାଟି, ଅଳିଆ ଆବର୍ଜନାରେ ପୋତି ହୋଇ ସଙ୍କୁଚିତ ହୋଇଗଲାଣି। ମହାନାଳ ଉପରେ ଥିବା ପୋଲ କଲର୍ଭଟଗୁଡିକ ଅବରୋଧ ଯୋଗୁଁ ସହର ବନ୍ୟା ଜଳ ଠିକଭାବେ ନିଷ୍କାସନ ନ ହୋଇ ସହରବାସୀଙ୍କୁ ଜଳବନ୍ଦୀ ଭଳି ସମସ୍ୟାର କାରଣ ସାଜିଛି। ଅନବନା ଗଛ ଲଟା କଟା, ଅଳିଆ ଆବର୍ଜନା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନହେବା ଏବଂ ଜବରଦଖଲ ଉଚ୍ଛେଦ ନହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏହି ମହାନାଳଗୁଡିକର ଧୀରେ ଧୀରେ ଜଳ ସ୍ରୋତକୁ ସଂକୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇ ସାରିଲେଣି। ବାରିପଦା ସହରବାସୀ ସମସ୍ୟାକୁ ଆଖି ଆଗରେ ରଖି ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୩ଟି ମହାନାଳରେ ବନ୍ୟ ଜଳ ନିଷ୍କାସନ କରିବା ପାଇଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ବାରିପଦା ପୌରପାଳିକା ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ପୌର ନିର୍ବାହୀ ଅଧିକାରୀ ତଥା ବାରିପଦା ତହସିଲଦାର ସପନ କୁମାର ସାହୁ, ମୟୂରଭଞ୍ଜ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, କାଉନସିଲର ରାଜ ଗୁପ୍ତା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ ପ୍ରମୁଖ ମହାନାଳ ପରିଦର୍ଶନ କରିଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଦୂର କରିବା ନିମନ୍ତେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଛାତ୍ରୀ ଅସଦାଚରଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଶୂନ

**ହାଟଡ଼ିହୀ, ୧୫।୭(ସମିସ):** ହାଟଡ଼ିହୀ ବ୍ଲକ ବ୍ରାହ୍ମଣୀକଳା ଠାକୁରାଣୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ କରାଇଦେବି ବୋଲି କହି ଦୁଷ୍କର୍ମ ଉଦ୍ୟମ କରିବା ଘଟଣା ଦେଢ଼ ମାସ ବିତିଯାଇଥିଲେ ବି ଅଭିଯୁକ୍ତ ପ୍ରଧାନଶିକ୍ଷକ ଗିରଫ ହୋଇ ନାହାନ୍ତି। ଶିକ୍ଷାବିଭାଗ ମଧ ଏନେଇ କୌଣସି ତଦନ୍ତ କରିନି। ତେଣୁ ଘଟଣାକୁ ଚାପିଦେବାକୁ କେଉଁଠି ନା କେଉଁଠି ଉଦ୍ୟମ ଚାଲିଥିବା ଆଲୋଚନା ହେଉଛି। ଛାତ୍ରୀ ଜଣକ ଅନେକ ଦିନ ପରେ ଗତ ୬-୭ଦିନ ହେଲା ସ୍କୁଲକୁ ଯାଉଛନ୍ତି। ଥାନାରେ ଅଭିଯୋଗ ହେବା ଦିନଠାରୁ ଅଭିଯୁକ୍ତ ପ୍ରଧାନଶିକ୍ଷକ ଜଣକ ଫେରାର ହୋଇଯାଇଥିବା ପୁଲିସ କହୁଛି। ଏହା ଏକ ସମ୍ବେଦନଶୀଳ ଘଟଣା ହେଇଥିଲେ ବି ପୁଲିସ ଗୁରୁତର ସହ ନେଇ ନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ଜୁନ ମାସରେ ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ ଛୁଟି ଖୋଲିବା ପରେ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି କହିଥିବା ବେଳେ ଆଜି ପର୍ଯ୍ୟନ୍ତ ତଦନ୍ତ ହେଲାନି। ଆଜି ଏସମ୍ପର୍କରେ ପଚାରିବାରୁ ଆସନ୍ତାକାଲି ତଦନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ନନ୍ଦିପଦା ଥାନା ବ୍ରାହ୍ମଣୀକଳାସ୍ଥିତ ଉକ୍ତ ବିଦ୍ୟାଳୟ ପରିସରରେ ୨ଜଣ ଶିକ୍ଷକ ଛୁଟିଦିନରେ କିଛି ଛାତ୍ରଛାତ୍ରୀଙ୍କୁ କୋଚିଂ ଦେଉଥିଲେ। ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଗତ ମେ ମାସ ୨୪ ତାରିଖ କୋଚିଂ ପାଇଁ ଯାଇଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗିରଥୀ କବି ଛାତ୍ରୀ ଜଣକୁ ପାଣି ଆଣିବାକୁ ଡାକିଥିଲେ। ଛାତ୍ରୀ ଜଣକ ଅଫିସ୍ ରୁମକୁ ପାଣି ନେଇଯିବା ପରେ ପ୍ରଧାନଶିକ୍ଷକ ଜଣକ ତାକୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲା। ପରେ ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ ଆଧାରରେ ୧୪୬/୨୦୨୫ରେ ମାମଲା ରୁଜୁ ହୋଇଛି। ଏହାପରେ ବି ନା ଶିକ୍ଷା ବିଭାଗ ନା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଉକ୍ତ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଖେଳାଳିଙ୍କ ସଫଳତା

**ବାରିପଦା,୧୫ ।୭(ସମିସ):** ଉତ୍ତରାଖଣ୍ଡର ଡେରାଡୁନରେ ଆୟୋଜିତ ଜୁନିୟର ନ୍ୟାସନାଲ ରଗବୀ ୭ସ୍ ଚାମ୍ପିଅନସିପ ୨୦୨୫ରେ ଓଡ଼ିଶାର ଜୁନିୟର ବାଳକ ଦଳ ରୌପ୍ୟ ପଦକ ହାସଲ କରିଛି। ଏହି ଜାତୀୟ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଜିଲ୍ଲାରୁ ୩ ଖେଳାଳି ଓଡ଼ିଶା ଦଳରୁ ଖେଳିଥିଲେ। ଖେଳାଳିମାନେ ହେଲେ ରାଇରଙ୍ଗପୁର ବ୍ଲକର ସୁବାସ ହାଁସଦା, ଶାମାଖୁଣ୍ଟା ବ୍ଲକର ଶିବା ସୋରେନ ଏବଂ ଖୁଣ୍ଟା ବ୍ଲକର ମଣ୍ଟୁ ଟୁଡୁ। ବାଳକ ଦଳ ୧୫-୧୭ ସ୍କୋରରେ ବିହାରଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ (ଏମଡିଆରଏଫଏ)ର ଆମ୍ବାସଡର୍ ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ଉପସଭାପତି ଦିଲ୍ଲୀପ କୁମାର ମୁର୍ମୁ, ସମ୍ପାଦକ ଜେ. ସୁଶୀଲ ହେମ୍ବ୍ରମ ଏବଂ ମୁଖ୍ୟ ପରାମର୍ଶଦାତା ବାବା ଧଳାରାମ ହାଁସଦା ସମେତ ସମସ୍ତ ଏମଡିଆରଏଫଏ ସଦସ୍ୟ ଓ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡିଶା ରାଜ୍ୟ ଜୁନିୟର ଟିମକୁ ମଧ ଅଭିନନ୍ଦନ ଜଣାଇଛନ୍ତି। ଏମଡିଆରଏଫଏର ସଭାପତି ସୁନାରାମ କିସ୍କୁ କହିଛନ୍ତି, ଯେ, ଆମର ଖେଳାଳିମାନେ ଅତ୍ୟନ୍ତ ନିଷ୍ଠା ଓ ପରିଶ୍ରମ ସହ ଏହି ସଫଳତା ହାସଲ କରିଛନ୍ତି। ଏହା ମୟୂରଭଞ୍ଜ ଜିଲ୍ଲାରେ ରଗବୀର ଭବିଷ୍ୟତକୁ ଆହୁରି ଉଜ୍ଜ୍ୱଳ କରିବ। ଏହି ସଫଳତା ଜିଲ୍ଲାରେ ରଗବୀ ଖେଳକୁ ଆହୁରି ପ୍ରୋତ୍ସାହନ ଦେବ ଏବଂ ଆଗାମୀ ଦିନରେ ଅଧିକ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବ ବୋଲି ଆସୋସିଏସନ ଆଶା ରଖିଛି।




## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିକଲା ଶରତ ବିକାଶ ମଞ୍ଚ

**ଶରତ, ୧୫ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଶରତ ଅଞ୍ଚଳ ସବୁଠାରୁ ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଶରତ ବିକାଶ ମଞ୍ଚର ସଦସ୍ୟମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୦୧୯ ମସିହାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶରତ ଅଞ୍ଚଳର ଦେୱାନବାହାଳୀ ଗ୍ରାମରେ ଏକ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଚିଠି କରିଥିଲେ। କପ୍ତିପଦା ବ୍ଲକ ନିମନ୍ତେ ୨ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଚିଠି କରାଯାଇଥିଲା। ସେଥିରୁ ଗୋଟିଏ କପ୍ତିପଦାରେ ସ୍ଥାପନ ହୋଇଛି। ତେବେ ଶରତ (ଦେୱାନବାହାଳୀ) ନିମନ୍ତେ ଅନୁମୋଦିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ତତ୍କାଳୀନ କେନ୍ଦ୍ରୀୟ ଆଦିବାସୀ ବ୍ୟାପାର ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଉଦ୍ଦେଶ୍ୟମୂଳକ ଭାବେ ଉକ୍ତ ବିଦ୍ୟାଳୟକୁ ଗୋପବନ୍ଧୁନଗର-୨ ବ୍ଲକକୁ ସ୍ଥାନାନ୍ତର କରି ନେଇଥିଲେ। ଏବେ ସେଠାରେ ନିର୍ମାଣ ଚାଲିଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ଦ୍ଦିଷ୍ଟ ଭାବେ ଶରତ (ଦେୱାନବାହାଳୀ) ନିମନ୍ତେ ଅନୁମୋଦିତ ହୋଇଥିବା ପ୍ରକଳ୍ପକୁ କେଉଁ ଉଦ୍ଦେଶ୍ୟରେ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ଟୁଡୁ ସ୍ଥାନାନ୍ତର କଲେ ସେ ନେଇ ଅଞ୍ଚଳବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି। ଶରତ ଅଞ୍ଚଳର ଆଦିବାସୀଙ୍କ ସାମାଜିକ ଏବଂ ଶିକ୍ଷାଗତ ଜୀବନରେ ଉନ୍ନତି ଆଣିବା ନିମନ୍ତେ ଏକ ସିବିଏସଇ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମଞ୍ଚର ସଦସ୍ୟମାନେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଯାଇଥିବା ବେଳେ ସେଠାରେ ଉଦଳା ବିଧାୟକ ଭାସ୍କର ମଢେଇ ମଧ ଉପସ୍ଥିତ ଥିଲେ। ତେଣୁ ସେମାନେ ତାଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି। ଉଦଳା ବାର ଆସୋସିଏସନର ଆଇନଜୀବୀ କମଳାକାନ୍ତ ମହାନ୍ତି, ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ସମାଜସେବୀ ବାଗୁନ ବାନାରା, ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

## ହତ୍ୟା ମାମଲାରେ ଜଣେ ଗିରଫ, ବାଇକ୍ ଜବତ



**ରାମଚନ୍ଦ୍ରପୁର,୧୫ ।୭(ସମିସ):** ଆନନ୍ଦପୁର ଥାନା ଗୟଳମୁଣ୍ଡା ପଞ୍ଚାୟତ କନ୍ତଲା ଗାଁର ନାରାୟଣ ମୁର୍ମୁଙ୍କ ହତ୍ୟା ଘଟଣାରେ ପୁଲିସ ଖାଲିଆମେଣ୍ଟା ପଞ୍ଚାୟତ ଗୋପାଳପୁରଗ୍ରାମରଧନମୁର୍ମୁ(୨୨)ଙ୍କୁ ଗିରଫ କରିବା ସହ ଏକ ବାଇକକୁ ଜବତ କରିଛି। ଗିରଫ ଯୁବକଙ୍କୁ ଅଧିକ ପଚରାଉଚରା କରିବା ପରେ ନାରାୟଣ ବାଇକ ପଛରୁ ଖସି ପଡିଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ସେପଟେ ବାଇକ ଚାଳକ ଧନକୁ ଗତ କାଲି କୋର୍ଟ ଚାଲାଣ କରାଯାଇଛି। ୨ ଜଣ ଯୁବକ ତାଙ୍କୁ ଘସିପୁରାରେ ଛାଡ଼ିଦେବେ କହି ବାଇକରେ ଯାଜପୁରରୁ ଆଣିଥିଲେ। ସନ୍ଧ୍ୟା ସାଢେ ୭ଟା ସମୟରେ ରାମଚନ୍ଦ୍ରପୁର ଥାନା ଜରଦା ଓଭରବ୍ରିଜ ନିକଟରୁ ରକ୍ତାକ୍ତ ମୃତଦେହକୁ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକେ। ୨ ଯୁବକଙ୍କ ନାଁରେ ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତ ଯୁବକଙ୍କ ପରିବାର ଲୋକେ।

## କୁସେଇ ନଦୀରେ ଜଣେ ନିଖୋଜ

**ରାମଚନ୍ଦ୍ରପୁର,୧୫ ।୭(ସମିସ):** ରେମାଳ ଡ୍ୟାମର ଦ୍ୱିତୀୟ ସ୍ଲୁଇସ ଗେଟ୍ ଖୋଲିବା ପରେ ଅଚାନକ କୁସେଇ ନଦୀରେ ବନ୍ୟା ପାଣି ଆସିଯିବାରୁ ରାମଚନ୍ଦ୍ରପୁର ଥାନା ସିଆପଡା ଗାଁ ନିକଟରେ ଭାସିଗଲେ ଜଣେ ଘୁସୁରୀ ଚରାଳି। ଖବର ପାଇ ଘସିପୁରା ଦମକଳ ବାହିନୀ କର୍ମଚାରୀ ଅନେକ ଖୋଜାଖୋଜି ପରେ ମଧ ଘୁସୁରୀ ଚରାଳିଙ୍କ କୌଣସି ଖୋଜ ଖବର ପାଇପାରି ନାହାନ୍ତି। ସ୍ଥାନୀୟ ବାମ୍ପିଡି ଗୋଡିସାହୀର ଘୁସୁରୀ ଚରାଳି ଅନାମୀ ନାଇକ(୫୦) କୁସେଇ ନଦୀ କୂଳରେ ଘୁଷୁରୀ ଚରାଉଥିବା ବେଳେ ଅଚାନକ ରେମାଳ ଡ୍ୟାମର ପାଣି କୁସେଇ ନଦୀରେ ଆସିବାରୁ ମହିଳା ଜଣଙ୍କ ନଦୀର ପ୍ରଖର ସୁଅରେ ଭାସି ଯାଇଥିବା ସୂଚନା ମିଳିଛି।

## ପ୍ରଧାନ ଶିକ୍ଷକଙ୍କ ବିଦାୟୀ ସମ୍ବର୍ଦ୍ଧନା ସଭା



**ବେତନଟୀ,୧୫।୭(ସମିସ):** ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଆଲୁମିନୀ ସଭାପତି ଡ. ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭୀମଚରଣ ମହାନ୍ତ ଏବଂ ମୁଖ୍ୟବକ୍ତା ଭାବରେ ଉଗ୍ରେସନ ମଇ ବିଦ୍ୟାଳୟ ମହୁଲିଆର ଭାରପ୍ରାପ୍ତ ଶିକ୍ଷକ ଶ୍ୟାମପ୍ରସାଦ ମଧୁଆଳ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଗନ୍ତାୟତଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ସେ ଜଣେ ସମୟାନୁବର୍ତ୍ତି, କର୍ତ୍ତବ୍ୟ ନିଷ୍ଠ, ମିଷ୍ଟଭାଷୀ, ଛାତ୍ରବାଳ ଶିକ୍ଷକ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

# ନ୍ୟାୟ ଦାବିରେ ଯୁବ-ଛାତ୍ର କଂଗ୍ରେସର ବିକ୍ଷୋଭ

**କେନ୍ଦୁଝର, ୧୫।୭(ସମିସ)**




ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ରାତାରାତି ଶବ ବ୍ୟବଚ୍ଛେଦ କରି ବିଜେପି ନେତାଙ୍କ ଉପସ୍ଥିତିରେ ମେଡିକାଲ ପଛ ଗେଟରେ ପୁଲିସ ସୁରକ୍ଷାରେ ଶବକୁ ବାହାର କରିଥିଲେ। ଗୋଟେ ନିରୀହ ଝିଅର ଜୀବନ ଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟ ଥିଲେ ମଧ ନିଜ ଉପରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ଅଧିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ସୁଦ୍ଧା ବିଫଳ ହୋଇଥିଲେ। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସୁଦ୍ଧା ହୋଇ ନଥିବାରୁ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଥିଲେ। ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ସହାୟତା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

● ବନ୍ୟା ତତ୍ପରତା

# ଆନନ୍ଦପୁରରେ ପହଞ୍ଚିଲେ ଦୁଇ ଓଡ୍ରାଫ୍ ଟିମ୍

**ଆନନ୍ଦପୁର, ୧୫।୭ (ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ଜୁନ ୨୮ ତାରିଖରୁ ଝିପି ଝିପି ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ନଦୀ ଫୁଲି ରହୁଥିବାରୁ ବନ୍ୟା ଆଶଙ୍କା ଅନୁମାନ ହୋଇଛି। ଏହାକୁ ମୁକାବିଲା କରିବା ପାଇଁ ଆନନ୍ଦପୁର ପ୍ରଶାସନ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ହାଟଡିହି ବ୍ଲକର ହାବଳେଶ୍ୱର ଆମ୍ବୋ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁଇଟି ଓଡ୍ରାଫ ଟିମ ପହଞ୍ଚିବା ପରେ ଆନନ୍ଦପୁର ଓ ହାଟଡିହିଠାରେ ଅବସ୍ଥାପିତ କରାଯାଇଛ। ଜଳଧାରଣର ଆନୁପାତିକ ହାରକୁ କଳନା କରାଯାଇ ଆନନ୍ଦପୁର ବ୍ୟାରେଜ ଗେଟ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ବନ୍ୟା ଜଳ ଆସିବା ପରେ ନଦୀକୂଳବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ପଞ୍ଚୁପଲି ନିକଟରେ ନଦୀବନ୍ଧରେ ନିର୍ମାଣାଧୀନ ସ୍ଲୁଇସ ଅଧପନ୍ତରିଆ ଭାବେ ପଡିରହିଥିବାରୁ ବନ୍ୟା ଜଳ ପ୍ରତିବର୍ଷ ବ୍ୟାପକ କ୍ଷୟକ୍ଷତି ଓ ଫସଲ ହାନି କରୁଛି। ଜଳସମ୍ପଦ ବିଭାଗ ଏହି ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ ନିରବ ଦ୍ରଷ୍ଟା ସାଜିଛି।



# କାନ୍ଥ ଭୁଶୁଡ଼ି ୨ ମହିଳା ମୃତ

ରାଉରକେଲା/କୋଇଡା,୧୫।୭(ସମିସ): ବଣାଇଁ ଉପଖଣ୍ଡ କୋଇଡ଼ା ବ୍ଲକ୍‌ର ପୃଥକ ପୃଥକ ଦୁଇଟି ସ୍ଥାନରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। କୋଇଡା ବ୍ଲକ୍ କାଲଟା ଫାଣ୍ଡି ଲୋହାରତୋଡା ଗାଁରେ ଘରେ ଶୋଇଥିବା ବେଳେ ଘରର ମାଟି କାନ୍ଥ ପଡ଼ିଯିବାରୁ ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ୭୦ ବର୍ଷୀୟା ବନଦୁଇ ବାଗେ। ସେହିପରି କୋଇଡା ବ୍ଲକ୍‌ର ମୋଟୁହନୁମାନ ଗ୍ରାମରେ ବର୍ଷା ଯୋଗୁଁ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମୋଟୁହନୁମାନ ଗ୍ରାମର ଦମାଣି ସେଠ୍। ଦମାଣି ଶୋଇଥିବା ବେଳେ ବର୍ଷାରେ ଭିଜିଥିବା ଘରର ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ କାନ୍ଥରେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଛି। ଦୁଇ ଦିନ ହେଲା କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ମାଟି ଘର ଗୁଡ଼ିକ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଲଟା ଫାଣ୍ଡି ପୁଲିସ ମୃତା ଦୁଇ ମହିଳାଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତା ମହିଳାଙ୍କ ପରିବାର ବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ସାଧାରଣରେ ଦାବି ହୋଇଛି।

# ଜମିବାଡ଼ି ବିବାଦରୁ ଭାଇକୁ ହତ୍ୟା

ଧର୍ମଗଡ଼,୧୫।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ଥାନା ମହାଲିଙ୍ଗରେ ମଙ୍ଗଳବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦକୁ ନେଇ ନିଜ ଭାଇକୁ ହତ୍ୟା କରିଛି ଭାଇ। ମୃତକ ହେଲେ ଗୋକୁଳ କେତକୀ (୪୫)। ସକାଳୁ ସକାଳୁ ସେ ନିଜ ଚାଷ ଜମିକୁ ଯାଇଥିଲାବେଳେ ଏହି ଘଟଣା ଘଟିଥିଲା। ତାଙ୍କ ନିଜ ଭାଇ ଚିତ୍ରସେନ କେତକୀ ସେଠାରେ ପହଞ୍ଚି ଜମିବାଡି ବିବାଦରୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ କେଗାଁ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳକୁ ପଠାଇଥିଲା। ଏହାସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛି। ଏହି ହତ୍ୟା ଘଟଣାରେ ଆଉ ଜଣେ ଭାଇ ମଧ୍ୟ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

## ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିବ

# ମାଗଣା ମହାପ୍ରସାଦ ବଣ୍ଟନ କେବେ?



ପୁରୀ,୧୫।୭(ସମିସ): କେବେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ? ଗତବର୍ଷ ଅଗଷ୍ଟ ମାସରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରଦ୍ଧାଳୁଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ଏବେ ବର୍ଷେ ପୂରିବାକୁ ଯାଉଛି। ହେଲେ ଏଯାଏଁ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହେଲାନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ ସେ ନେଇ ସ୍ୱତନ୍ତ୍ର ଭାବେ ବୈଠକ ବସିନାହିଁ କିମ୍ବା ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇ ନ ଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛାଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନ ଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନ ପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୮ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଗତବର୍ଷ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଅଗଷ୍ଟ ମାସରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନ ମନ୍ତ୍ରୀ। ହେଲେ ମନ୍ତ୍ରୀ କଥା ଦେଇଥିବା କାର୍ତ୍ତିକ ଯାଇ ଆଉ ଗୋଟିଏ କାର୍ତ୍ତିକ ମାସ ଆସିବାକୁ ବସିଛି। ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି। ଭକ୍ତଙ୍କୁ କେତେ ପରିମାଣରେ କେମିତି ବଣ୍ଟାଯିବ। କୁଡୁଆରେ ଦେବା ପାଇଁ ମଝିରେ କଥା ଉଠିଥିଲା। ତାହା କିପରି ଦିଆଯିବ କିଛି ସ୍ପଷ୍ଟ କରାଯାଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନାହିଁ। ପୁରୁଣା କମିଟିର କାର୍ଯ୍ୟକାଳ ପ୍ରାୟ ୧୦ ମାସ ହେଲା ପୂରିଗଲାଣି। ନୂଆ କମିଟି କେବେ ଗଠନ କରାଯିବ ସେ ନେଇ କୌଣସି ସ୍ପଷ୍ଟତା ନାହିଁ। ଏଭଳି ସ୍ଥିତିରେ ମନ୍ତ୍ରୀଙ୍କ ଘୋଷଣା କେବେଠାରୁ କାର୍ଯ୍ୟକାରୀ ହେବ ତାକୁ ନେଇ ସନ୍ଦେହ ଦେଖାଦେଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଭକ୍ତ ବାବୁଲି ମହାନ୍ତି କହିଛନ୍ତି, କେବଳ ଘୋଷଣା କରିଦେଲେ ହେବନାହିଁ, ଏହା କିପରି ବାସ୍ତବତାର ରୂପ ନେବ ସେ ଦିଗରେ ପଦକ୍ଷେପ ନେବା ଦରକାର।

# ମାଟି ତଳୁ ମାଓ ଡମ୍ପ୍ ଠାବ

ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲା ପୁଲିସ ଏବଂ ସିଆରପିଏଫ ୧୮୫ ବାଟାଲିୟନର ମିଳିତ ମାଓ ଦମନ ଅଭିଯାନ ବେଳେ ବଡ଼ ସଫଳତା ମିଳିଛି। ନକ୍ସଲମାନେ ମାଟି ତଳେ ଲୁଚାଇ ରଖିଥିବା ମାଓ ଡମ୍ପ୍ ଠାବ ହୋଇଛି। ସର୍ଚ୍ଚ ଅପରେସନରେ ୪ଟି ଭରମାର ବନ୍ଧୁକ ଜବତ କରିଛନ୍ତି ସୁରକ୍ଷାବାହିନୀ। ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳର ପୁରସମ୍ପାରା ଜଙ୍ଗଲରେ ମାଓବାଦୀ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଅଞ୍ଚଳରେ ତଲାସି ଅଭିଯାନ କରଯାଇଥିଲା।

# ଦୁଇ ଶିକ୍ଷକଙ୍କୁ ଗଳାକାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୫।୭(ସମିସ): ସହିଦ ସପ୍ତାହ ପୂର୍ବରୁ ମାତିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ଦୁଇ ଜଣ ପାରା ଶିକ୍ଷକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଲାଲ୍ ବାହିନୀ।

ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ପିଲୁର ଗାଁ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ମାନେ ଜଣଙ୍କୁ ହତ୍ୟା କରିଥିବା ବେଳେ ଟେକାମେଟା ଗାଁ ନିକଟରେ ଅନ୍ୟ ଜଣଙ୍କୁ ହତ୍ୟା କରିଛନ୍ତି। ଏହି ଦୁଇ ମୃତକ ପାରା ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣଙ୍କ ପରିଚୟ ମିଳି ପାରିଛି। ପରିଚୟ ମିଳିଥିବା ମୃତକଙ୍କ ନାମ ବିନୋଦ ମାଡେ। ପୁଲିସ ଇନ୍‌ଫର୍ମର ସନ୍ଦେହରେ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିବା ହାତ ଲେଖା ପୋଷ୍ଟରରେ ଉଲ୍ଲେଖ ରହିଛି। ଘଟଣା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

# ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର,୧୫।୭(ସମିସ): ନିଖୋଜ ଯୁବତୀଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହେଇଛି। ନବରଙ୍ଗପୁର ଜାନକି ନଗର ଅଞ୍ଚଳରେ ଘଟିଛି ଏହି ଘଟଣା। ସୁମନ ହରିଜନ ଗତ ୧୧ ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଗତକାଲି ଟାଉନ୍ ଥାନାରେ ଏତଲା ଦେଇଥିଲେ। ଆଜି ସକାଳେ ଜାନକୀ ନଗର ନିକଟସ୍ଥ ତୋଟାର ଏକ ଗଛରେ ତାଙ୍କର ଶବ ଝୁଲୁଥିବା ଦେଖି ନବରଙ୍ଗପୁର ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏହାପରେ ପୁଲିସ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଶବ ନିକଟରୁ ମୃତ ଯୁବତୀଙ୍କ ଫୋନକୁ ଉଦ୍ଧାର କରିଛି ପୁଲିସ। ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୨୫
- ପାଉଣ୍ଡ ୧୧୫.୦୬
- ୟୁରୋ ୧୦୦.୭୪
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୪୫୦ (ଭୁବନେଶ୍ୱର)
- ରୁପା : ୧,୧୭,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୫୭୦.୦୦
- ନିଫ୍ଟି ୨୫,୧୯୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଦେଶ ଛାଡ଼ିବେ ୩୫୦୦ ଅତି ଧନୀ

ନୂଆଦିଲ୍ଲୀ,୧୫।୭(ଏଜେନ୍ସି):

ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଦେଶର ପ୍ରଗତି କାହାଣୀ ବହୁତ ଆକର୍ଷଣୀୟ। ଗୋଟିଏ ପଟେ, ଦେଶରେ କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ୟପଟେ ଏହି ଅତି ଧନୀ ଲୋକମାନେ ଦେଶ ଛାଡି ଚାଲିଯାଉଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେଁ, ବରଂ ସାରା ବିଶ୍ୱରେ ଘଟୁଥିବା ପରିବର୍ତ୍ତନର ଏକ ଅଂଶ। ଧନୀମାନେ ଭାରତ ଛାଡିବାର ଅନେକ କାରଣ ଅଛି। ଏଠାରେ ଟିକସ ନିୟମକୁ ଆହୁରି କଠୋର କରାଯାଇଛି। ଏହାସହିତ, ଅନ୍ୟ ଦେଶରେ ରହିବାର ଆକର୍ଷଣୀୟ ପ୍ରସ୍ତାବ ମଧ୍ୟ ମିଳୁଛି ଧନୀଙ୍କୁ ପ୍ରଲୋଭିତ କରୁଛି। ଧନୀମାନଙ୍କ ପ୍ରବାସ ଏକ ବଡ଼ ସମସ୍ୟା। ଏହାକୁ 'ଗ୍ରେଟ୍ ଓ୍ୱେଲ୍ଥ ମାଇଗ୍ରେସନ୍' ମଧ୍ୟ କୁହାଯାଏ। ହେନଲି ପ୍ରାଇଭେଟ୍ ଓ୍ୱେଲ୍ଥ ମାଇଗ୍ରେସନ୍ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ସେହି ୫ ଟି ଦେଶ ମଧ୍ୟରେ ରହିଛି ଯେଉଁଠାରୁ, ପ୍ରତିବର୍ଷ ସର୍ବାଧିକ ସଂଖ୍ୟକ କୋଟିପତି ବିଦେଶକୁ ଚାଲିଯାଉଛନ୍ତି। ଏକ ଆକଳନ କରାଯାଇଛି ଯେ, ୨୦୨୫ରେ ପ୍ରାୟ ୩୫୦୦ ଭାରତୀୟ କୋଟିପତି ବା ଅତି ଧନୀ ଦେଶ ଛାଡିବେ। ଏହି ସଂଖ୍ୟା ୨୦୨୩ରେ ୫୧୦୦ ଏବଂ ୨୦୨୪ରେ ୪୩୦୦ ରହିଥିଲା, ବିଶ୍ୱରେ ସର୍ବାଧିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଲୋକମାନେ ନିଜ ସାଙ୍ଗରେ ପ୍ରାୟ ୨୬.୨ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ନେଇ ଚାଲିଯାଉଛନ୍ତି।

୨୦୨୫ରେ ବିଶ୍ୱର ୧,୪୨,୦୦୦ ଧନୀ ଲୋକ ସେମାନଙ୍କର ସ୍ଥାବାସନ ପରିବର୍ତ୍ତନ କରିବେ। ଏହା ଏ ପର୍ଯ୍ୟନ୍ତ ସର୍ବାଧିକ ସଂଖ୍ୟା। ଏମାନଙ୍କ ମଧ୍ୟରୁ ସର୍ବାଧିକ ୯୮୦୦ ଧନୀ ଲୋକ ୟୁଏଇ ଯାଉଛନ୍ତି। ଏହା ପଛକୁ ଆମେରିକା (୭୫୦୦) ଜଣ ଯାଉଛନ୍ତି। ବର୍ତ୍ତମାନ ସମୟରେ ୟୁଏଇ ଧନୀ ଲୋକଙ୍କ ପ୍ରିୟ ଗନ୍ତବ୍ୟସ୍ଥଳ ପାଲଟିଛି। ଏହି ଦେଶରେ ଆୟକର ଶୂନ୍ୟ, ନିବେଶକଙ୍କ ପାଇଁ ଭଲ ନିୟମ, ଉତ୍କୃଷ୍ଟ ଜୀବନଶୈଳୀ ଏବଂ ଦୀର୍ଘକାଳୀନ ଭିସା ବିକଳ୍ପ ମଧ୍ୟ ରହିଛି। ଭାରତ, ୟୁକେ, ରୁଷିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଆଫ୍ରିକାରୁ ଧନୀ ଲୋକମାନେ ଏଠାକୁ ଆସୁଛନ୍ତି। ଗୋଲ୍‌ଡେନ୍ ଭିସାର ଆକର୍ଷଣୀୟ ବିକଳ୍ପଗୁଡ଼ିକ ୟୁଏଇକୁ ବିଶ୍ୱର ସବୁଠାରୁ ପସନ୍ଦଯୋଗ୍ୟ, ଧନ ସ୍ୱର୍ଗରେ ପରିଣତ କରିଛି। ସାଉଦି ଆରବ ମଧ୍ୟ ଦ୍ରୁତ ଗତିରେ ଆଗକୁ ବଢୁଛି। ଆକଳନ କରାଯାଉଛି ଯେ ୨୦୨୫ରେ ୨୪୦୦ କୋଟିପତି ଏଠାକୁ ଆସି ବସବାସ କରିବେ। ଯଦିଓ ଧନୀ ଲୋକମାନେ ଭାରତ ଛାଡି ଯାଉଛନ୍ତି, ତଥାପି ଏଠାରେ କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୨୦୧୪ରୁ ୨୦୨୪ ମଧ୍ୟରେ ଭାରତୀୟ ଧନୀଙ୍କ ସଂଖ୍ୟା ୭୨% ବୃଦ୍ଧି ପାଇଛି। ଏହାର କାରଣ ହେଉଛି ଷ୍ଟାର୍ଟ-ଅପ୍, ସେୟାର ବଜାରରେ ଲାଭ ଏବଂ ପାରିବାରିକ ସମ୍ପତ୍ତିରେ ବୃଦ୍ଧି। ଏହା ସତ୍ତ୍ୱେ, ଟିକସ ନିୟମ, ସୁରକ୍ଷା ଚିନ୍ତା ଏବଂ ଏକ ଉନ୍ନତ ଜୀବନଶୈଳୀର ଇଚ୍ଛା ଲୋକଙ୍କୁ ଦେଶ ଛାଡିବାକୁ ବାଧ୍ୟ କରୁଛି। ଭାରତରୁ କୋଟିପତିଙ୍କ ପ୍ରସ୍ଥାନ ଏକ ଗମ୍ଭୀର ସମସ୍ୟା। ଏହା ଦେଶର ଅର୍ଥନୀତି ଏବଂ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ।




# ରୁପା କିଲୋ ଲକ୍ଷେ ସତର ହଜାର ଛୁଇଁଲା

ଭୁବନେଶ୍ୱର,୧୫।୭(ସମିସ): ସାମ୍ପ୍ରତିକ ସମୟରେ ଦେଶରେ ସୁନା ନୁହେଁ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ନିବେଶକଙ୍କ ଧ୍ୟାନ ହଳଦିଆରୁ 'ଧଳା ଧାତୁ' ଆଡ଼କୁ ଟାଣି ନେଇଛି। ଏମିତିକି ଘରୋଇ ବଜାରରେ ଇତି ମଧ୍ୟରେ ରୁପା ମୂଲ୍ୟ କିଲୋ ପିଛା ୧ ଲକ୍ଷ ୧୭ ହଜାର ଟଙ୍କାରେ ପହଞ୍ଚିଛି। କେବଳ ଘରୋଇ ବଜାର ପର୍ଯ୍ୟନ୍ତ ଏହା ସୀମିତ ନୁହେଁ। ତଥାପି, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ରୁପା ମୂଲ୍ୟ ପ୍ରାୟ ବିଗତ ୧୪ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଶିଳ୍ପ ସଂସ୍ଥାଗୁଡିକରେ ଚାହିଦାରେ ବୃଦ୍ଧି ଏବଂ ନିବେଶକମାନେ ଏହି ଧାତୁକୁ ଏକ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରୁଥିବାରୁ ଘରୋଇ ବଜାରରେ ସୁନା ମୂଲ୍ୟରେ ତୀବ୍ର ବେଗରେ ଏଭଳି ବୃଦ୍ଧି ଘଟୁଛି।




ମଙ୍ଗଳବାର ରାଜଧାନୀ ନୂଆଦିଲ୍ଲୀର ବୁଲିଅନ ବଜାରରେ ରୁପା ମୂଲ୍ୟ ବୃଦ୍ଧି ପାଇ କିଲୋ ପିଛା ୧,୧୫,୦୦୦ ଟଙ୍କାରେ ପହଞ୍ଚିଛି। ବିଶେଷକରି, ସୌରଶକ୍ତି ପ୍ୟାନେଲ, ଇଭି, ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ ଏବଂ ଅନ୍ୟାନ୍ୟ 'ସବୁଜ ପ୍ରଯୁକ୍ତିବିଦ୍ୟା'ରେ ରୁପାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭୁବନଶ୍ୱରରେ ଆଜି ରୁପା ମୂଲ୍ୟ କିଲୋ ପିଛା ୧ ଲକ୍ଷ ୧୭ ହଜାର ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୧,୪୫୦ ଟଙ୍କା ରହିଛି।

# କଳାହାଣ୍ଡି ଏବଂ ରାୟଗଡ଼ାର ୨୧ଟି ଗ୍ରାମକୁ ଆଲୋକିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୧୫।୭(ସମିସ): ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୨୧ଟି ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି। ଏହି ଷ୍ଟ୍ରିଟ୍ ଲାଇଟ୍ ପୂର୍ବରୁ ଆଲୋକ ନ ଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସିଓ୨ ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ ୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ନିର୍ଭରଯୋଗ୍ୟ, ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରିବ। ଏହା ବଜାର, ଗ୍ରାମ ପ୍ରବେଶ ପଥ, ବସ୍ ଷ୍ଟାଣ୍ଡ, ସମ୍ପ୍ରଦାୟ କେନ୍ଦ୍ର, ସ୍କୁଲ ଏବଂ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରି ଅଞ୍ଚଳରେ ୧୫୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟୀତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷା ବୃଦ୍ଧି, ଗତିଶୀଳତାରେ ଉନ୍ନତି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି ତାହା ଦେଖିବା ଉତ୍ସାହଜନକ।



# ଏଲଜି ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଟିଭି ଶୃଙ୍ଖଳା ଉନ୍ମୋଚିତ

ଭୁବନେଶ୍ୱର,୧୫।୭(ସମିସ): ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଆଜି ଏହାର ୨୦୨୫ ଓଏଲଇଡିଇଭୋ ଓ ଏନଇଡିଇଭୋ ଟିଭି ଶୃଙ୍ଖଳାର ବଜାର ପ୍ରବେଶ ଘୋଷଣା କରାଯାଇଛି। ଏହି ନୂତନ ଟେଲିଭିଜନଗୁଡିକ ଏଲଜିର ନୂଆ ଆଲ୍‌ଫା ଏଆଇ ପ୍ରୋସେସର ଜେନ୨ ଦ୍ୱାରା ପରିଚାଳିତ ଅଟେ ଯାହା ବ୍ୟକ୍ତିଗତ ଅନୁଭୂତି, ଉନ୍ନତ ପିକ୍‌ଚର, ସାଉଣ୍ଡ ଓ ସଂଯୋଗ ପ୍ରଦାନ କରୁଛି। ପରବର୍ତ୍ତୀ ସ୍ତରର ଏଆଇ କ୍ଷମତା ଓ ପୁରସ୍କାରପ୍ରାପ୍ତ ପିକ୍‌ଚର ଟେକ୍ନୋଲୋଜିର ଶୁଭାରମ୍ଭ ସହିତ ୨୦୨୫ ରେଞ୍ଜ ଏଲଜିର ଉଦ୍ଭାବନ ବିରାସତ ଉପରେ ନିର୍ମାଣ ହୋଇଛି। ୨୦୨୫ ଏଲଜି ଟିଭି ଶୃଙ୍ଖଳା ଏକ ବିସ୍ତୃତ ରେଞ୍ଜର ସ୍କ୍ରିନ ସାଇଜ ସମେତ ଅଲ୍‌ଟ୍ରା-ଲାର୍ଜ ମଡେଲରେ ଉପଲବ୍ଧ ହେବା ସହିତ ଏହି ଶୃଙ୍ଖଳାର ପ୍ରାରମ୍ଭିକ ମୂଲ୍ୟ ୭୪,୯୯୦ ଟଙ୍କା ଓ ସର୍ବାଧିକ ମୂଲ୍ୟ ୨୪,୯୯,୯୯୦ ଟଙ୍କା ରହିଥିବା ଏହି ଶୁଭାରମ୍ଭ ସମ୍ପର୍କରେ ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ମିଡିଆ ଏଣ୍ଟରଟେନମେଣ୍ଟ ସଲ୍ୟୁଶନ (ଏମଏସ)ର ନିର୍ଦ୍ଦେଶକ ବ୍ରିଆନ ଜୁଙ୍ଗ କହିଛନ୍ତି।


# ନଥିଙ୍ଗ ଫୋନ୍-୩, ନଥିଙ୍ଗ ହେଡଫୋନ୍-୧ ଭାରତରେ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଲଣ୍ଡନ-ସ୍ଥିତ ଟେକ୍ନୋଲୋଜି କମ୍ପାନୀ ନଥିଙ୍ଗ ଆଜି ଘୋଷଣା କରିଛି ଯେ ଦୁଇ ବର୍ଗ-ପରିଭାଷିତ ଉତ୍ପାଦ ଆଜି ଦିନ ୧୨ଟାରୁ ସାରା ଦେଶରେ କ୍ରୟ ପାଇଁ ଉପଲବ୍ଧ ହେବ। ନଥିଙ୍ଗ ଫୋନ୍ -୩, ଏହାର ପ୍ରଥମ ପ୍ରକୃତ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଏବଂ ନଥିଙ୍ଗ ହେଡଫୋନ୍ -୧ ଏହାର ପ୍ରଥମ ଓଭ-ର‌ଇଅର୍ ଅଡିଓ ଉତ୍ପାଦ। ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଉପଭୋକ୍ତାଙ୍କ ଟେକ୍ନୋଲୋଜୀକୁ ଡିଜାଇନ୍ କରିବା ପାଇଁ ନଥିଙ୍ଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଦୁଇଟି କନଫିଗ୍ୟୋରେସନ୍ ଭେରିଆଣ୍ଟ ସହିତ ଉପଲବ୍ଧ। ଏହା ୧୨ଜିବି + ୨୫୬ଜିବି - ୬୨,୯୯୯ ଟଙ୍କାରୁ ଆରମ୍ଭ ହୋଇଛି। ନଥିଙ୍ଗ ଫୋନ୍ (୩) ଏବେ ଜୁଲାଇ ୧୫ରୁ ଫ୍ଲିପକାର୍ଟ, ଫ୍ଲିପକାର୍ଟ ମିନିଟ୍ସ, ବିଜୟ ସେଲ୍ସ, କ୍ରୋମା ଏବଂ ସମସ୍ତ ପ୍ରମୁଖ ରିଟେଲ୍ ଷ୍ଟୋରଗୁଡ଼ିକରେ କ୍ରୟ ପାଇଁ ଉପଲବ୍ଧ।

# ଫ୍ଲିପ୍‌କାର୍ଟ ପକ୍ଷରୁ ଫୁଡ ଫେଷ୍ଟ ୨.୦

ନୂଆଦିଲ୍ଲୀ,୧୫।୭: ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ, ଫୁଡ୍ ଫେଷ୍ଟ ୨୦୨୫ର ୨ୟ ସଂସ୍କରଣ ସଫଳତାର ସହ ଆୟୋଜନ କରିଛି। ଯାହା ଭାରତର ବିକଶିତ ଖାଦ୍ୟ ସଂସ୍କୃତିର ଏକ ନିମଜ୍ଜିତ ଉତ୍ସବ। ଜୁଲାଇ ୮ ଓ ୯ରେ ବେଙ୍ଗାଲୁରୁସ୍ଥିତ ଫ୍ଲିପକାର୍ଟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଜୁଲାଇ ୫ରୁ ୧୦ ପର୍ଯ୍ୟନ୍ତ ଏହି ଫେଷ୍ଟର ଏକ କ୍ୟୁରେଟେଡ ସେଲ ଅନ୍‌ଲାଇନରେ ହୋଇଥିଲା। ଯେଉଁଠାରେ ସପରମାନେ ଗୋରମେଟ ଫୁଡ୍ କଲେକ୍ସନ, ନୂଆ ଲଞ୍ଚ ଓ ଶୀର୍ଷ ବ୍ରାଣ୍ଡଗୁଡିକରେ ସୀମିତ ଅବଧି ଅଫର ଉପଲବ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଶର କିଛି ଲୋକପ୍ରିୟ ସେଫ, ଶୀର୍ଷ କ୍ରିଏଟର, ଆଇକୋନିକ ବ୍ରାଣ୍ଡ ଓ ଦେଶବ୍ୟାପୀ ଖାଦ୍ୟପ୍ରେମୀଙ୍କୁ

# ଆରୋମା ମ୍ୟାଜିକ୍ ବର୍ତ୍ତମାନ ଏକ ନୂତନ ରୂପରେ



ଭୁବନେଶ୍ୱର,୧୫।୭(ସମିସ): ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ୍ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତ୍ତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ। ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ ବୋଲି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ଡ. ବ୍ଲୋସୋମ କୋଚର କହିଛନ୍ତି। ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ। ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଂଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର୍‌ର ୧୫ବର୍ଷ ପୂର୍ତ୍ତି




ଭୁବନେଶ୍ୱର,୧୫।୭(ସମିସ): ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଓଡ଼ିଶାରେ ଏହାର 'ଚନ୍ଦ୍ରଶେଖରପୁର ଷ୍ଟୋର'ର ୧୫ ବର୍ଷ ପୂର୍ତ୍ତି ପାଳନ କରୁଛି। ବହୁ ମୂଲ୍ୟବାନ ଗ୍ରାହକଙ୍କ ନିରନ୍ତର ସହଯୋଗ ଏବଂ ଆସ୍ଥା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ବାଣ୍ଡ ପକ୍ଷରୁ ସୁନା ଗହଣା ଏବଂ ହୀରା ଗହଣା ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କା ରିହାତି ଉପଲବ୍ଧ। ଏହାସହିତ ତନିସ୍କର ସୁନା ଏକ୍ସଚେଞ୍ଜ ପ୍ରୋଗ୍ରାମ୍ର ଅଂଶବିଶେଷ ବ୍ରାଣ୍ଡ ପକ୍ଷରୁ ଦେଶର ଯେକୌଣସି ଗହଣା ଷ୍ଟୋର୍‌ରୁ କିଣାଯାଇଥିବା ପୁରୁଣା ସୁନା ବଦଳ ଉପରେ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ। ଗ୍ରାହକଙ୍କ ବିଶ୍ୱାସ ଏବଂ ସ୍ମାର୍ଟ କ୍ରୟକୁ ଏହା ସୁଦୃଢ଼ କରିବ। ଚନ୍ଦ୍ରଶେଖରପୁର ଷ୍ଟୋର ୧୫ ବର୍ଷ ପୂର୍ତ୍ତି ଅବସରରେ ଷ୍ଟୋର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଭୂତି ପ୍ରଦାନ କରୁଛି। ୧୦,୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏ ଷ୍ଟୋର୍‌ରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା ଏବଂ କୁନ୍ଦନ ଓ ପୋଲ୍‌କୀ ଡିଜାଇନ୍‌ରେ ବିସ୍ତୃତ ବର୍ଗର ଆଇକନିକ୍ ତନିସ୍କ କାରିଗରୀକୁ ପ୍ରଦର୍ଶିତ ହୋଇଛି। ସେଲିବ୍ରେଶନ୍‌ର ଅଂଶବିଶେଷ ଷ୍ଟାର୍ ପକ୍ଷରୁ ଏହାର ନୂଆ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍'କୁ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଏମରାଲ୍ଡ, ସିଟ୍ରିନ୍, ଆକ୍ୱାମାରାଇନ୍, ସାଭୋରାଇଟ୍, ମାଲାଚିଟେ, ତାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ସମେତ ଅନ୍ୟାନ୍ୟ ଦାମୀ ଏବଂ ଅର୍ଦ୍ଧ-ଦାମୀ ରତ୍ନପଥରରେ ପ୍ରସ୍ତୁତ ବ୍ୟାପକ ସମ୍ଭାର ଅଣାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ୍ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି। ଏହି ଅବସରରେ ପୁପୁ ହଂସ ଏବଂ ମାନିକ୍ ହଂସ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୨୫- ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା।
- ୧୯୫୧- ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୬୮ - କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ।
- ୨୦୦୬-ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ।



# ରାସ୍ତାରେ ଗାଡ଼ିରୁ ତେଲ ସରିଲେ ଜରିମାନା

ସାଧାରଣତଃ ଦ୍ରୁତଗତିରେ ଗାଡ଼ି ଚାଳନା କିମ୍ବା ହେଲ୍‌ମେଟ୍ ନ ପିନ୍ଧି ଗାଡ଼ି ଚଲାଇଲେ, ଏଥିପାଇଁ ନିୟମ ଅନୁସାରେ ଚାଲାଣ କଟା ହୋଇଥାଏ। ହେଲେ ଗାଡ଼ିରୁ ତେଲ ସରିଗଲେ, ଜରିମାନା ଦେବାକୁ ପଡ଼ିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଜର୍ମାନୀ ଦେଶରେ ଏପରି ଏକ ବିଚିତ୍ର ନିୟମ ରହିଛି। ଜର୍ମାନୀର ଜାତୀୟ ରାଜପଥରେ ଲୋକେ ଦ୍ରୁତ ଗତିରେ ଗାଡ଼ି ଚାଳନା କଲେ ମଧ୍ୟ ଏଥିପାଇଁ କୌଣସି ନିୟମ ନାହିଁ। କିନ୍ତୁ ମଝି ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହାକୁ ଅପରାଧ ବୋଲି ମନାଯାଏ। ଏଥିପାଇଁ ଦଣ୍ଡ ମିଳିବା ସହ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥାଏ। ଅବଶ୍ୟ ଗାଡ଼ିରୁ ତେଲ ସରିଗଲେ କାହିଁକି ସଜା ମିଳେ ସେ ନେଇ କୌଣସି ସ୍ପଷ୍ଟ କାରଣ ନାହିଁ। ସେହିପରି ଏଠାରେ ଅନେକ ଅଜବ ନିୟମ ମଧ୍ୟ ପ୍ରଚଳିତ ହୋଇଥାଏ। କେବଳ ସେତିକି ନୁହେଁ, ଏଠାରେ ଜନ୍ମଦିନ ପୂର୍ବରୁ ମଧ୍ୟ କେହି କାହାକୁ ଆଗୁଆ ଶୁଭେଚ୍ଛା ଜଣାନ୍ତି ନାହିଁ। ଏପରି କରିବାକୁ ସ୍ଥାନୀୟ ଅଞ୍ଚଳରେ ଅଶୁଭ ବୋଲି ବିବେଚନା କରାଯାଏ। ଏଠାରେ ପ୍ରଚଳିତ ନିୟମ ଅନୁଯାୟୀ, ଜନ୍ମଦିନ ହିଁ ଲୋକେ ଶୁଭେଚ୍ଛା ଜଣାଇଥାନ୍ତି। ସେହିପରି ଏଠାରେ ଲୋକମାନେ ଫୋନ୍ ଉଠାଇବା ସମୟରେ ହ୍ୟାଲୋ ନ କହି, ନିଜର ନାମ କହିଥାନ୍ତି। ତେବେ ଜର୍ମାନୀରେ ଏପରି ଅନେକ ଅଜବ ନିୟମ ରହିଛି। ଯାହାକୁ ସ୍ଥାନୀୟ ଲୋକେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି।

# 'ବ୍ୟାଟଲ୍ ଅଫ୍ ଗଲୱାନ୍' ସଲମାନଙ୍କ ହିରୋଇନ୍ ଚିତ୍ରାଙ୍ଗଦା

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍' ସିନେମା ସମ୍ପର୍କରେ ଘୋଷଣା କରିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ସଲମାନ୍‌ଙ୍କ ଫାଷ୍ଟ ଲୁକ୍ ମଧ୍ୟ ଜାରି ହୋଇଛି। ମୋସନ୍ ପୋଷ୍ଟରରେ ସଲମାନ୍‌ଙ୍କ ମୁହଁରେ ରକ୍ତ ଛିଟା ଲାଗିଥିବାବେଳେ ସେ ସୈନିକ ଭାବେ ଦେଖାଯାଇଛନ୍ତି। ସଲମାନ୍‌ଙ୍କର ଏହି ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଅନେକ ଦିନରୁ ଫିଲ୍ମ ନିର୍ମାତା ଏହାର ନାୟିକା ସନ୍ଧାନରେ ଥିଲେ। ଚିତ୍ରାଙ୍ଗଦା ସିଂହ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନାୟିକା ଭାବେ ଦେଖାଯିବେ ବୋଲି ଫାଇନାଲ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଚିତ୍ରାଙ୍ଗଦାଙ୍କ ନାମ ଫିଲ୍ମ ନିର୍ମାତା ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଏଥିରେ ଚିତ୍ରାଙ୍ଗଦା ଅଭିନୟ କରୁଛନ୍ତି ତେବେ ପ୍ରଥମ ଥର ପାଇଁ ସେ ସଲମାନ୍‌ଙ୍କ ସହ ସେ ସ୍କ୍ରିନ୍ ସେୟାର୍ କରିବେ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ୨୦୨୦ ମସିହା ଜୁନ୍ ୧୫-୧୬ ତାରିଖରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ହୋଇଥିବା ଏକ ଭୟଙ୍କର ସଂଘର୍ଷକୁ ଦେଖାଯିବ। ଏହି ଅଞ୍ଚଳରେ ବନ୍ଧୁକ ବ୍ୟବହାର ନିଷିଦ୍ଧ ଥିବାରୁ ସୈନିକମାନେ ଲାଠି, ପଥର ଓ ହାତରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରରେ ସଲମାନ୍ କର୍ଣ୍ଣେଲ ବିକୁମାଲ୍ଲା ସନ୍ତୋଷ ବାବୁଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି, ଯିଏ କି ୨୦୨୦ ମସିହାରେ ଗଲୱାନ୍ ଉପତ୍ୟକାରେ ଚୀନ ସୈନ୍ୟ ସହ ସଂଘର୍ଷରେ ୧୬ ବିହାର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ।




# କୃତ୍ରିମ ରକ୍ତ



ଠିକ୍ ସମୟରେ ରକ୍ତ ନ ମିଳିବା ଯୋଗୁଁ ଅନେକ ଲୋକଙ୍କର ମୃତ୍ୟୁ ହେବା କଥା ସମସ୍ତେ ଜାଣନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବୈଜ୍ଞାନିକମାନେ କୃତ୍ରିମ ରକ୍ତ ବିକଶିତ କରିଛନ୍ତି। ଏହା ଜରୁରିକାଳୀନ ସେବା, ଯୁଦ୍ଧକ୍ଷେତ୍ର ଏବଂ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ରୋଗୀ ସେବା ଦିଗରେ ବୈପ୍ଲବିକ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। ଜାପାନର ନାରା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ କୃତ୍ରିମ ରକ୍ତ ତିଆରି କରିଛନ୍ତି, ଯାହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ଲୋକଙ୍କୁ ଦିଆଯାଇପାରିବ। ତେବେ ଦାନ କରାଯାଇଥିବା ରକ୍ତ ବା ଏକ୍ସପାୟରି ରକ୍ତରୁ ହିମୋଗ୍ଲୋବିନ ବାହାର କରାଯାଏ। ଏହାପରେ ଉକ୍ତ ହିମୋଗ୍ଲୋବିନକୁ ଲିପିଡ୍ ପରସ୍ତରେ ବନ୍ଦ କରି ଛୋଟ ଛୋଟ କୋଷ ତିଆରି କରାଯାଏ। ଏହି କୋଷ ଏତେ ଛୋଟ ହୋଇଥାଏ ଯେ, ତାହା ଶରୀରର ଛୋଟ ଶିରାରେ ମଧ୍ୟ ସହଜରେ ଗତି କରିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହି ରକ୍ତର ଅନେକ ବିଶେଷତ୍ୱ ରହିଛି। ପ୍ରଥମତଃ ଏହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିବିଶେଷଙ୍କୁ ଦିଆଯାଇପାରିବ। ଦ୍ୱିତୀୟତଃ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ନାହିଁ। ଏହାବାଦ୍ ଏଥିରେ କୌଣସି ପ୍ରକାର ସଂକ୍ରମଣର ଭୟ ମଧ୍ୟ ନାହିଁ। ବୈଜ୍ଞାନିକମାନେ ଏହାର ପରୀକ୍ଷା ସଫଳତାପୂର୍ବକ ମୂଷାଠାରେ କରିଛନ୍ତି। ମୂଷାର ୯୦ ପ୍ରତିଶତ ରକ୍ତକୁ କୃତ୍ରିମ ରକ୍ତରେ ରୂପାନ୍ତରିତ କରାଗଲା ଏବଂ ସେମାନଙ୍କ ରକ୍ତଚାପ ଏବଂ ଅମ୍ଳଜାନ ମାତ୍ରା ସାମାନ୍ୟ ଥିବା ଜଣାପଡ଼ିଛି। ଅବଶ୍ୟ ଖୁବ୍ ଶୀଘ୍ର ଏହା ମଣିଷଙ୍କ ଉପରେ ପରୀକ୍ଷା କରାଯିବ। ଏହା ସଫଳ ହେଲେ ୨୦୩୦ ଆଡ଼କୁ ଏହା ଚିକିତ୍ସା ସମୟରେ ବ୍ୟବହାର କରାଯାଇ ପାରିବ। ସେହିପରି ଏହି ପରୀକ୍ଷଣ ସଫଳ ରହିଲେ, ଏହି ଟେକ୍ନିକ୍ ସାରା ଦୁନିଆ ଲାଗି ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# ସମ୍ଭାବନା





## ୧୦ ବର୍ଷରେ ୪ କୋଟି ସଞ୍ଚୟ

**ଜଣେ ଭାରତୀୟ ଯୁବକଙ୍କ କାହାଣୀ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତା'ସହ ତାଙ୍କ କାହାଣୀ ଅନ୍ୟମାନଙ୍କୁ ପ୍ରେରିତ କରିଛି। ୩୪ ବର୍ଷୀୟ ଏହି ଟେକ୍ନୋଲୋଜି ଏକ୍ସପର୍ଟ ୧୦ ବର୍ଷରେ ଚାରି କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏ ଲାଗି ସେ କୌଣସି ଲଟେରି ଖେଳି ନାହାନ୍ତି କିମ୍ବା କାହାରି ସାହାଯ୍ୟ ନେଇ ନାହାନ୍ତି। କେବଳ ନିଜ ପରିଶ୍ରମ, ଅନୁଶାସନ ଏବଂ ଶୃଙ୍ଖଳିତ ତଥା ସରଳ ଜୀବନକୁ ଆପଣାଇ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଥିବା ସେ କହିଛନ୍ତି।**

ନିଜ ଜନ୍ମଦିନରେ ସମ୍ପୃକ୍ତ ଟେକ୍ନୋଲୋଜି ଏକ୍ସପର୍ଟ ଏହି କଥା ସେୟାର୍ କରିଛନ୍ତି। ସେ ଏବେ ୩୪ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହାସହ ତାଙ୍କ ସଞ୍ଚୟ ୪ କୋଟି ଟଙ୍କା ଅତିକ୍ରମ କରିଛି। କେବଳ ୧୦ ବର୍ଷର ଧୈର୍ଯ୍ୟ, ପରିଶ୍ରମ ଓ ଅନୁଶାସନ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ କହନ୍ତି। ତାଙ୍କ ପିଲାଦିନ ଅଭାବ ଅନଟନରେ ବିତିଥିବା ସେ କହିଛନ୍ତି। ତାଙ୍କ ବାପା ଶ୍ରମିକ ହୋଇଥିବାରୁ ଘର ଚଳାଇବା ଆଦୌ ସହଜ ନ ଥିଲା। ସେ ସରକାରୀ ହିନ୍ଦୀ ମାଧ୍ୟମ ସ୍କୁଲରୁ ପାଠପଢ଼ିଛନ୍ତି। ତେବେ ତାଙ୍କ ବାପା ସବୁ ବେଳେ କହି ଆସୁଥିଲେ, ଯେଉଁ ଦିନ ସେ ତାଙ୍କ ପୁଅ ପାଇଁ ପରିଚିତ ହେବେ, ସେଦିନ ତାଙ୍କ ବାପା ଗର୍ବ ଅନୁଭବ କରିବେ। ଏହି କଥା ତାଙ୍କ ଜୀବନର ସବୁଠୁ ବଡ଼ ପ୍ରେରଣା ପାଲଟିଲା।

ସେହିପରି ସେ କମ୍ପ୍ୟୁଟର ସଂସ୍ପର୍ଶରେ ଆସିବାରୁ ତାଙ୍କ ଜୀବନ ବଦଳି ଥିବା କହିଛନ୍ତି। ଭୋକ କ'ଣ ସେ ବୁଝିଛନ୍ତି। ତାଙ୍କ ଭୋକ କେବଳ ପେଟର ଯନ୍ତ୍ରଣାକୁ କମ୍ କରିବା ନ ଥିଲା, ଏହି ଭୋକ ବ୍ରାଣ୍ଡେଡ ଡ୍ରେସ ପିନ୍ଧିବାର ବି ଥିଲା। ଅନ୍ୟପଟେ ୧୦ ବର୍ଷରେ କିଭଳି ସେ ୧୦ କୋଟି ଟଙ୍କା ସଞ୍ଚୟ କରିଛନ୍ତି, ସେକଥା ବି ସେ କହିଛନ୍ତି। ସେ ଜୀବନରେ ଆଗକୁ ବଢ଼ିବା ପାଇଁ ବିଭିନ୍ନ ବହି, ଇଣ୍ଟରନେଟ୍‌ର ଆଦି ସାହାରା ବି ନେଇଛନ୍ତି। ଚାକିରି ସହିତ ପାର୍ଟ ଟାଇମ୍ କାମ କଲେ। ପ୍ରତି ମାସରେ ସଞ୍ଚୟ କରିବା ସହିତ ଖର୍ଚ୍ଚରେ ନିୟନ୍ତ୍ରଣ ଆଣିଲେ। ଗାଡ଼ି କରିବାର ଇଚ୍ଛା ଥିଲା, କିନ୍ତୁ ଘର କରିବାକୁ ତରବର ନ ଥିଲେ। ଆଜି ତାଙ୍କ ପାଖରେ କାର୍ ଓ ବାଇକ୍ ଅଛି। ହେଲେ ନିଜର ଘର ନାହିଁ। ସେ କହନ୍ତି, ତାଙ୍କ ବାପା ତାଙ୍କ ପରିଶ୍ରମକୁ ନେଇ କରିବେ, ସମ୍ପତ୍ତିକୁ ନେଇ ନୁହେଁ। ସେ କହିଛନ୍ତି, ଜୀବନରେ ସଫଳ ହେବା ପାଇଁ ଇଂରାଜି ଜାଣିବା ଜରୁରି ନୁହେଁ, ନିଜ ଭିତରେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ରହିବା ଦରକାର। ଏବେ ତାଙ୍କର ଏହି କାହାଣୀ ତାଙ୍କୁ ରିୟଲ ହିରୋର ପରିଚୟ ପ୍ରଦାନ କରିଛି।

## ବିନା ଇଣ୍ଟରନେଟ୍‌ରେ ଚାଟିଂ

ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ଚାଟିଂ କରିବା ପାଇଁ ଇଣ୍ଟରନେଟ୍ ଲୋଡ଼ା ପଡ଼େ। ହେଲେ ଏଣିକି ଚାଟିଂ ପାଇଁ ଆଉ ଇଣ୍ଟରନେଟ୍‌ର ଦରକାର ନାହିଁ। ଜ୍ୟାକ୍ ଡୋର୍ସିଙ୍କ ନୂଆ ମେସେଜିଂ ଆପ୍ 'ବିଟ୍‌ଚାଟ୍' ର ଏହା ହେଉଛି ବିଶେଷତ୍ୱ। ଏହି ଆପ୍ ବିନା ଇଣ୍ଟରନେଟ୍‌ରେ କାମ କରେ। ତେଣୁ ଇଣ୍ଟରନେଟ୍ ବିନା ଲୋକେ ଇନଷ୍ଟାଣ୍ଟ ମେସେଜିଂର ମଜା ନେଇପାରିବେ। ବିଟ୍‌ଚାଟ୍ ୱେବ୍‌୩ ଏବଂ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଆଧାରିତ। ଏଥିରେ ବ୍ୟବହାରକାରୀଙ୍କ ଡାଟା କୌଣସି ସେଣ୍ଟ୍ରାଲ ସର୍ଭର୍‌ରେ ରହି ନ ଥାଏ। ଏଥିରେ ଇନବିଲ୍ଟ କ୍ରିପ୍ଟୋ ୱାଲେଟ୍, ଏନକ୍ରିପଟେଡ୍ ଚାଟ୍, ଫାଇଲ ସେୟାରିଂ ଏବଂ ବିଜ୍ଞାପନ ନ ଥିବା ଭଳି ଫିଚର୍ସ ରହିଛି। ବ୍ଲୁଟୁଥ୍ ସଂଯୋଗ ଦ୍ୱାରା ଏଥିରେ ଚାଟିଂ କରିବା ସମ୍ଭବ। ଅବଶ୍ୟ ଏହା ସାଧାରଣ ଲୋକଙ୍କ ପାଇଁ ଏବେ ଲଞ୍ଚ ହୋଇ ନାହିଁ। ହେଲେ ଟେକ୍ନୋଲୋଜି ଦୁନିଆରେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆପ୍ ୧୦୦ ମିଟର ପରିଧି ଭିତରେ ରହୁଥିବା ଡିଭାଇସ ପାଇଁ କାମ କରିବ। ଭବିଷ୍ୟତରେ ଏଥିରେ ୱାଇଫାଇ ସପୋର୍ଟ ମିଳିବା କୁହାଯାଉଛି।

## ଘରେ ବସି କରନ୍ତୁ ଚାକିରି



**ସମସ୍ତଙ୍କୁ ଚାକିରି ଜୀବନ ଭଲ ଲାଗେ। ସମୟ ସହିତ ଚାକିରିର ଚାପ ଓ ସମୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଫଳରେ ଚାକିରିରୁ ଧୀରେ ଧୀରେ ମୋହଭଙ୍ଗ ଆରମ୍ଭ ହୁଏ ଏବଂ ଅଫିସ୍ ଯିବାକୁ ଇଚ୍ଛା ହୁଏ ନାହିଁ। କିଛି ଚାକିରି ଏଭଳି ଅଛି, ଯେଉଁଥିରେ ଅଫିସ୍ ଯିବାକୁ ପଡ଼ିବ ନାହିଁ। ଘରେ ବସି କାମ କରିବା ସମ୍ଭବ।**

**କରିକୁଲମ୍ ଡିଜାଇନର:** କରିକୁଲମ୍ ଡିଜାଇନର କାମ ଘରେ ବସି କରିବା ସମ୍ଭବ। ଏହି କାମରେ କୌଣସି କୋର୍ସର ପାଠ୍ୟକ୍ରମ ଡିଜାଇନ କରିବାକୁ ହୋଇଥାଏ।

**କ୍ରିଏଟର ଆସିଷ୍ଟାଣ୍ଟ:** କ୍ରିଏଟର ଆସିଷ୍ଟାଣ୍ଟଙ୍କ କାମ ହେଉଛି ଇମେଲ ପଠାଇବା, କ୍ୟାପସନ ଲେଖିବା ଏବଂ ସୋସିଆଲ ମିଡିଆକୁ ହ୍ୟାଣ୍ଡେଲ କରିବା । ତେଣୁ ଏହି କାମ ମାଧ୍ୟମରେ ଜଣେ ଘରେ ରହି ରୋଜଗାର କରିପାରିବେ।

**କଲଚରାଲ କନସଲଟେଣ୍ଟ:** ଏହି କାମ ଖୁବ୍ ରୋମାଞ୍ଚକ ହୋଇଥାଏ। ଏହି ଚାକିରି ଅଲଗା ଅଲଗା ସ୍ଥାନର ସଂସ୍କୃତିକୁ ବୁଝିବାକୁ ବୁଝାଏ। ଏଥିରେ ପରାମର୍ଶଦାତା ଭାବେ କାମ କରିବାକୁ ହୋଇଥାଏ। ଯାହାକୁ ସହଜରେ ଅଫିସ୍ ନ ଯାଇ ଘରୁ ମଧ୍ୟ କରି ପାରିବେ।

**କମ୍ୟୁନିଟି ମ୍ୟାନେଜର:** କମ୍ୟୁନିଟି ମ୍ୟାନେଜରଙ୍କ କାମ ହେଉଛି ନେଟୱର୍କ ତିଆରି କରିବା। ଏହି ଚାକିରି ପ୍ରତ୍ୟେକ ବ୍ରାଣ୍ଡ ଲାଗି ଘରୁ ମଧ୍ୟ କରାଯାଇପାରିବ।

**କଣ୍ଟେଣ୍ଟ ରାଇଟର:** ଘରେ ବସି ପ୍ରୁଫ୍‌ରିଡର୍, ଏଡିଟର, ବ୍ଲଗର ଏବଂ କଣ୍ଟେଣ୍ଟ ରାଇଟରର କାମ କରି ରୋଜଗାର କରିପାରିବେ। ଏଥିରେ ଅଫିସ୍ ଯାଇ ସେତେ ବେଶି ଚାପ ନେବାକୁ ପଡ଼େ ନାହିଁ।

**ସୋସିଆଲ ମିଡିଆ ହ୍ୟାଣ୍ଡଲିଂ:** ଏହି କାମ ବି ଘରେ ବସି କରିବା ସହଜ। ଏହି କାମରେ ଯେକୌଣସି କମ୍ପାନିର ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରିବାକୁ ହୋଇଥାଏ।

## ଭଲ ନୁହେଁ ଓଭର୍‌ସେୟାରିଂ



ଓଭରସେୟାରିଂର ଅର୍ଥ ହେଉଛି ନିଜର ବ୍ୟକ୍ତିଗତ କଥା ତଥା ଭାବନାକୁ ଆବଶ୍ୟକତାଠୁ ଅଧିକ ଅନ୍ୟମାନଙ୍କ ସହିତ ସେୟାର୍ କରିବା। ବିଶେଷକରି ଯେଉଁ କଥା ସେୟାର୍ କରିବା ଉଚିତ ନୁହେଁ, ସେସବୁକୁ ସେୟାର୍ କରିବା। ଏଭଳି କିଛି କୁହନ୍ତୁ ନାହିଁ, ଯାହାକୁ କହି ପରେ ଅନୁତାପ କିମ୍ବା ଅସୁରକ୍ଷିତ ମନେ କରିବେ। ସେହିପରି ଆବଶ୍ୟକତାଠୁ ଅଧିକ ସେୟାର୍ କରିବା ଦ୍ୱାରା ବ୍ୟକ୍ତିଗତ କଥା ସାମ୍ନାକୁ ଆସେ। ଏହା ଦ୍ୱାରା ବ୍ୟକ୍ତିଗତ ହୋଇ କିଛି ରହେ ନାହିଁ। ଅନ୍ୟପଟେ ସମସ୍ତେ ସବୁ କିଛି ଶୁଣିବାକୁ ଭଲପାଆନ୍ତି ନାହିଁ। ବେଳେ ବେଳେ ଅନ୍ୟମାନେ ମଧ୍ୟ ଅତିରିକ୍ତ କଥା ଶୁଣିବାରେ ଅସହଜ ଅନୁଭବ କରନ୍ତି। ଯଦ୍ୱାରା ନିଜକୁ ଲଜ୍ଜିତ ହେବା ଭଳି ଲାଗେ। ସେହିପରି କାର୍ଯ୍ୟାଳୟରେ ଆବଶ୍ୟକତାଠୁ ବେଶି ବ୍ୟକ୍ତିଗତ କଥା ଆଲୋଚନା କରିବା ବୃତ୍ତିଗତ ବ୍ୟକ୍ତିତ୍ୱ ଉପରେ ଖରାପ ପ୍ରଭାବ ପକାଏ। ଯେଉଁମାନେ ସବୁବେଳେ ବ୍ୟକ୍ତିଗତ କଥା ଆଲୋଚନା କରନ୍ତି, ସେମାନେ ବେଶି ଭରସାଯୋଗ୍ୟ ହୋଇ ନ ଥାନ୍ତି। ତା'ସହ ଏଭଳି ଲୋକ ଦୁର୍ବଳମନା ହୋଇଥାନ୍ତି ବୋଲି କୁହାଯାଏ। ପରିସ୍ଥିତି ଏମିତି ହୁଏ ଆବଶ୍ୟକତାଠୁ ବେଶି ସେୟାର୍ କରୁଥିବା ଲୋକଙ୍କ କଥାକୁ କେହି ଗମ୍ଭୀରତା ସହ ନେଇ ନ ଥାନ୍ତି। ଅନ୍ୟପଟେ ଅନଲାଇନ୍ ଓଭରସେୟାରିଂ ଦ୍ୱାରା ସାଇବରବୁଲିଂର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ଥରେ ଅନଲାଇନ୍‌ରେ କିଛି ସେୟାର୍ କରିବା ଦ୍ୱାରା ସେଥିରେ ଆଉ ନିୟନ୍ତ୍ରଣ ରହେ ନାହିଁ। ଫଳରେ ସେହି ତଥ୍ୟକୁ ଉପଯୋଗ କରାଯାଇ ହଇରାଣ କରାଯାଏ।

● ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ

## ପୁରୁଷ ଓ ମହିଳାରେ ଭାଗନେବେ ୬ ଦଳ

ଲସ୍ ଆଞ୍ଜେଲ୍ସ, ୧୫।୭ (ଏଜେନ୍ସି): ଦୀର୍ଘ ୧୨୮ ବର୍ଷର ବ୍ୟବଧାନ ପରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ କ୍ରିକେଟ୍ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୮ରେ ଆମେରିକାର ଲସ୍ ଆଞ୍ଜେଲ୍ସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ୩୪ତମ ସଂସ୍କରଣରେ କ୍ରିକେଟ୍ ଖେଳାଯିବ। ଏଥିଲାଗି ୨୦୨୮ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କ୍ରିକେଟ୍ କ୍ରୀଡ଼ାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅଲିମ୍ପିକର ଏହି ସଂସ୍କରଣ ଜୁଲାଇ ୧୪ରୁ ଆରମ୍ଭ ହେବ। କିନ୍ତୁ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୨ରୁ କ୍ରିକେଟ୍ ଇଭେଣ୍ଟର ମ୍ୟାଚ୍ ଆରମ୍ଭ ହୋଇଯିବ। ଜୁଲାଇ ୨୯ରେ କ୍ରିକେଟ୍ ମ୍ୟାଚ୍ କାର୍ଯ୍ୟସୂଚୀ ଶେଷ ହେବ। ମହିଳା ବିଭାଗର ଫାଇନାଲ ଓ କାଂସ୍ୟ ପଦକ ମ୍ୟାଚ୍ ଜୁଲାଇ ୨୦ରେ ଓ ପୁରୁଷ ବିଭାଗର ଜୁଲାଇ ୨୯ରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

ଟି-୨୦ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୬ଟି ଦଳ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତ୍ୟେକ ଦଳରେ ୧୫ଜଣ ହିସାବରେ ମୋଟ୍ ୧୮୦ଜଣ ପୁରୁଷ ଓ ମହିଳା କ୍ରିକେଟ୍ ଖେଳାଳି ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକ ଲସ୍ ଆଞ୍ଜେଲ୍ସଠାରୁ ୫୦ କିଲୋମିଟର ଦୂର ପୋମୋନା ସହରର ଫେୟାର ଗ୍ରାଉଣ୍ଡ ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୧୨୮ ବର୍ଷ ତଳେ ୧୯୦୦ ମସିହାରେ ପ୍ୟାରିସରେ ଆୟୋଜିତ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ପ୍ରଥମଓ ଶେଷଥର ସାମିଲ କରାଯାଇଥିଲା। ଏଥିରେ ୨ଟି ଦଳ ଗ୍ରେଟ୍ ବ୍ରିଟେ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବିଟେନ ଏଥିରେ ସ୍ୱର୍ଣ୍ଣପଦକ ଜିତିଥିଲା।

## ଷ୍ଟୋକ୍ସ: ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଲର୍ଡ୍ସ,୧୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଇଂଲଣ୍ଡ ଅଧିନାୟକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଏହି ପୁରସ୍କାର ସର୍ବାଧିକ ୪ଥର ଜିତିଛନ୍ତି। ଏହି ମ୍ୟାଚ୍‌ରେ ସେ ୭୭ ରନ୍, ୫ ୱିକେଟ ନେବା ସହ ପନ୍ତଙ୍କୁ ରନ୍‌ଆଉଟ କରିଥିଲେ। ସେହିପରି ୨୦୧୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ସେ ୧୯୩ ରନ୍ ଓ ୩ ୱିକେଟ, ୨୦୧୭ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ୬୦ ରନ୍ କରିବା ସହ ୬ ୱିକେଟ, ୨୦୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୧୨୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ଷ୍ଟୋକ୍ସ ରେକର୍ଡ କରିଛନ୍ତି।

# ଲର୍ଡ୍ସରେ କାହିଁକି ହାରିଲା ଭାରତ

ଲର୍ଡ୍ସ,୧୫।୭ (ଏଜେନ୍ସି)



ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨୨ ରନ୍‌ରେ ହାରିଛି ଭାରତ। ଏତେ ଭଲ ଖେଳ, ପ୍ରଭାବୀ ପ୍ରଦର୍ଶନ ଓ ଲଢ଼େଇ କରିବା ପରେ ମଧ୍ୟ ଦଳର ପରାଜୟ ଖେଳାଳି ଓ ସମର୍ଥକଙ୍କୁ କରିଛି ନିରାଶ। ଏପରି ଅବସ୍ଥାରେ ଭାରତ କାହିଁକି ହାରିଲା ତାହାର କାରଣ ଖୋଜା ଚାଲିଛି। ସମସ୍ତ ବିଭାଗରେ ପ୍ରଭାବ ଖେଳିଥିଲେ ମଧ୍ୟ ଆଉ କିଛି ବାଉଣ୍ଡରୀ ମିଳିଥିଲେ ଆମେ ଏହି ମ୍ୟାଚ୍ ଜିତିପାରିଥାନ୍ତୁ ବୋଲି କହିଛନ୍ତି ଭାରତର ଅଧିନାୟକ ଶୁବମନ ଗିଲ୍। କିନ୍ତୁ ପରାଜୟର କାରଣ କ'ଣ ଏହା ହୋଇପାରେ। ଇଂଲଣ୍ଡ ଦଳ ଯେପରି ଉତ୍ସାହ ନେଇ ଏହି ମ୍ୟାଚ୍ ଖେଳିଥିଲା ତାହା କ'ଣ ଭାରତୀୟଙ୍କ ପାଖରେ ରହିଥିଲା କି? ଖେଳାଳିମାନେ ସଟ୍ ଚୟନରେ ନିୟନ୍ତ୍ରଣ ରଖିପାରିଥିଲେ କି? ନିଷ୍ପତ୍ତି ନେବାରେ କିଛି ଖେଳାଳି ତ୍ରୁଟି କରି ନ ଥିଲେ କି? ଏଭଳି ଅନେକ ପ୍ରଶ୍ନର ଉତ୍ତର ପାଇଲେ ଭାରତୀୟ ଦଳର ରୋମାଞ୍ଚକ ପରାଜୟର କାରଣ ମିଳିଯିବ। ଭାରତ ଏହି ମ୍ୟାଚ୍ ହାରିଛି ସତ, କିନ୍ତୁ ପରବର୍ତ୍ତୀ ଦୁଇଟି ଟେଷ୍ଟ ଯେ, ଲଢ଼େଇ ନହେବ ତାହା କିଏ କହିବ। ଜୁଲାଇ ୨୩ରୁ ଚତୁର୍ଥ ଟେଷ୍ଟ ଖେଳାଯିବ। ଏବେ ଇଂଲଣ୍ଡ ପ୍ରଥମ ଓ ତୃତୀୟ ଟେଷ୍ଟରେ ବିଜୟୀ ହୋଇଛି। ଦ୍ୱିତୀୟ ଟେଷ୍ଟ କବ୍‌ଜା କରିଛି ଭାରତ। ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଭାରତ ହାରିଥିବା ଦୁଇଟି ଯାକ ମ୍ୟାଚ୍‌କୁ ହାତଛଡ଼ା କରିଥିଲା। ଖେଳାଳିଙ୍କ ମନରେ ଅଧିକ ଉତ୍ସାହ ନ ଆସିଲେ, ଏହି ସିରିଜ୍ ଯେ ହାତଛଡା ହୋଇ ନ ଯିବ ତାହା କିଏ କହିବ?

ଭାରତୀୟ ଦଳର କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦ୍ୱିତୀୟ ଇନିଂସରେ କରୁନ ନାୟାର ବଲ୍ ଛାଡି ଏଲ୍‌ବିଡବ୍ଲ୍ୟୁ ହେବା, ଶୁବମନ ଗିଲ୍ ଅଯଥାରେ ବିବାଦ ସୃଷ୍ଟିକରିବା, ଇଂଲଣ୍ଡ ଖେଳାଳିଙ୍କୁ ସ୍ଲେଜିଂ କରିବାକୁ ଉତ୍ସାହିତ କରିବା ଆଦି ଘଟଣା ଭାରତ ସପକ୍ଷରେ ଯାଇନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ, ଯାହା ଭାରତୀୟ ମାନେ କରି ସମ୍ଭାଳି ନ ପାରିବେ ତାହା ଏହି ଟେଷ୍ଟରେ କରିବାକୁ ପଛାଇନାହାନ୍ତି। ଏଣୁ ଇଂଲଣ୍ଡର ବ୍ୟୁହରେ ଭାରତୀୟ ଖେଳାଳି ଫସିବାରେ ସମର୍ଥ ହୋଇଛନ୍ତି। ୮୨ ରନ୍‌ରେ ଦଳ ୭ମ ଓ ୧୧୨ ରନ୍‌ରେ ୮ମ ୱିକେଟ ହରାଇବା ପରେ ରବୀନ୍ଦ୍ର ଜାଡେଜାଙ୍କ ସହ ବ୍ୟାଟିଂ କରିବାକୁ ଆସିଥିଲେ। ସେ ଅତ୍ୟନ୍ତ ସତର୍କତାର ସହ ଖେଳି ଇଂଲଣ୍ଡକୁ ନିରାଶ କରିବା ସହ ଭାରତୀୟ ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ତାଙ୍କୁ ଆଉଟ କରିବାକୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବ୍ୟୁହ ରଚନା କରିଥିଲେ। ସେ କୌଣସି ସଟ୍ ଖେଳିବାରୁ ବିରତ ରହିଥିଲେ ମଧ୍ୟ ସର୍ଟପିଚ୍ ବଲ୍‌କୁ ଖେଳିବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ତାଙ୍କୁ କେବଳ ସର୍ଟପିଚ୍ ବଲ ପକାଇଥିଲେ ଷ୍ଟୋକ୍ସ। ଏହା ଫଳରେ ବୁମ୍‌ରା ସଟ୍ ମାରିବାକୁ ଯାଇ ଧରା ପଡ଼ିଥିଲେ ଓ ଭାରତ ବିଜୟ ଆଶା ଛାଡିଦେଇଥିଲା। ସିରାଜ ଯେତେ ଭଲ ଖେଳିଥିଲେ ମଧ୍ୟ ସେ କିଛି ନା କିଛି ତ୍ରୁଟି କରିବେ ବୋଲି ଆଶଙ୍କା ରହିଥିଲା। କିନ୍ତୁ ଏହା ସେ କରି ନ ଥିଲେ ମଧ୍ୟ ରକ୍ଷଣାତ୍ମକ ଭାବେ ଖେଳିଥିବା ବଲ୍ ଅତି ସହଜରେ ଖେଳିଥିବାରୁ ତାହା ଧୀରେ ଧୀରେ ଡ୍ରପ୍ ହୋଇ ସିରାଜଙ୍କ ଲେଗ୍ ଷ୍ଟମ୍ପ୍ ଭାଙ୍ଗିଦେଇଥିଲା। ଏହି ଷ୍ଟମ୍ପ ଭାଙ୍ଗିବା ସହ ଇଂଲଣ୍ଡ ଖେଳାଳି ମାନେ ବିଜୟ ଉତ୍ସବରେ ମନୋନିବେଶ କରିଥିଲେ।

ଏହା ବ୍ୟତୀତ ଭାରତର ହାରିବାରେ ଦୁଇଟି ବଡ଼ କାରଣ ରହିଛି। ଏହା ମଧ୍ୟରୁ ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ବଲ ପରିବର୍ତ୍ତନ। ଏହି ସମୟରେ ବୁମ୍‌ରା ଚମତ୍କାର ବୋଲିଂ କରି ୩ଟି ୱିକେଟ ନେଇଥିଲେ। ଇଂଲଣ୍ଡ ୪ ୱିକେଟରେ ୨୬୦ରୁ ୭ ୱିକେଟରେ ୨୭୧ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ବଲ ପରିବର୍ତ୍ତନ କରାଯିବା ଫଳରେ ବ୍ରାଉଡନ କାର୍ସଙ୍କ ନେତୃତ୍ୱରେ ଇଂଲଣ୍ଡର ନିମ୍ନଭାଗ ଭଲ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୩୮୭ ଯାଏ ନେଇଯାଇଥିଲେ। ଏହି ବଲ ପରିବର୍ତ୍ତରେ ପୂରା ଖୁସି ନ ଥିଲେ ଭାରତୀୟ ଦଳର ଖେଳାଳିମାନେ।

ଦ୍ୱିତୀୟଟି ହେଲା ଋଷଭ ପନ୍ତଙ୍କ ରନ୍‌ଆଉଟ। ଭାରତର ପ୍ରଥମ ଇନିଂସରେ ରାହୁଲ ଓ ପନ୍ତ୍ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଲଞ୍ଚ ପୂର୍ବରୁ ପନ୍ତ୍ ଏକ କଷ୍ଟସାଦ୍ଧ ବା ବିପଜ୍ଜନକ ରନ୍ ନେବାକୁ ଚେଷ୍ଟା କରିଥିଲେ। ଏହା ସୁଫଳ ମିଳିଥିଲା ଇଂଲଣ୍ଡକୁ। ଏହି ସମୟରେ ବୋଲିଂ କରୁଥିବା ଷ୍ଟୋକ୍ସଙ୍କ ଡାଇରେକ୍ଟ ଥ୍ରୋ'ରେ ରନ୍‌ଆଉଟ ହୋଇଥିଲେ ପନ୍ତ୍। ଅତି ସହଜରେ ବ୍ୟାଟିଂ କରୁଥିବା ଏହି ଯୋଡି ଭାଙ୍ଗିବା ପରେ ସବୁକିଛି ବଦଳିଯାଇଥିଲା।

ଖେଳ ହେଉ ଅବା ଅନ୍ୟକିଛି ଘଟଣାରେ ତ୍ରୁଟି ରହିବା ସ୍ୱାଭାବିକ୍। କିନ୍ତୁ ଏହାକୁ ସୁଧାରିବାରେ ଶ୍ରେଷ୍ଠ ଖେଳାଳିମାନେ ନିଜକୁ ଚେଷ୍ଟା କରିଥାନ୍ତି। ଏବେ ଚଳିତ ସିରିଜ୍‌ରେ ବାକିଥିବା ଦୁଇଟି ଟେଷ୍ଟରେ ଭାରତୀୟ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଉପରେ ଭାରତୀୟ ଦଳର ସିରିଜ୍ ବିଜୟ ନିର୍ଭର କରୁଛି।


## ଜାପାନ ଓପନ୍: ଆରମ୍ଭରୁ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ବିଦା

ଭୁବନେଶ୍ୱର, ୧୫।୭ (ସମିସ): ଟୋକିଓରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣାଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ୧୩-୨୧, ୭-୨୧ ସିଧାସଳଖ ଗେମ୍‌ରେ ଘରୋଇ ଜାପାନ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱଜୋଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

ଟେଷ୍ଟ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର

## ୱେଷ୍ଟଇଣ୍ଡିଜ ୨୭ରେ ଅଲ୍‌ଆଉଟ୍

କିଙ୍ଗ୍‌ସଟନ୍, ୧୫।୭ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ ସାବିନା ପାର୍କରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ମାତ୍ର ୨୭ ରନରେ ଅଲ୍‌ଆଉଟ୍ ହୋଇଛି। ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ରେକର୍ଡ ୬ ୱିକେଟ୍ ସଫଳତା ଓ ସ୍କଟ୍ ବୋଲାଣ୍ଡଙ୍କ ହ୍ୟାଟ୍ରିକ ଯୋଗୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ୧୭୬ ରନରେ ଜିତିବା ସହ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଯଥାକ୍ରମେ ୧୫୯ ରନ ଓ ୧୩୩ ରନରେ ବିଜୟୀ ହୋଇଥିଲା।



ମିଚେଲ ଷ୍ଟାର୍କ
୭.୩-୪-୯-୬



ସ୍କଟ୍ ବୋଲାଣ୍ଡ
୨-୧-୨-୩

ପିଙ୍କ୍ ବଲ୍ ଓ ଦିବା-ରାତ୍ର ବିଶିଷ୍ଟ ଏହି ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଦତ୍ତ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ତୃତୀୟ ଦିବସରେ ଦ୍ୱିତୀୟ ପାଳିରେ ମାତ୍ର ୧୪.୩ ଓଭର ଖେଳି ୨୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୭ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଷ୍ଟିନ ଗ୍ରେଭସ ସର୍ବାଧିକ ୧୧ ରନ କରିଥିଲେ। ୱେଷ୍ଟଇଣ୍ଡିଜ ଅଳ୍ପକେ ଟେଷ୍ଟ ଇତିହାସର ସର୍ବନିମ୍ନ ସ୍କୋର ଭଳି ଅଲୋଡ଼ା ରେକର୍ଡରୁ ବର୍ତ୍ତିଯାଇଛି। ୧୯୫୫ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ମାତ୍ର ୨୬ ରନରେ ଅଲ୍‌ଆଉଟ୍ ହୋଇ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ରହିଛି। ସେହିଭଳି ଷ୍ଟାର୍କ ଟେଷ୍ଟ କ୍ରିକେଟ୍‌ରେ ସବୁଠୁ କମ୍ ବଲ୍ ପକାଇ ୫ ୱିକେଟ୍ ସଫଳତା ପାଇଛନ୍ତି। ସେ ଦ୍ୱିତୀୟ ପାଳିରେ ବୋଲିଂ କରିଥିବା ପ୍ରଥମ ୧୫ଟି ବଲରେ ୱେଷ୍ଟଇଣ୍ଡିଜର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ପୂର୍ବରୁ ଏର୍ନି ତୋସହାକ (ବନାମ ଭାରତ, ୧୯୪୭), ଷ୍ଟୁଆର୍ଟ ବ୍ରଡ୍ (ବନାମ ଅଷ୍ଟ୍ରେଲିଆ ୨୦୧୫) ଓ ସ୍କଟ୍ ବୋଲାଣ୍ଡ (ବନାମ ଇଂଲଣ୍ଡ, ୨୦୨୧) ପ୍ରତ୍ୟେକ ପାଳିରେ ୧୯ଟି ବଲ୍ ପକାଇଥିବାବେଳେ ୫ ୱିକେଟ୍ ସଫଳତା ପାଇଥିଲେ। ୱେଷ୍ଟଇଣ୍ଡିଜ ୨ୟ ପାଳିର ପ୍ରଥମ ଓଭରରେ ଷ୍ଟାର୍କ ୩ଟି ୱିକେଟ ନେଇଥିଲେ। ଇର୍ଫାନ ପଠାନଙ୍କ ପରେ ସେ ବିଶ୍ୱର ୨ୟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ପାଳିର ପ୍ରଥମ ଓଭରରେ ୩ଜଣଙ୍କୁ ଆଉଟ୍ କରିଛନ୍ତି। ଏହିକ୍ରମରେ ଷ୍ଟାର୍କ ମଧ୍ୟ ଟେଷ୍ଟରେ ୪୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି।

**ଟେଷ୍ଟରେ ସର୍ବନିମ୍ନ ସ୍କୋର**

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୨୬ | ୨୭.୦ | ଇଂଲଣ୍ଡ | ୧୯୫୫ |
| ୱେଷ୍ଟଇଣ୍ଡିଜ | ୨୭ | ୧୪.୩ | ଅଷ୍ଟ୍ରେଲିଆ | ୨୦୨୫ |
| ଦ.ଆଫ୍ରିକା | ୩୦ | ୧୮.୪ | ଇଂଲଣ୍ଡ | ୧୮୯୬ |
| ଦ.ଆଫ୍ରିକା | ୩୦ | ୧୨.୩ | ଇଂଲଣ୍ଡ | ୧୯୨୪ |
| ଦ.ଆଫ୍ରିକା | ୩୫ | ୨୨.୪ | ଇଂଲଣ୍ଡ | ୧୮୯୯ |
| ଦ.ଆଫ୍ରିକା | ୩୬ | ୨୩.୨ | ଅଷ୍ଟ୍ରେଲିଆ | ୧୯୩୨ |
| ଅଷ୍ଟ୍ରେଲିଆ | ୩୬ | ୨୩.୦ | ଇଂଲଣ୍ଡ | ୧୯୦୨ |
| ଭାରତ | ୩୬ | ୨୧.୨ | ଅଷ୍ଟ୍ରେଲିଆ | ୨୦୨୦ |
| ଆୟର୍ଲାଣ୍ଡ | ୩୮ | ୧୫.୪ | ଇଂଲଣ୍ଡ | ୨୦୧୯ |
| ନ୍ୟୁଜିଲାଣ୍ଡ | ୪୨ | ୩୯.୦ | ଅଷ୍ଟ୍ରେଲିଆ | ୧୯୪୬ |

ବି.ଦ୍ର: ୧୮୯୬ ଓ ୧୮୯୯ରେ ଦ.ଆଫ୍ରିକା ଖେଳିଥିବା ଟେଷ୍ଟରେ ଓଭରରେ ୫ଟି ବଲ୍ ବୋଲିଂ ହେଉଥିଲା।

## ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଦଳରୁ ବାଦ୍ ପଡ଼ିଲେ ବସିର୍



ଲିଆମ ଡାଓସନ

ଲର୍ଡ୍ସ,୧୫।୭ (ଏଜେନ୍ସି): ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଏକ ୧୪ଜଣିଆ ଦଳ ଘୋଷଣା କରିଛି। ପୂର୍ବରୁ ଘୋଷିତ ଦଳରରୁ ଆଙ୍ଗୁଠି ଭାଙ୍ଗିଥିବା ସ୍ପିନର ସୋଏବ ବସିର, ଜେମି ଓଭରଟନ ଓ ସାମ୍ କୁକ୍‌ଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ କେବଳ ଜଣେ ସ୍ପିନର ବାମହାତୀ ଲିଆମ ଡାଓସନଙ୍କୁ ଦଳରେ ସାମିଲ କରାଯାଇଛି। ଜୁଲାଇ ୨୦୧୭ରେ ଦକ୍ଷିଣ ଆଫ୍ରିକା ସହ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିବା ଡାଓସନ ଗତ ଦୁଇଟି କାଉଣ୍ଟି ସିଜନରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୫ ବର୍ଷୀୟ ଡାଓସନ ଏଯାଏ ୩ଟି ଟେଷ୍ଟ ଖେଳି ୭ଟି ୱିକେଟ ଅକ୍ତିଆର କରିଛନ୍ତି। ଦଳର ଦୁଇ ଫାଷ୍ଟ ବୋଲର ଓଭରଟନ ଓ କୁକ୍ ଏବେ ନିଜ ନିଜର ଟିମ୍ ପକ୍ଷରୁ କାଉଣ୍ଟି ଖେଳିବାକୁ ଛାଡି ଦିଆଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ତୃତୀୟ ଟେଷ୍ଟ ଶେଷସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୩ରୁ ଖେଳାଯିବ। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଏହି ମ୍ୟାଚ୍ ଜୁଲାଇ ୨୭ ଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଇଂଲଣ୍ଡ ଦଳ**

ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ଜୋଫ୍ରା ଆର୍ଚର, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ଗସ୍ ଆଟକିନସନ, ଜ୍ୟାକବ ବେଥେଲ ଓ ଲିଆମ ଡାଓସନ।

ସର୍ବଭାରତୀୟ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

## ମହିଳାରେ ଇଶାରାଣୀ, ପୁରୁଷରେ ଗିନ୍‌ପଲ୍ ଚାମ୍ପିଅନ

ଭୁବନେଶ୍ୱର,୧୫।୭ (ସମିସ):




କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନ୍ୟାସନାଲ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ଏକକରେ ଆସାମର ଇଶାରାଣୀ ବରୁଆ ଓ ପୁରୁଷ ଏକକରେ ଦିଲ୍ଲୀର ଏସ୍ ଗିନ୍‌ପଲ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ଫାଇନାଲରେ ତୃତୀୟ ସିଡ୍ ଇଶାରାଣୀ ୨୩-୨୧, ୨୧-୧୦ରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସି ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ଫାଇନାଲରେ ଏକାଦଶ ସିଡ୍ ଦିଲ୍ଲୀର ଏସ୍ ଗିନ୍‌ପଲ ୨୧-୧୭, ୨୧-୧୬ରେ ୧୫ତମ ସିଡ୍ ମନରାଜ ସିଂଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ।

ପୂର୍ବରୁ ଖେଳାଯାଇଥିବା ମହିଳା ଯୁଗଳରେ ଦ୍ୱିତୀୟ ସିଡ୍ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍‌ଙ୍କ ଯୋଡି ୨୧-୧୩, ୧୮-୨୧, ୨୧-୯ରେ ଉତ୍ତରାଖଣ୍ଡର ଅନନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ପୁରୁଷ ଯୁଗଳରେ ଉତ୍ତରାଖଣ୍ଡର ଧ୍ରୁବ ରାଓ୍ୱତ ଓ ଆସାମର ସୁରଜ ଗୋଆଲା, ମିଶ୍ରିତ ଯୁଗଳରେ କର୍ଣ୍ଣାଟକର ନିତୀନ ଏଚ୍‌ଭି ଓ ତାମିଲନାଡୁର ଶ୍ରୀନାଧି ଏନ୍‌ଙ୍କ ଯୋଡି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

ଭାରତୀୟ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଜୁଲାଇ ୮ରୁ ଆରମ୍ଭ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ବିଏମ୍‌ସି କମିଶନର ତଥା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକଙ୍କ ପକ୍ଷରୁ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ଡ୍ର ଅଭିମୁଖେ ପ୍ରଥମ ୟୁଥ୍ ଟେଷ୍ଟ

ବେକେନହାମ୍, ୧୫।୭ (ଏଜେନ୍ସି): ଏଠାରେ ଚାଲିଥିବା ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚରେ ଭାରତ ୩୫୦ ରନର ଲକ୍ଷ୍ୟ ଘରୋଇ ଇଂଲଣ୍ଡ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଇଂଲଣ୍ଡ ଅନ୍ତିମ ତଥା ୪ର୍ଥ ଦିବସ ଶେଷ ଖବର ସୁଦ୍ଧା ଦ୍ୱିତୀୟ ପାଳିରେ ୨୪ ଓଭରରେ ୩ ୱିକେଟ୍ ହରାଇ ୯୭ ରନ ସଂଗ୍ରହ କରିଛି। ଦୁଇ ପୂର୍ବତନ ମହାନ ଖେଳାଳି ମାଇକେଲ୍ ଭନ୍ ଓ ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ଯଥାକ୍ରମେ ଆର୍ଚି ଭନ ଓ ରକି ଫ୍ଲିଣ୍ଟଫ୍ ୨ୟ ପାଳିରେ ନିରାଶ କରିଛନ୍ତି। ଓପନିଂ ଆସିଥିବା ଆର୍ଚି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରକି ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ହାମଜା ଶେଖ୍ ୫୨ ଓ ବେନ୍ ମେଇସ୍ ୧୨ ରନରେ ଖେଳୁଛନ୍ତି। ଅନ୍ତିମ ଦିବସରେ ଆଉ ୩୯ ଓଭର ଖେଳ ବାକି ରହିଥିବାରୁ ମ୍ୟାଚ୍ ଡ୍ର ରହିବାର ସମ୍ଭାବନା ରହିଛି। ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତ ପ୍ରଥମ ପାଳିରେ ୫୪୦ ଓ ଇଂଲଣ୍ଡ ୪୩୯ ରନରେ ସୀମିତ ରହିଥିଲା। ଭାରତ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା।

## ଆଜିଠୁ ଭାରତ-ଇଂଲଣ୍ଡ ମହିଳା ଦିନିକିଆ ସିରିଜ୍

ସାଉଥାମ୍ପଟନ, ୧୫।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାରଠାରୁ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି। ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ମହିଳା ଦଳ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଟି-୨୦ ସିରିଜକୁ ୩-୨ରେ ଜିତିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ କରିଛି। ଏହି ପ୍ରଦର୍ଶନକୁ ଭାରତ ଦିନିକିଆ ସିରିଜରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହର୍‌ମନପ୍ରୀତ୍‌ଙ୍କ ସହ ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ, ସ୍ନେହ ରାଣାଙ୍କ ପରି ଅଭିଜ୍ଞ ଖେଳାଳି ଭାରତୀୟ ଦଳରେ ରହିଥିବାରୁ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ନାଟାଲୀ ସ୍କିଭର ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟି-୨୦ ପରାଜୟର ପ୍ରତିଶୋଧ ଦିନିକିଆ ସିରିଜରେ ନେବାକୁ ଲକ୍ଷ୍ୟ ରଖିଛି। ଦୁଇ ଦଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭୬ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଇଂଲଣ୍ଡ ୪୦ ଓ ଭାରତ ୩୪ ମ୍ୟାଚରେ ବିଜୟୀ ହୋଇଛି। ଅପରାହ୍ଣ ୫ଟା ୩୦ରେ ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ହେବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS